



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-329 • BHUBANESWAR • WEDNESDAY • 28 MAY 2025 • PAGE-12 • ₹ 6.00 | JEYPORE | • ବର୍ଷ-୪୨ • ସଂଖ୍ୟା-୩୨୯ • ଭୁବନେଶ୍ୱର • ବୁଧବାର • ୨୮ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦





# ମୌସୁମୀକୁ ବାଟ କଢ଼ାଉଛି ଲଘୁଚାପ

ଭୁବନେଶ୍ୱର,୨୭।୫(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ମୌସୁମୀ ଋତୁର ପ୍ରଥମ ଲଘୁଚାପ। ଏହି ଲଘୁଚାପ ରାଜ୍ୟରେ ବର୍ଷା ଆରମ୍ଭ କରାଇଥିବା ବେଳେ ଏହା ମୌସୁମୀକୁ ମଧ୍ୟ ଓଡ଼ିଶାକୁ ଟାଣି ଆଣିବ। ଫଳରେ ଆସନ୍ତା ୩-୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହେବ। ଅନ୍ୟପଟେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହେବାକୁ ଥିବାରୁ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆଗାମୀ ୩-୪ ଦିନ ଯାଏଁ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଲଘୁଚାପ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ହେବ। ଆଗାମୀ ୨-୩ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି। ଏହାସହ ମୌସୁମୀ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, ଓଡ଼ିଶାର କିଛି ଅଂଶ, ମହାରାଷ୍ଟ୍ରର ଆହୁରି କିଛି ଅଂଶ, କର୍ଣ୍ଣାଟକର ଅବଶିଷ୍ଟ ଅଂଶ, ତେଲେଙ୍ଗାନାର ୩୦ ମିମି, ଭବାନୀପାଟଣାରେ ୨୯ ମିମି, ସମ୍ବଲପୁରରେ ୨୬ମିମି, ଦାରିଙ୍ଗବାଡ଼ିରେ ୨୮ ମିମି, ଚାନ୍ଦବାଲିରେ ୧୬ ମିମି ଓ ଭଦ୍ରକରେ ୧୯ ମିମି ବର୍ଷା ରେକର୍ଡ କରାଯାଇଛି। ବୁଧବାରଠାରୁ ବର୍ଷା ସହ ପବନର ବେଗ ବଢ଼ିବାର ସମ୍ଭାବନା ରହିଛି। ବିଶେଷକରି ପୁରୀ, କଟକ, ଜଗତସିଂହପୁର, ରାୟଗଡ଼ା, କୋରାପୁଟ ସାରା ରାଜ୍ୟରେ ବୃଷ୍ଟିପାତ ହୋଇପାରେ ଏବଂ ବିଶେଷକରି ଉପକୂଳ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ପ୍ରବଳତର ବୃଷ୍ଟିପାତ ଅନୁଭୂତ ହେବାର ସମ୍ଭାବନା ରହିଛି। ଏହାସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି।

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ
- ଗୁରୁବାର ସୁଦ୍ଧା ଓଡ଼ିଶା ଛୁଇଁବ ମୌସୁମୀ
- ୩୧ ପର୍ଯ୍ୟନ୍ତ ଜାରି ରହିବ ବର୍ଷା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା, ସତର୍କ କରାଇଲେ ଏସ୍ଆରସି



ଏନେଇ ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳ ସାଢ଼େ ୮ଟାରେ ଓଡ଼ିଶା ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ଉତ୍ତର ଦିଗ ଆଡ଼କୁ ଗତି କରିବ ଏବଂ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ। କିଛି ଅଂଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରର କିଛି ଅଂଶ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅବଶିଷ୍ଟ ଅଂଶ, ପଶ୍ଚିମବଙ୍ଗ ଏବଂ ସିକିମର କିଛି ଅଂଶରେ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ପ୍ରାକ୍ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଭାରି ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ପାରାଦୀପରେ ଜିଲ୍ଲା ବର୍ଷାର ପ୍ରଭାବ ଅଧିକ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଏହି ଲଘୁଚାପ ଅବପାତରେ ପରିଣତ ହୋଇପାରେ। ଏହା ପ୍ରଭାବରେ

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୩୧ ତାରିଖ ଯାଏଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏହାସହ ବର୍ଷା ସ୍ଥିତି ନେଇ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ନିର୍ଦ୍ଦେଶ ଦେଇଛନ୍ତି। ବଜ୍ରପାତ ଅଘଟଣ ଏଡ଼ାଇବାକୁ ଲୋକଙ୍କୁ ସଚେତନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଛି। କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ମଧ୍ୟ ଏସ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି।

# ପୁଲିସ ଗୁଇନ୍ଦା ବିଫଳ
# ଦେଢ଼ ଟନ୍ ବିସ୍ଫୋରକ ଲୁଟିଲେ ମାଓବାଦୀ

ରାଉରକେଲା,୨୭।୫(ସମିସ) : କିଛି ବର୍ଷର ନିରବତା ପରେ ପୁଣି ମାଓବାଦୀଙ୍କ ଉତ୍ପାତ। ସ୍ପଷ୍ଟ ଦିବାଲୋକରେ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ଦେଢ଼ ଟନ୍ ବିସ୍ଫୋରକ ବୋଝେଇ ଏକ ଟ୍ରକ୍‌କୁ ଲୁଟ୍ କରିଛନ୍ତି। ବିସ୍ଫୋରକ ଟ୍ରକ୍ ଲୁଟ୍ ଘଟଣାର ସାତ ଘଣ୍ଟା ପରେ ଟ୍ରକ ଚାଳକକୁ ଛାଡ଼ି ଦେଇଥିବା ଜଣାପଡିଛି। ମାଓବାଦୀଙ୍କ ଏତାଦୃଶ ଆତଙ୍କରାଜ ଘଟଣା ପୁଲିସର ଗୁଇନ୍ଦା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋଇ ନିକଟ ଲଙ୍ଗଳକଟା ଅଞ୍ଚଳରେ।

ସୂଚନା ମୁତାବକ କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋ ନିକଟ ଲଙ୍ଗଳକଟା ଅଞ୍ଚଳରେ ଥିବା ଏକ ପଥରକ୍ୱାରୀକୁ ବ୍ଲାଷ୍ଟିଂ ପାଇଁ ଏକ ବିସ୍ଫୋରକ ସାମଗ୍ରୀ (ଡିନାମାଇଟ) ବୋଝେଇ ଗାଡ଼ି ଯାଉଥିଲା। ପୂର୍ବ ଯୋଜନା ମୁତାବକ ଲଙ୍ଗଳକଟା ଜଙ୍ଗଲରେ ଲୁଚି ରହିଥିବା ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ମଙ୍ଗଳବାର ମଧ୍ୟାହ୍ନରେ ଉକ୍ତ ଟ୍ରକକୁ ଅଟକାଇ ବନ୍ଧୁକ ମୁନରେ ଚାଳକ ସହ ବିସ୍ଫୋରକ ବୋଝାଟେଇ ଟ୍ରକକୁ ଅପହରଣ କରି ଝାଡ଼ଖଣ୍ଡ ଆଡେ ନେଇଯାଇଥିଲେ। ଅପହୃତ ଟ୍ରକ୍ ଚାଳକକୁ ପୁନର୍ବାର ଲଙ୍ଗଳକଟା ଜଙ୍ଗଲରେ ଛାଡି ଦେଇ ମାଓବାଦୀମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେପଟେ ମାଓବାଦୀଙ୍କ କବଳରୁ ମୁକୁଳି ଟ୍ରକ୍ ଚାଳକ ଚାଲି ଚାଲି କେ.ବଲାଙ୍ଗ ଥାନାରେ ପହଁଞ୍ଚିବା ପୁଲିସକୁ ସମସ୍ତ ଘଟଣା ବଖାଣିବା ପରେ ପୁଲିସ ତନାଘନା ଚଳାଇଥିବା ସୂଚନା ମିଳିଛି। ତେବେ ରାତିରେ ସୁରକ୍ଷା ଦୃଷ୍ଟିରୁ ପୁଲିସ ଘଟଣାସ୍ଥଳକୁ ନ ଯାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଛାନଭିନ୍ ଆରମ୍ଭ କରିଛି। ଏହି କାର୍ଯ୍ୟ ଛୋଟନାଗପୁର ମାଓବାଦୀ ଡିଭିଜନର ବୋଲି ସନ୍ଦେହ କରାଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠିଛି ଯେ ଏତେ ପରିମାଣର ବିସ୍ଫୋରକ ସାମଗ୍ରୀକୁ ବିନା କୌଣସି ସୁରକ୍ଷା ବ୍ୟବସ୍ଥାରେ କିପରି ମାଓ ଉପଦ୍ରୁତ ଲଙ୍ଗଳକଟା ଅଞ୍ଚଳକୁ ପଠା ଯାଉଥିଲା। ସୀମାନ୍ତବର୍ତ୍ତୀ ଇଲାକାଗୁଡିକରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇବା ପରେ ମାଓ ଦମନ ନେଇ ପୁଲିସର ଢିଲା ମନୋଭାବ ଯୋଗୁଁ ଆଜି ଏପରି ଘଟଣା ଘଟିଲା ବୋଲି କୁହାଯାଉଛି। ସେପଟେ ମାଓ ପ୍ରବଣ ଅଞ୍ଚଳରେ ଥିବା ଏସ୍‌ପିଓ ଓ ହୋମଗାର୍ଡଙ୍କୁ ପୁଲିସ ଛଟେଇ କରି ଦେଇଥିବା ଜଣାପଡ଼ିଛି।

**ଗାଡ଼ି ଚାଳକକୁ ଅପହରଣ କରି ୭ ଘଣ୍ଟା ପରେ ଛାଡ଼ିଲେ**

ପ୍ରକାଶ ଯେ, ୨୦୦୯ ଅଗଷ୍ଟ ୯ ତାରିଖ ଦିନ ଅନୁରୂପ ଭାବେ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ରାଉରକେଲାର ଆଇଡିଏଲ୍ କାରଖାନାରୁ ୮ ଟନ୍ ବୋଝେଇ ହୋଇ କୋଇଡ଼ା ଅଭିମୁଖେ ଯାଉଥିବା ଏକ ଟ୍ରକକୁ ଚାନ୍ଦିପୋଷ ଥାନା କୁମାକେଲା ଛକରେ ବନ୍ଧୁକ ମୁନରେ ଲୁଟି ନେଇ କରଡ଼ା, ଝାରବେଡ଼ା, ନୂଆଗାଁ ହୋଇ ଝାଡ଼ଖଣ୍ଡକୁ ନେଇ ଯାଇଥିଲେ। କେବଳ ସେତିକି ନୁହେଁ ସେହିଦିନ ସନ୍ଧ୍ୟାରେ ରାଉରକେଲାରୁ କୋଇଡାରୁ ଫେରୁଥିବା କୋଇଡା ଥାନାର ସବ୍‌ଇନ୍ସପେକ୍ଟର ଅଜିତ ବର୍ଦ୍ଧନଙ୍କୁ ମାଓବାଦୀମାନେ ଅପହରଣ କରି ନିର୍ମମ ଭାବେ ହତ୍ୟା କରିଥିଲେ। ଲଙ୍ଗଳକଟା ନିକଟ ଝାରବେଡା ଜଙ୍ଗଲରେ ମୃତ ସବ୍‌ଇନିସପେକ୍ଟରର ଅଜିତ ବର୍ଦ୍ଧନଙ୍କ ରକ୍ତ ରଂଜିତ ଶବକୁ ଫିଙ୍ଗି ଶବ ଚାରିପଟେ ୭ଟି ଲ୍ୟାଣ୍ଡ ମାଇନ ଖଞ୍ଜି ଫେରାର ହୋଇଯାଇଥିଲେ। ତେଣୁ ଏବେ ବେଳ ଥାଉଥାଉ ସତର୍କ ନହେଲେ ପୁଣି ଖୁବ୍‌ଶୀଘ୍ର ମାଓବାଦୀ ତାଣ୍ଡବ ରଚିବେ ଏଥିରେ ସନ୍ଦେହ ନାହିଁ।

# ପାଞ୍ଚଟି ପ୍ରସଙ୍ଗରେ ସରକାରଙ୍କୁ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୨୭।୫(ସମିସ): ବୁଥସ୍ତରରୁ ଯୁବ କଂଗ୍ରେସକୁ ମଜବୁତ କରାଯିବ ଓ ସରକାରଙ୍କୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦିଆଯିବ ନାହିଁ। ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଏପରି ନିଷ୍ପତ୍ତି ହୋଇଛି । ପ୍ରଦେଶ ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଯୁବ କଂଗ୍ରେସର ନେତୃବୃନ୍ଦମାନେ ତୃଣମୂଳସ୍ତରରେ ଯାଇ ଦଳକୁ ସଂଗଠିତ କରିବାକୁ କହିଛନ୍ତି। ସମସ୍ତ ପଞ୍ଚାୟତ ଓ ବୁଥସ୍ତରରେ ଯୁବ କଂଗ୍ରେସର କର୍ମୀମାନେ ସାଧାରଣ ଜନତାଙ୍କର ସମସ୍ୟା, ସରକାରଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରୀ, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଛନ୍ତି।

ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୁବ ସଂଗଠନକୁ କଂଗ୍ରେସର ମେରୁଦଣ୍ଡ ଭାବରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସ ଦଳକୁ ସରକାରକୁ ଆଣିବାପାଇଁ ଯୁବ କଂଗ୍ରେସର ଅବିଶ୍ରାନ୍ତ ଓ ନିଷ୍ଠାର ସହ ସଂଗ୍ରାମ ଓ କାର୍ଯ୍ୟକ୍ରମ ଏକମାତ୍ର ମାଧ୍ୟମ। ଯୁବକମାନଙ୍କର ତ୍ୟାଗ ଓ ଆନ୍ଦୋଳନ ସରକାରକୁ ପରିବର୍ତ୍ତନ କରିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଯୁବ ବିରୋଧୀ ସରକାର। ରାଜ୍ୟରେ ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ହତାଶାରେ କାଳ କାଟୁଥିବା ବେଳେ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାର ଚିନ୍ତା କରୁନାହାନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ କ୍ଷମତାସୀନ ସରକାରର ଦୁର୍ବଳତା, ଅପାରଗତା, ଲୁଟ ଏବଂ ଅତ୍ୟାଚାର ବିରୁଦ୍ଧରେ ପୁରପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନର ସ୍ୱର ପ୍ରକମ୍ପିତ ହେବ ବୋଲି କହିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ କୁମାର ପାତ୍ର ଆଗାମୀ ତିନିମାସରେ ରାଜ୍ୟ, ଜିଲ୍ଲା, ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ବ୍ଲକସ୍ତର ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସେ ଉପରେ ଆଲୋଚନା କହିଛନ୍ତି। ଆଜିର କାର୍ଯ୍ୟକାରିଣୀରେ ୫ଟି ପ୍ରସ୍ତାବ ଆଗତ ହୋଇଥିଲା। ବେକାରୀ, ନିଯୁକ୍ତି ଓ କର୍ମସଂସ୍ଥାନ। ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସମସ୍ୟା। ଜାତିଭିତ୍ତିକ ଜନଗଣନା। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମାଗଣା ବିଜୁଳ ଆଦି ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାପରେ ସାଧାରଣ ଜନତାଙ୍କ ସ୍ୱାର୍ଥ ସାଧନ ଦୃଷ୍ଟିରୁ ଏହି ପ୍ରସଙ୍ଗକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ପ୍ରସ୍ତାବ ଗ୍ରହଣ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରାପ୍ରସାଦ ବାହିନୀପତିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ 'ଉତ୍କଳ'ର ଭାରପ୍ରାପ୍ତ କୁଳପତି

ଭୁବନେଶ୍ୱର,୨୭।୫(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ନିଯୁକ୍ତ ହୋଇଛନ୍ତି। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ କୁଳପତି କାର୍ଯ୍ୟରେ ଯୋଗଦେବା ଯାଏଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଗତ ୨୩ ତାରିଖରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ସରିଥିବାରୁ ବିଶ୍ୱବିଦ୍ୟାଳୟ ମୂରବୀଶୂନ୍ୟ ହୋଇଥିଲା। ପ୍ରଫେସର ଦଣ୍ଡପାଟ୍ ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ବାଇଓଟେକ୍ନୋଲୋଜି ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଉତ୍କଳରୁ ୨୦୦୨ରେ ସେ ପିଏଚ୍‌ଡି କରିଛନ୍ତି। ୨୦୧୦ ମସିହାରୁ ସେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ଦ୍ୱିତୀୟ କ୍ୟାମ୍ପସ୍‌ର ଓଏସ୍‌ଡି ଭାବେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ଏବଂ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଛନ୍ତି।



ଉତ୍କଳରେ ଭାରପ୍ରାପ୍ତ କୁଳପତି ନିଯୁକ୍ତ ହେବାପରେ ଅନ୍ୟ ବିଶ୍ୱବିଦ୍ୟାଳୟରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାୟୀ କୁଳପତି ନିଯୁକ୍ତିରେ ବିଫଳ ହୋଇଥିବା ସରକାର ପାତରଅନ୍ତର କରି ଭାରପ୍ରାପ୍ତ କୁଳପତି ନିଯୁକ୍ତି କରୁଥିବା ବରିଷ୍ଠ ପ୍ରାଧ୍ୟାପକମାନେ ଅଭିଯୋଗ କରିଛନ୍ତି। କାରଣ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେବା ପରେ ବରିଷ୍ଠ ପ୍ରାଧ୍ୟାପକଙ୍କ ବଦଳରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ନିଯୁକ୍ତ କରାଯାଇଛି। ଏପରିକି ଏହାକୁ ବିରୋଧ କରି ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। ସେହିପରି ଭବାନୀପାଟଣାସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ମୃତ୍ୟୁ ହେବାପରେ ସେଠାରେ ମଧ୍ୟ ସ୍ନାତକତ୍ତୋର ପରିଷଦ ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି କରାଯାଇଛି। ଉତ୍କଳରେ ବରିଷ୍ଠ ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ କାହିଁକି ଭିନ୍ନ ନିୟମ ବୋଲି ପ୍ରଶ୍ନ ଉଠିଛି।

# ବର୍ଷିଲା ବିଜେଡି
# ଉପକୂଳ ରାଜପଥ ଟେଣ୍ଡର ବାତିଲ ରାଜ୍ୟବାସୀଙ୍କୁ ଧୋକା

ଭୁବନେଶ୍ୱର, ୨୭।୫(ସମିସ): ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚ୍ଏଆଇ) ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉଚ୍ଚାଭିଳାଷୀ ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରାଯାଇଥିବାରୁ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନକୁ ଇତିମଧ୍ୟରେ ଦଶ ବର୍ଷ ବିତି



ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ। ବର୍ତ୍ତମାନ ଟେଣ୍ଡର ବାତିଲ ପରେ ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ବିଜେପିର 'ଡବଲ ଇଞ୍ଜିନ ଡବଲ ବିକାଶ' ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଲେ ଯେ କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଭାରତମାଳା ପ୍ରକଳ୍ପର ଅଂଶ ଭାବେ ଓଡ଼ିଶାରେ ପ୍ରାୟ ୪୧୩ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା। ପ୍ରକଳ୍ପ ସହ ରତନପୁରଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ଭିତ୍ତିଭୂମି, ଗମନା ଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଦୂରତା ୪୧୩ କିମିରୁ ୩୪୬ କିମିକୁ କମାଇ ଦିଆଯାଇଥିଲା। ରାମେଶ୍ୱର ଠାରୁ ରତନପୁର ପର୍ଯ୍ୟନ୍ତ ୧୭୬ କିମି ଚାରି ଲେନ ବିଶିଷ୍ଟ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ରତନପୁର ଠାରୁ ୧୭୦ କିମି ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି ସ୍ତରରେ ଅଟକି ରହିଛି। ଏହି ପ୍ରକଳ୍ପର କାମ ଆଗେଇବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ଟେଣ୍ଡରକୁ ଅଚାନକ ବାତିଲ କରିବା ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ଶ୍ରୀ ଦାସବର୍ମା କହିଥିଲେ ଯେ ଏହି ଟେଣ୍ଡରକୁ ବାତିଲ କରିବା ପାଇଁ ପ୍ରଶାସନିକ କାରଣ ଦର୍ଶାଯାଇଥିଲେ ମଧ୍ୟ ବିଶେଷକରି ପ୍ରକଳ୍ପର ପୁନଃଆକଳନ ପରେ ପ୍ରକଳ୍ପ ଢାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି। ଆରମ୍ଭରୁ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ଚାରି ଲେନ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା ଓ ସେହି ହିସାବରେ ଟେଣ୍ଡର ଆହ୍ୱାନ ମଧ୍ୟ କରାଯାଇଥିଲା। କିନ୍ତୁ ପ୍ରକଳ୍ପର ପୁନଃଆକଳନ ପରେ ଏହାକୁ ଦୁଇ ଲେନ କରାଯିବ ବୋଲି ସୂଚନା ମିଳିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହି ପ୍ରକଳ୍ପରେ ଅହେତୁକ ବିଳମ୍ବ ଘଟିବାରୁ ଓ ଏବେ ଟେଣ୍ଡର ବାତିଲ ହୋଇ ଏହାକୁ ଚାରି ଲେନ ପରିବର୍ତ୍ତେ ଦୁଇ ଲେନ କରିବା ପାଇଁ ହୋଇଥିବା ନିଷ୍ପତ୍ତି ରାଜ୍ୟର ସ୍ୱାର୍ଥ ବିରୋଧୀ। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରନ୍ତୁ ଓ ଏହି ପ୍ରକଳ୍ପ କିପରି ପୂର୍ବ ଯୋଜନା ଅନୁଯାୟୀ ଚାରି ଲେନ ବିଶିଷ୍ଟ ହେବା ସହିତ ଶୀଘ୍ର ସମ୍ପୂର୍ଣ୍ଣ ହେବ ତାହା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

- ୨୦୧୫ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଘୋଷଣା କରିଥିଲେ
- ଏକ ଦଶନ୍ଧି ପରେ ମଧ୍ୟ ପ୍ରକଳ୍ପ ଆରମ୍ଭ ହୋଇପାରି ନାହିଁ
- ଚାରି ଲେନ୍ ରାସ୍ତାରୁ ଦୁଇ ଲେନ୍ କରିବା ଗ୍ରହଣୀୟ ନୁହେଁ

■ ପୁଲିସ୍ ଡ୍ରାଇଭର୍ ନିଯୁକ୍ତି

# ୫ମାସ ହେଲା ହେଉନି ଶାରୀରିକ ପରୀକ୍ଷା

ଭୁବନେଶ୍ୱର,୨୬।୫(ସମିସ): ପୁଲିସ୍ ଡ୍ରାଇଭର୍ ବା ପିଏମ୍‌ଟି ନିଯୁକ୍ତି ପ୍ରକ୍ରିୟା ଶେଷ ହେଉନି। ଗତ ଡିସେମ୍ବର ମାସରୁ ପରୀକ୍ଷା ସରିଲାଣି। ଚୂଡ଼ାନ୍ତ ଉତ୍ତର ବା 'ଆନ୍‌ସାର୍ କି' ପ୍ରକାଶ ପାଇଥିଲେ ମଧ୍ୟ ମେଧା ତାଲିକା ପ୍ରକାଶ ପାଉନି। ପରୀକ୍ଷାକୁ ପାଞ୍ଚମାସ ବିତିଥିଲେ ମଧ୍ୟ ଶାରୀରିକ ପରୀକ୍ଷା କରିବାକୁ ଡ୍ରାଇଭର୍ ନିଯୁକ୍ତି ବୋର୍ଡ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। କେବେ ଶାରୀରିକ ପରୀକ୍ଷା ହେବ ସେନେଇ କୌଣସି ସୂଚନା ଦିଆଯାଉ ନଥିବାରୁ ଆଶାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ଡିସେମ୍ବର ୨୦ ଓ ୨୮ ତାରିଖରେ ପିଏମ୍‌ଟି ଡ୍ରାଇଭର୍ ନିଯୁକ୍ତି ପାଇଁ ପରୀକ୍ଷା ହୋଇଥିଲା। ୩୧ ତାରିଖରେ ଆନ୍‌ସାର୍ କି ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଆନ୍‌ସାର୍ କି'କୁ ନେଇ ପିଲାମାନେ ଆପତ୍ତି ଜଣାଇବା ପରେ ଚୂଡ଼ାନ୍ତ ଆନସାର୍ କି' ପ୍ରକାଶ ପାଇଛି। ହେଲେ ଏହାପରେ ନିଯୁକ୍ତି ପ୍ରକ୍ରିୟା ସେଇଠି ଠପ୍ ହୋଇଯାଇଛି। ଚୂଡ଼ାନ୍ତ ମେଧା ତାଲିକା ଜାରି କରାଯାଇ ନାହିଁ। ଶାରୀରିକ ପରୀକ୍ଷା କେବେ ହେବ ସେନେଇ ସ୍ପଷ୍ଟତା ନଥିବାରୁ ଦୀର୍ଘଦିନ ହେବ ଆଶାର୍ଥୀମାନେ ଖରାତରାରେ ଅଭ୍ୟାସ ଜାରି ରଖିଛନ୍ତି। ବିଭିନ୍ନ ସମୟରେ ଶାରୀରିକ ପରୀକ୍ଷା ନେଇ ଭିନ୍ନଭିନ୍ନ ମିଥ୍ୟା ବିଜ୍ଞପ୍ତି ଭାଇରାଲ୍ ହେଉଥିବାରୁ ଆଶାର୍ଥୀଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବ୍ୟାପକ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ବିଭିନ୍ନ ସଭା ସମିତିରେ କହୁଛନ୍ତି। ହେଲେ ନିଯୁକ୍ତି ପରୀକ୍ଷାରେ ଅହେତୁକ ବିଳମ୍ବ ହେଉଥିବାରୁ ସରକାରଙ୍କ ଆଭିମୁଖ୍ୟ ନେଇ ଆଶାର୍ଥୀମାନେ ପ୍ରଶ୍ନ କରିଛନ୍ତି। ଏହାସହ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ଆଶାର୍ଥୀମାନେ ଦାବି କରିଛନ୍ତି।

■ ପୁରୀ ସମୁଦ୍ରରେ ସ୍ପିଡ୍ ବୋଟ ଓଲଟିପଡ଼ିବା ଘଟଣା

# ଟିକଟ୍ କାଉଣ୍ଟର ଭାଙ୍ଗିଲା ପ୍ରଶାସନ

ପୁରୀ, ୨୭।୫ (ସମିସ): ପୁରୀ ସମୁଦ୍ରରେ ସ୍ପିଡ୍ ବୋଟ୍ ଦୁର୍ଘଟଣା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପ୍ରଶାସନ। ନିୟମକାନୁନକୁ ଉଲ୍ଲଂଘନ କରି ପର୍ଯ୍ୟଟକଙ୍କୁ ସମୁଦ୍ରରେ ବିପଜ୍ଜନକ ଜଳକ୍ରୀଡ଼ା କରାଉଥିବା ସଂସ୍ଥାର ଟିକେଟ୍ କାଉଣ୍ଟରକୁ ମଙ୍ଗଳବାର ଭାଙ୍ଗିଦେଇଛି ପ୍ରଶାସନ। ଗତ ଶନିବାର ପୁରୀ ସମୁଦ୍ରରେ ଜଳକ୍ରୀଡ଼ା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଓ ଭାଉଜ ଅର୍ପିତା। ପର୍ଯ୍ୟଟକଙ୍କ ଜୀବନକୁ ବାଜିରେ ଲଗାଇ ସମୁଦ୍ରରେ ଜଳକ୍ରୀଡ଼ା କରାଯାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଖୋଳତାଡ଼ ପରେ ଜଣାପଡ଼ିଥିଲା ଯେ ସମୁଦ୍ରରେ ବେଆଇନ ଭାବେ ଜଳକ୍ରୀଡ଼ା ଚଳାଇଛି। ଏପରିକି, ଆପତ୍‌କାଳୀନ ସମୟରେ ବୋଟ୍‌ରେ ଜୀବନରକ୍ଷା ସାମଗ୍ରୀ ବି ନଥିଲା। ତେଣୁ, କାର୍ଯ୍ୟାନୁଷ୍ଠାନସ୍ୱରୂପ ଲାଇଟ୍ ହାଉସ୍ ନିକଟ ରାସ୍ତା ଉପରେ ପଡ଼ିଥିବା ଦୁଇଟି କଣ୍ଟେନର୍ ଉପରେ ଆଜି ପୌର ପ୍ରଶାସନ ବୁଲଡୋଜର୍ ବୁଲାଇଥିଲା। ଅପରପକ୍ଷେ, ସମଗ୍ର ଘଟଣାର ଭଲ ଭାବେ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

# ଗଠନ ହେଉନି ଶ୍ରୀମନ୍ଦିର ପରିଚାଳନା କମିଟି
# ଭୟ ନା ଚାପରେ ଆଇନ ବିଭାଗ ?

ପୁରୀ, ୨୭।୫ (ସମିସ): ମହାପ୍ରଭୁଙ୍କ ପ୍ରତି ବି ଚରମ ଅବହେଳା। ବିନା ପରିଚାଳନା କମିଟିରେ ଶ୍ରୀମନ୍ଦିର ପାଇଁ ନିଆଯାଉଛି ନିଷ୍ପତ୍ତି। ପୁରୁଣା କମିଟି ଭାଙ୍ଗିବାର ଇତିମଧ୍ୟରେ ୯ ମାସ ପୂରିବ। ହେଲେ ଏଯାଏ ନୂଆ କମିଟି ଗଠନ ହୋଇପାରୁନି। କାହିଁକି ଏତେ ବିଳମ୍ବ ହେଉଛି କମିଟି ଗଠନ; ଏହାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ଆଗକୁ ରଥଯାତ୍ରା ଥିବାରୁ ନୀତି ବିଭ୍ରାଟ ଭୟରେ ନା କମିଟିରେ କାହାକୁ ସ୍ଥାନ ଦିଆଯିବ, ସେନେଇ ବିଭାଗ ଉପରେ ଚାପ ରହିଛି ବୋଲି ଆଲୋଚନା ହେଉଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର କାହିଁକି ଏତେ ଉଦାସୀନ ବୋଲି ଅନେକ ପ୍ରଶ୍ନ ଉଠାଇଲେଣି।

ଶ୍ରୀମନ୍ଦିରର ପରିଚାଳନା, ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜାର ମୁଖ୍ୟ ହେଉଛି ପରିଚାଳନା କମିଟି। କମିଟିରେ ହିଁ ନିଆଯାଇଥାଏ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ତେଣୁ ପରିଚାଳନା କମିଟି ଗଠନ ପୂର୍ବରୁ ସବୁ ଦିଗକୁ ବିଚାରକୁ ନିଆଯାଇଥାଏ। ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮। ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ରାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ଜଣ ସେବାୟତ ପ୍ରତିନିଧି, ଜଣେ



ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ଯଦିଓ କମିଟିକୁ ୧୦ ମନୋନୀତ ସଦସ୍ୟ ଯିବାର ବ୍ୟବସ୍ଥା ରହିଛି, କିନ୍ତୁ ୫ ସେବାୟତଙ୍କ ପ୍ରତିନିଧିତ୍ୱକୁ ନେଇ ସବୁବେଳେ ଛକାପଞ୍ଝା ଚାଲେ। କିନ୍ତୁ କିଛି ବର୍ଷ ହେବ ସଦସ୍ୟତାକୁ ନେଇ ଏକ ନୂଆ ବିବାଦ ଉପୁଜିଛି। ନିର୍ଦ୍ଦିଷ୍ଟ ଭାବେ ୫ ସେବାୟତ ନିଯୋଗ (ପୂଜାପଣ୍ଡା, ପ୍ରତିହାରୀ, ଦଇତାପତି, ପୁଷ୍ପାଳକ ଏବଂ ସୁଆର ମହାସୁଆର) କାହିଁକି କମିଟିକୁ ଯିବେ, ଅନ୍ୟ ନିଯୋଗକୁ କାହିଁକି ସୁଯୋଗ ଦିଆଯାଉନାହିଁ ବୋଲି କେତେକ ନିଯୋଗ ସ୍ୱର ଉଠାଇଛନ୍ତି। ଏହି ସ୍ୱର କେବଳ ପୁରୀରେ ସୀମିତ ନାହିଁ; ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ପର୍ଯ୍ୟନ୍ତ ବି କଥା ଯାଇଛି। ତେବେ ଏନେଇ କିଛି ସ୍ପଷ୍ଟ ହୋଇ ନଥିବା ବେଳେ ୫ ଜଣ ସେବାୟତ ପ୍ରତିନିଧିଙ୍କୁ ନେଇ ଅଙ୍କ ଛିଣ୍ଡୁନି। ଯେଉଁଥିପାଇଁ ପରିଚାଳନା କମିଟି ଗଠନ ବିଳମ୍ବ ହେଉଥିବା କୁହାଯାଉଛି।

**ପୁରୁଣା କମିଟି ଭାଙ୍ଗିବାର ୯ ମାସ ପୂରିବ**

ଅନ୍ୟପକ୍ଷରେ, ୨୦୨୧ ମସିହାରେ ଗଠିତ ହୋଇଥିବା ପରିଚାଳନା କମିଟିର କାର୍ଯ୍ୟକାଳ ୨୦୨୪ ସେପ୍ଟେମ୍ବର ୩ରେ ଶେଷ ହୋଇଛି। ଶ୍ରୀମନ୍ଦିରର ନିୟମାବଳୀ ଅନୁଯାୟୀ ପ୍ରତି ୩ ବର୍ଷରେ ଥରେ ନୂଆ ପରିଚାଳନା କମିଟି ଗଠନ ହେବ। ଏଥିରେ ୫ଟି ନିଯୋଗର ସେବାୟତ ପ୍ରତିନିଧିଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ପରିଚାଳନା କମିଟିରେ ରାଜ୍ୟ ସରକାର ମନୋନୀତ କରିଥା'ନ୍ତି। ତେବେ ସେବାୟତ ନିଯୋଗ ପ୍ରତିନିଧିଙ୍କୁ ନେଇ ଚାପରେ ଆଇନ ବିଭାଗ ରହିଥିବା କୁହାଯାଉଛି। ଗୋଟିଏ ଗୋଟିଏ ନିଯୋଗରୁ ବହୁସଂଖ୍ୟକ ଆଶାୟୀ ଥିବାରୁ କାହାକୁ ନେଇ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିହେବ, ତାହାର ଅଙ୍କ ଛିଣ୍ଡୁନି।

ବଡ଼କଥା ହେଉଛି ଆଗକୁ ରଥଯାତ୍ରା। ଯଦି କମିଟି ଗଠନକୁ ନେଇ ନିଯୋଗ ମଧ୍ୟରେ କିଛି ଅପ୍ରୀତିକର ପରିସ୍ଥିତି ଉପୁଜେ ତେବେ ରଥଯାତ୍ରାରେ ବିଭ୍ରାଟ ହୋଇପାରେ। ଏହି ଭୟ ମଧ୍ୟ ଆଇନ ବିଭାଗକୁ ଗୋଡାଉଛି। ତେଣୁ କୌଣସି ମତେ ରଥଯାତ୍ରା ପର ପର୍ଯ୍ୟନ୍ତ କମିଟି ଗଠନକୁ ଗଡ଼ାଇ ନେବାର ଚକ୍ରାନ୍ତ ହୋଇଥିବା ଚର୍ଚ୍ଚା ହେଉଛି।

ଅନ୍ୟ ଏକ ପ୍ରସଙ୍ଗକୁ ନେଇ ମଧ୍ୟ ଲୋକେ ଆଲୋଚନା କରୁଛନ୍ତି। ସେବାୟତ ପ୍ରତିନିଧିଙ୍କୁ ନେଇ ଚାପରେ ଆଇନ ବିଭାଗ ରହିଥିବା କହୁଛନ୍ତି। କାରଣ ଗୋଟିଏ ଗୋଟିଏ ନିଯୋଗରୁ ତାଙ୍କ ଦଳର ଏକାଧିକ ସମର୍ଥକ ଆଶାୟୀ ଅଛନ୍ତି। ବିଭିନ୍ନ ବାଟରେ ସମସ୍ତେ ଲବି କରୁଛନ୍ତି। ତେଣୁ କାହାକୁ ଚୟନ କରାଯିବ, ତାକୁ ନେଇ ଆଇନ ବିଭାଗ ଚାପରେ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। କେବେ ଏହି ଚର୍ଚ୍ଚା, ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ି ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଢ଼ା ହେବ, ତାହାକୁ ଚାହିଁ ରହିଛନ୍ତି ଭକ୍ତ।



▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-329 ◆BHUBANESWAR ◆WEDNESDAY ◆28 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୯ ◆ଭୁବନେଶ୍ୱର ◆ବୁଧବାର ◆୨୮ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ସେପ୍ଟେମ୍ବର ୧୫ ଯାଏଁ ଆୟକର ଦାଖଲ ଅବଧି




■ **ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):** ଶେଷରେ ଘୁଞ୍ଚିଲା ଆୟକର ଦାଖଲ ଅବଧି। ଆର୍ଥିକବର୍ଷ ୨୦୨୫ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରିବାର ଶେଷ ତାରିଖକୁ ଜୁଲାଇ ୩୧ରୁ ଚଳିତବର୍ଷ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆୟକର ବିଭାଗ ପକ୍ଷରୁ ଆଜି ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ଆଇଟିଆର୍ ଦାଖଲ ପ୍ରକ୍ରିୟା ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହେଉଛି। ସାଧାରଣତଃ ଆୟକର ଦାଖଲ ଏପ୍ରିଲ ପହିଲାରୁ ଆରମ୍ଭ ହୁଏ, କିନ୍ତୁ ଚଳିତବର୍ଷ ଏହା ବିଳମ୍ବ ହେଉଛି। ଆଇଟିଆର୍ ଫର୍ମ ପାଇଁ ଆବଶ୍ୟକ ଅନ୍‌ଲାଇନ୍ ଉପକରଣଗୁଡ଼ିକର ଅଭାବ ଯୋଗୁ ଆୟକର ଦାଖଲ ବିଳମ୍ବ ହେଉଥିବା କୁହାଯାଉଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଆଇଟିଆର୍-୧ ରୁ ଆଇଟିଆର୍-୭ ପର୍ଯ୍ୟନ୍ତ ସମସ୍ତ ଫର୍ମକୁ ସୂଚିତ କରିଛି, କିନ୍ତୁ ଏଥିପାଇଁ ଆବଶ୍ୟକ ଅନଲାଇନ୍ ଉପକରଣ ଏ ପର୍ଯ୍ୟନ୍ତ ପୋର୍ଟାଲରେ ଉପଲବ୍ଧ ନାହିଁ। ଯଦି ସେପ୍ଟେମ୍ବର ୧୫ ଶେଷ ଅବଧି ସୁଦ୍ଧା ରିଟର୍ଣ୍ଣ ଦାଖଲ କରା ନ ଯାଏ, ତେବେ ୫ ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୧୦୦୦ ଟଙ୍କା ଏବଂ ୫ ଲକ୍ଷ ଟଙ୍କାରୁ ଅଧିକ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୫୦୦୦ ଟଙ୍କା ଜରିମାନା ଲାଗୁ ହେବ।

## ଜଷ୍ଟିସ୍ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି



■ **ନୂଆଦିଲ୍ଲୀ/କଟକ,୨୭।୫(ସମିସ):** ୨୧ ହାଇକୋର୍ଟଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଛି। ଗତକାଲି ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ଅଧ୍ୟକ୍ଷତାରେ ବସିଥିବା କଲେଜିୟମ ବୈଠକରେ ଏଥିପାଇଁ ଆଲୋଚନା କରାଯାଇ ନିଷ୍ପତ୍ତି ହୋଇଛି। ସୁପ୍ରିମକୋର୍ଟ ପକ୍ଷରୁ ଏନେଇ ମଙ୍ଗଳବାର ଜାରି କରାଯାଇଥିବା ବିବୃତି ଅନୁଯାୟୀ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ତେଲଙ୍ଗାନା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁଜୋୟ ପାଲଙ୍କୁ କୋଲକାତା ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଭି କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏଲ ଜମିରଙ୍କୁ କୋଲକାତା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ନିତୀନ ସାମ୍ବ୍ରେଙ୍କୁ ଦିଲ୍ଲୀ ହାଇକୋର୍ଟ, ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅଶ୍ୱିନୀ କୁମାର ମିଶ୍ରଙ୍କୁ ପି ଆଣ୍ଡ ଏଚ୍, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦୀନେଶ କୁମାର ସିଂଙ୍କୁ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ ▶ପୃଷ୍ଠା-୭

## ଈଶ୍ୱରଙ୍କ ନାମରେ ଶପଥ

# ବିକାଶରେ ପକ୍ଷପାତ

## ବିଜେପି ବିଧାୟକ ଯେଉଁଠି, ସରକାରଙ୍କ ପାଣ୍ଠି ସେଇଠି

■ **ଭୁବନେଶ୍ୱର/ ନୟାଗଡ, ୨୭।୫ (ସମିସ):** ଆଉ ୧୫ ଦିନ ପରେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ପାଳନ କରିବ ବର୍ଷପୂର୍ତ୍ତି। ଏଥିପାଇଁ ସରକାର ଓ ପ୍ରଶାସନିକସ୍ତରରେ ବ୍ୟାପକ ଆୟୋଜନ ହୋଇଛି। ବର୍ଷପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସରକାର ଓ ପ୍ରଶାସନ ଲାଗି ପଡ଼ିଛନ୍ତି। ବର୍ଷେ ହେଲା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଏକପ୍ରକାର ବନ୍ଦ ପଡ଼ିଛି। ଗାଁ ଗଣ୍ଡାରେ ସଡ଼କ ମୁଠାଏ ନାଲିମାଟିକୁ ଝୁରି ହେଉଛି। ତୃଣମୂଳସ୍ତରରେ ଶାସକ ଦଳର ନେତା ଓ କର୍ମୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଛି। ଏହି ସମୟରେ ବିନା ଭୟ ଓ ପକ୍ଷପାତରେ କାର୍ଯ୍ୟ କରିବାକୁ ଶପଥ ନେଇଥିବା ସରକାର ଏବେ ବିକାଶମୂଳକ କାର୍ଯ୍ୟରେ ସମ୍ପୂର୍ଣ୍ଣ ପକ୍ଷପାତ ନୀତି ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। କେବଳ ବିଜେପି ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀଗୁଡ଼ିକୁ ବିକାଶମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ପାଣ୍ଠି ମଞ୍ଜୁର କରାଯାଇଥିବାବେଳେ ବିରୋଧୀ ବିଜେଡି, କଂଗ୍ରେସ, ସିପିଏମ୍ ନିର୍ବାଚିତ ହୋଇଥିବା ବିଧାନସଭା କ୍ଷେତ୍ରଗୁଡ଼ିକ ସରକାରଙ୍କ ସ୍ୱତନ୍ତ୍ର ସହାୟତାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ୩୦ ଜିଲ୍ଲା ମଧ୍ୟରୁ ବିଜେପି ବିଧାୟକ ନ ଥିବା ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାକୁ ଟଙ୍କାଟିଏ ଅନୁଦାନ ପ୍ରଦାନ କରାଯାଇ ନ ଥିବା ଏହି ସୂତ୍ରରୁ ସୂଚନା ମିଳିଛି।

ବିଭିନ୍ନ ସମୟରେ ଜରୁରୀ ଆବଶ୍ୟକତା ନିମନ୍ତେ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୧୯୯୭ ମସିହାରେ ସ୍ପେସିଆଲ ପ୍ରୋବ୍ଲେମ୍ ଫଣ୍ଡ (ଏସ୍‌ପିଏଫ୍) ନାମରେ ଏହି ପାଣ୍ଠି ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା (ସିଏମ୍‌ଏସ୍‌ଏ) ରଖାଯାଇଥିଲା। ଜନସାଧାରଣଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଏହି ଅର୍ଥ ପ୍ରଦାନ କରାଯାଉଥିଲା ଏବଂ ଏଥିରେ ଗ୍ରାମାଞ୍ଚଳରେ ପ୍ରାର୍ଥନା ଗୃହ, ଭାଗବତ ମଣ୍ଡପ, ପାଠାଗାର, ପୋଖରୀ, ପାର୍କ, ଛୋଟ ସେତୁ ଓ କଲଭର୍ଟ ନିର୍ମାଣ ବ୍ୟବସ୍ଥା ଥିଲା। ସେହିପରି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ଧାର୍ମିକ ପୀଠର ଉନ୍ନତିକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା।

ଗତ ସରକାର ସମୟରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଓ ଦାବି ଅନୁସାରେ ସରକାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଦଳମତ ନିର୍ବିଶେଷରେ ସବୁ ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ମାତ୍ର ସମ୍ପ୍ରତି ରାଜ୍ୟରେ ଏକ ନୂଆ ପରମ୍ପରା ଆରମ୍ଭ ହୋଇଛି । କେବଳ ବିଜେପି ବିଧାୟକମାନେ ବିଜୟୀ ହୋଇଥିବା ନିର୍ବାଚନମଣ୍ଡଳୀକୁ ସିଏମ୍‌ଏସ୍‌ଏରେ ହାରାହାରି ଦୁଇ କୋଟି ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି । ମାତ୍ର ଯେଉଁଠି ବିଜେଡି ବା କଂଗ୍ରେସ ବିଧାୟକମାନେ ବିଜୟୀ ହୋଇଛନ୍ତି, ସେହି ନିର୍ବାଚନମଣ୍ଡଳୀଗୁଡ଼ିକୁ ଅନୁରୂପ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି । ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବରଗଡ଼ ଜିଲ୍ଲାର ୪, ଝାରସୁଗୁଡ଼ାର ୨, ସୁନ୍ଦରଗଡ଼ର ୨, ସମ୍ବଲପୁର ୨, ମୟୂରଭଞ୍ଜର ୯, କେନ୍ଦୁଝରର ୩, ଢେଙ୍କାନାଳର ୪, ଯାଜପୁରର ୪, ଗଞ୍ଜାମର ୧୧, ପୁରୀର ୪, ଖୋର୍ଦ୍ଧା ଜିଲ୍ଲାର ୩, ନୟାଗଡ଼ ଜିଲ୍ଲାର୨, ବଲାଙ୍ଗୀର ଜିଲ୍ଲାର ୪, ନୂଆପଡ଼ାର ▶ପୃଷ୍ଠା-୭

### ୱାକଫ୍ ଆଇନ-୧୯୯୫କୁ ଚାଲେଞ୍ଜ

## କେନ୍ଦ୍ର, ରାଜ୍ୟଙ୍କୁ ନୋଟିସ୍

■ **ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି):** ନୂଆ ୱାକଫ୍ ସଂଶୋଧନ ଆଇନ, ୨୦୨୫କୁ ନେଇ ସୁପ୍ରିମ କୋର୍ଟରେ ମାମଲା ଚାଲିଥିବା ବେଳେ ୧୯୯୫ରେ ପ୍ରସ୍ତୁତ ୱାକଫ୍ ଆଇନରେ ରହିଥିବା କେତେକ ବ୍ୟବସ୍ଥାର ବୈଧତାକୁ ଚାଲେଞ୍ଜ କରାଯାଇଛି। ଏସଂକ୍ରାନ୍ତରେ ସୁପ୍ରିମ କୋର୍ଟରେ ପିଟିସନ ଦାଖଲ ହୋଇଛି। ଏହା ଉପରେ ଉତ୍ତର ରଖିବା ଲାଗି ସୁପ୍ରିମକୋର୍ଟ ଆଜି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବ। ଏହି ଖଣ୍ଡପୀଠ ଏବେ ବହୁଚର୍ଚ୍ଚିତ ୱାକଫ୍ ସଂଶୋଧିତ ଆଇନ, ୨୦୨୫ର ମଧ୍ୟ ଶୁଣାଣି କରୁଛନ୍ତି। ପିଟିସନରେ କୁହାଯାଇଛି ଯେ ୱାକଫ୍ ଦାନ କରାଯାଇଥିବା ସଂପତ୍ତି ହୋଇଥିବାରୁ ଏହାର ପରିଚାଳନା ଦାୟିତ୍ୱ କେବଳ ମୁସଲମାନଙ୍କ ହାତରେ ରହିଛି। ଅନ୍ୟପକ୍ଷରେ ଅନ୍ୟ ଧର୍ମରେ ଏଭଳି ବ୍ୟବସ୍ଥା ନାହିଁ। ୧୯୯୫ ଆଇନ ହେଉଛି ଭେଦଭାବପୂର୍ଣ୍ଣ ଏବଂ ସାମ୍ବିଧାନିକ ଦୃଷ୍ଟିରୁ ଅବୈଧ। ଏହା ସମ୍ବିଧାନର ଧାରା ୧୪, ୧୫, ୨୧, ୨୫, ୨୬ ଓ ୨୭ର ବିରୁଦ୍ଧାଚରଣ କରୁଛି। ତେଣୁ ଏହାକୁ ଅସାମ୍ବିଧାନିକ ଘୋଷଣା କରାଯାଉ। ପିଟିସନରେ ଆହୁରି କୁହାଯାଇଛି ଯେ ମୁସଲିମ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ ୱାକଫ୍ ସଂପତ୍ତିର ସର୍ଭେ ଖର୍ଚ୍ଚ ସରକାର କାହିଁକି ବହନ କରିବେ। ଅନ୍ୟ ଧର୍ମର ଅନୁଷ୍ଠାନ ଓ ସଂପତ୍ତିର ସର୍ଭେ ଓ ପରିଚାଳନା ଲାଗି ସରକାର ଖର୍ଚ୍ଚ କରୁନଥିବା ବେଳେ ୱାକଫ୍ ପାଇଁ କାହିଁକି ସରକାର ଅନୁଦାନ ଦେଉଛନ୍ତି? ଏହାକୁ ତୁରନ୍ତ ବନ୍ଦ କରାଯାଉ।



୨୦୨୫ରେ ନୂଆ ୱାକଫ୍ ଆଇନ ଆସିଥିବା ବେଳେ ୧୯୯୫ ଆଇନକୁ ସେ କାହିଁକି ଏବେ ଚାଲେଞ୍ଜ କରୁଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ ଆବେଦନକାରୀ କହିଥିଲେ, ସେ ୨୦୧୩ରେ ପ୍ରଣିତ ଆଇନକୁ ମଧ୍ୟ ଚାଲେଞ୍ଜ ▶ପୃଷ୍ଠା-୭

## ମାଓନେତା ବିଜୟ ପୁନେମଙ୍କ ଆତ୍ମସମର୍ପଣ




■ **ରାୟଗଡ଼ା, ୨୭।୫ (ସମିସ):** ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ୍) ଡିଭିଜନ୍‌ର ଘୁମସର ଏରିଆ କମିଟିର ଦୁର୍ଦ୍ଦାନ୍ତ ମାଓବାଦୀ ବିଜୟ ପୁନେମ୍ ଓରଫ୍ ଅଜୟ ଆଜି ରାୟଗଡ଼ା ଜିଲ୍ଲା ଏସ୍‌ପି ସୁଶ୍ରୀ ସ୍ୱାତୀ ଏସ୍. କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛି। ଛତିଶଗଡ଼ର ବିଜାପୁର ଜିଲ୍ଲା ହୁସୁର ଥାନା ଅଞ୍ଚଳର ବାଡିଗୁଡ଼େମ ଗ୍ରାମ ନିବାସୀ ବିଜୟ ନିଜର ଗୋଟିଏ ପିସ୍ତଲ୍ ଓ ୮ ରାଉଣ୍ଡ ଗୁଳି ସହ ଆତ୍ମସମର୍ପଣ କରିଛି। ତା' ନାମରେ ଓଡ଼ିଶା ସରକାରଙ୍କ ତରଫରୁ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ସେ କନ୍ଧମାଳ ଜିଲ୍ଲା ଓ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ମାଓବାଦୀ ଓ ସୁରକ୍ଷାବାହିନୀ ମଧ୍ୟରେ ଘଟିଥିବା ଗୁଳି ବିନିମୟ ଘଟଣାରେ ଜଡ଼ିତ ଥିଲେ ଓ ▶ପୃଷ୍ଠା-୭




### ଶୁଦ୍ଧିକ୍ରିୟାରେ ରକ୍ତପାତ


## ସାନ ସଢ଼ୁଙ୍କୁ ତୀର ମାରିଲା ଦେଢ଼ଶାଶୂର ପ୍ରେମିକ



■ **ରାଉରକେଲା, ୨୭।୫ (ସମିସ):** ବଡ଼ ସଢ଼ୁଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ସାନ ସଢ଼ୁଙ୍କୁ ତୀର ମାରି ଗୁରୁତର କରିଛି ଦେଢ଼ଶାଶୂରପ୍ରେମିକ। ଦେଢ଼ଶାଶୂର ସ୍ୱାମୀଙ୍କ ମୃତ୍ୟୁ ପରେ ତାର ପ୍ରେମିକ ତାକୁ ପତ୍ନୀ ଭାବେ ରଖିବାକୁ କହିଥିଲା। ଏହାକୁ ବାରଣ କରିବାରୁ ସାନ ସଢ଼ୁକୁ ତା'ର ପ୍ରେମିକ ତୀର ମାଡ଼ କରିଛି। ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବୀରକେରା ଝରିଆଟୋଲା ଗ୍ରାମରେ ମଙ୍ଗଳବାର ଏଭଳି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଯୁବକଜଣଙ୍କ ସମ୍ବଲପୁରର ନିତ୍ୟାନନ୍ଦ ରନବେଡା (୨୮)।

ସୂଚନାନୁସାରେ, ବଡ଼ସଢ଼ୁ ଦୁର୍ଯୋଧନ ଲୋହାର ବିରକେରା ଝରିଆଟୋଲା ଗ୍ରାମରେ ପରିବାର ସହ ରୁହନ୍ତି। କିଛି ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁଦ୍ଧିକ୍ରିୟା କାର୍ଯ୍ୟରେ ▶ପୃଷ୍ଠା-୭

## ସିଏଆର ଟି-କୋଷ ଚିକିତ୍ସା ବିଷୟରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ




**✓ ସିଏଆର-ଟି କୋଷ ଚିକିତ୍ସା କ'ଣ?**

ସିଏଆର-ଟି ଚିକିତ୍ସା ହେଉଛି ଏକ ପ୍ରକାରର ଇମ୍ୟୁନୋଥେରାପି, ଯାହା କର୍କଟ ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ। ଇମ୍ୟୁନୋଥେରାପି ହେଉଛି ରୋଗୀଙ୍କ ନିଜସ୍ୱ ଟି-କୋଷଗୁଡ଼ିକୁ ବୁଝାଏ, ଯାହାକୁ ତାଙ୍କ ନିଜସ୍ୱ ରକ୍ତରୁ ବାହାର କରି ଏକ ପରୀକ୍ଷାଗାରରେ ରୂପାନ୍ତରିତ କରାଯାଏ, ଯାହା ଦ୍ୱାରା ଏହି ଟି-କୋଷଗୁଡ଼ିକ କର୍କଟ ରୋଗ କୋଷଗୁଡ଼ିକୁ ଚିହ୍ନି ନଷ୍ଟ କରି ଦେଇଥାନ୍ତି। ଏହି ଇଞ୍ଜିନିୟରଡ୍ ଟି-କୋଷଗୁଡ଼ିକୁ, ଯାହାକୁ ସିଏଆର-ଟି କୋଷ କୁହାଯାଏ, କର୍କଟ ରୋଗ ସହିତ ଲଢ଼ିବା ପାଇଁ ରୋଗୀଙ୍କ ଭିତରେ ପୁନର୍ବାର ପ୍ରବେଶ କରାଯାଏ। ଏହାକୁ ଲ୍ୟୁକେମିଆ, ଲିମ୍ଫୋମା ଏବଂ ମଲ୍ଟିପଲ୍ ମାଏଲୋମା ଭଳି କିଛି ପ୍ରକାରର ରକ୍ତ କର୍କଟ ରୋଗର ଚିକିତ୍ସା ପାଇଁ ଅନୁମୋଦିତ କରାଯାଇଛି।

**✓ ଏହି ଟି-କୋଷଗୁଡ଼ିକ କ'ଣ ଏବଂ ଏହି ପ୍ରକାରର ଇମ୍ୟୁନୋଥେରାପି ପାଇଁ କେବଳ ଟି -କୋଷ କାହିଁକି ବ୍ୟବହୃତ ହୁଏ?**

ଟି-କୋଷଗୁଡ଼ିକ ହେଉଛି ଲିମ୍ଫୋସାଇଟ୍, ଏକ ପ୍ରକାର ଧଳା ରକ୍ତ କୋଷ, ଯାହା ପ୍ରାକୃତିକ ଭାବରେ ସଂକ୍ରମଣ ବିରୁଦ୍ଧରେ ଲଢ଼ିବା ଏବଂ ଅସ୍ୱାଭାବିକ କୋଷଗୁଡ଼ିକୁ ଆକ୍ରମଣ କରିବାରେ ଜଡ଼ିତ।

ଆମର ପ୍ରତିରକ୍ଷା ପ୍ରଣାଳୀ ଅନୁପ୍ରବେଶକାରୀ କୋଷଗୁଡ଼ିକର ପୃଷ୍ଠରେ ଆଣ୍ଟିଜେନ୍ ନାମକ ପ୍ରୋଟିନ୍ ଟ୍ରାକ୍ କରି କର୍କଟ ରୋଗ ସମେତ ଅନୁପ୍ରବେଶକାରୀଙ୍କ ପାଇଁ ଆମ ଶରୀରକୁ ନିରୀକ୍ଷଣ କରେ। ଆମର ଟି-କୋଷଗୁଡ଼ିକର ରିସେପ୍ଟର ନାମକ ନିଜସ୍ୱ ପୃଷ୍ଠ ପ୍ରୋଟିନ୍ ଅଛି। ଏହି ରିସେପ୍ଟରଗୁଡ଼ିକ ଅସ୍ୱାଭାବିକ ଆଣ୍ଟିଜେନ୍ ଥିବା କୋଷଗୁଡ଼ିକୁ ଚିହ୍ନଟ କରିପାରିଥାନ୍ତି। ଟି-କୋଷଗୁଡ଼ିକ ଅସ୍ୱାଭାବିକ କୋଷଗୁଡ଼ିକ ପାଇଁ ଏକ ନିରୀକ୍ଷଣ ପ୍ରଣାଳୀ ଭାବରେ କାର୍ଯ୍ୟ କରେ, ଯେତେବେଳେ ଏକ ରିସେପ୍ଟର ଏକ ଅସ୍ୱାଭାବିକ କୋଷକୁ ଚିହ୍ନିଥାଏ ସେତେବେଳେ ଏହା ସକ୍ରିୟ ହୋଇଯାଏ। ସକ୍ରିୟ ଟି-କୋଷ କାର୍ଯ୍ୟ କରିଥାଏ, ଅସ୍ୱାଭାବିକ କୋଷଗୁଡ଼ିକୁ ନଷ୍ଟ କରିଦିଏ ଏବଂ ଆମ ପ୍ରତିରକ୍ଷା ପ୍ରଣାଳୀର ଅନ୍ୟ ଅଂଶଗୁଡ଼ିକୁ ସକ୍ରିୟ କରି ଅସ୍ୱାଭାବିକ କୋଷଗୁଡ଼ିକୁ ଖୋଜିବା ଏବଂ ନଷ୍ଟ କରିବାରେ ସାହାଯ୍ୟ କରେ।

ତଥାପି, ଆମର ଟି-କୋଷ ରିସେପ୍ଟରଗୁଡ଼ିକ ସର୍ବଦା କର୍କଟ କୋଷଗୁଡ଼ିକୁ ଚିହ୍ନଟ କରିପାରନ୍ତି ନାହିଁ। ତେଣୁ, ସିଏଆର-ଟି କୋଷଗୁଡ଼ିକ ହେଉଛି ଆମର ନିଜସ୍ୱ ଟି-କୋଷ, ଯାହାକୁ ପରିବର୍ତ୍ତନ କରାଯାଏ ଯାହା ଦ୍ୱାରା ସେମାନେ କର୍କଟ କୋଷଗୁଡ଼ିକର ପୃଷ୍ଠରେ ଏକ ନିର୍ଦ୍ଦିଷ୍ଟ ଆଣ୍ଟିଜେନକୁ ଚିହ୍ନିପାରିବେ। ବୈଜ୍ଞାନିକମାନେ ଏକ କାଇମେରିକ୍ ଆଣ୍ଟିଜେନ ରିସେପ୍ଟର ପାଇଁ ଏକ ଲ୍ୟାବ-ନିର୍ମିତ ଜିନ୍ ଯୋଡ଼ି ଆମର ଟି-କୋଷଗୁଡ଼ିକୁ ପରିବର୍ତ୍ତନ କରନ୍ତି। ପରବର୍ତ୍ତୀ ସମୟରେ, ନୂତନ ସିଏଆର-ଟି କୋଷଗୁଡ଼ିକ ବୃଦ୍ଧି ପାଏ ଏବଂ କର୍କଟ କୋଷଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଟାର୍ଗେଟ କରିବା ପାଇଁ ବହୁଗୁଣିତ ହୁଏ।

ଏହି ଜେନେଟିକାଲ୍ ଭାବରେ ସଂଶୋଧିତ ଟି-କୋଷଗୁଡ଼ିକ ରୋଗୀଙ୍କ ଶରୀରରେ ପ୍ରବେଶ କରିବା ପରେ, ସେମାନେ କର୍କଟ କୋଷଗୁଡ଼ିକୁ ଚିହ୍ନଟ କରନ୍ତି ଏବଂ ନଷ୍ଟ କରନ୍ତି। କୋଷଗୁଡ଼ିକ ମଧ୍ୟ ବହୁ ଗୁଣିତ ହୋଇଥାନ୍ତି ଯାହା ଦ୍ୱାରା କର୍କଟ କୋଷଗୁଡ଼ିକୁ ଲକ୍ଷ୍ୟ କରି ସିଏଆର-ଟି କୋଷ ଗୁଡ଼ିକର ଦୀର୍ଘକାଳୀନ ଆବଶ୍ୟକତା ପୂରଣ କରିଥାଏ। ଏହି ଦୀର୍ଘକାଳୀନ ଯୋଗାଣ ଯୋଗୁଁ, ସିଏଆର-ଟି କୋଷ ଚିକିତ୍ସାକୁ ଏକ ପ୍ରକାର "ଜୀବନ୍ତ ଔଷଧ" ମଧ୍ୟ କୁହାଯାଏ।

**✓ ସିଏଆର ଟି-ସେଲ୍ ପାଇଁ କାହିଁକି କିଛି ସପ୍ତାହ ଲାଗେ?**

ସିଏଆର ଟି-ସେଲ୍ ଥେରାପି ହେଉଛି ଏକ ବ୍ୟକ୍ତିଗତ ଚିକିତ୍ସା ଯାହା ରୋଗୀଙ୍କ ନିଜସ୍ୱ ଟି-କୋଷରୁ ତିଆରି କରାଯାଏ। ରୋଗୀଙ୍କଠାରୁ କୋଷଗୁଡ଼ିକୁ (ଲ୍ୟୁକାଫେରେସିସ୍ ଦ୍ୱାରା) ସୃଷ୍ଟି କରାଯାଏ ଏବଂ ଏକ ନିୟନ୍ତ୍ରିତ ପରୀକ୍ଷାଗାରକୁ ପଠାଯାଏ, କଲଚର୍ କରାଯାଏ, ଜେନେଟିକାଲି ପରିବର୍ତ୍ତନ କରାଯାଏ ଏବଂ ତା'ପରେ ଏକ ଇଚ୍ଛିତ ଡୋଜ୍ ପହଞ୍ଚିବା ପାଇଁ ବହୁଗୁଣିତ କରାଯାଏ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଲ୍ୟୁକାଫେରେସିସ୍ ଠାରୁ ପ୍ରାୟ ୧୯ ଦିନ ସମୟ ନେଇଥାଏ।

**✓ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାଗୁଡ଼ିକ କ'ଣ ଏବଂ କେତେ ସାଧାରଣ?**

କ) ସାଇଟୋକାଇନ୍ ରିଲିଜ୍ ସିଣ୍ଡ୍ରୋମ୍ (ସିଆରଏସ)- ନିଃଶ୍ୱାସ ନେବା, ଜ୍ୱର, ନିମ୍ନ ରକ୍ତଚାପ, ହୃଦୟ ଏବଂ ଫୁସ୍‌ଫୁସ୍ ସମସ୍ୟା ଦ୍ୱାରା ବର୍ଣ୍ଣିତ
ଖ) ସ୍ନାୟୁଗତ ଘଟଣା (ଆଇସିଏଏନଏସ)- ଆଫାସିଆ (କହିବାରେ ଅସୁବିଧା), ସନ୍ତୁଳନ ସମସ୍ୟା। ଦ୍ୱନ୍ଦ୍ୱ।
- ଡିସ୍‌ଗ୍ରାଫିଆ (ଲେଖିବାରେ ସମସ୍ୟା)
- ମୁଣ୍ଡବିନ୍ଧା
- ମୂର୍ଚ୍ଛା
- କମ୍ପନ କିମ୍ବା ଶରୀର ଟାଣି ଧରିବା

ଗ) ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ (ଏଚଏଲଏଚ- ଜ୍ୱର ଏବଂ କମ ରକ୍ତ ସଂଖ୍ୟା)
ଘ) ଦୀର୍ଘକାଳୀନ ନିମ୍ନ ରକ୍ତ କୋଷ ସଂଖ୍ୟା (ସାଇଟୋପେନିଆ)

**✓ କେଉଁ ରୋଗୀମାନେ ସିଏଆର-ଟି ଚିକିତ୍ସା କରିପାରିବେ?**

ଅନ୍ୟ ଚିକିତ୍ସା ପ୍ରଭାବଶାଳୀ ନ ହେଲେ କିମ୍ବା କର୍କଟ ପୁନରାବୃତ୍ତି ହେଲେ (ପୁଣି ଥରେ ହେଲେ) ସିଏଆର-ଟି ସେଲ୍ ଚିକିତ୍ସା କିଛି ପ୍ରକାରର ରକ୍ତ କର୍କଟ ରୋଗର ଚିକିତ୍ସା କରିବାର ଏକ ନୂତନ ଉପାୟ। କେତେକ ସମୟରେ, ସିଏଆର ଟି-ସେଲ୍ ଚିକିତ୍ସା କିଛି ପ୍ରକାରର ରକ୍ତ କର୍କଟ ରୋଗକୁ ସୁସ୍ଥ କରିପାରେ। ପ୍ରାୟତଃ, ଏହା ଲୋକଙ୍କୁ ଅଧିକ ଦିନ ବଞ୍ଚିବାରେ ସାହାଯ୍ୟ କରେ। ଅସ୍ଥି ମଜ୍ଜା ପ୍ରତିରୋପଣ ପରେ ମଧ୍ୟ ପୁନଃରୋଗ (ରୋଗ ଫେରି ଆସିବା) ହୋଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।

**✓ ନେକ୍ସ ସିଏଆର ୧୯ ସହିତ ଇନଫ୍ୟୁଜନ ଏବଂ ଡିସ୍‌ଚାର୍ଜ ପରେ ମୋତେ କୌଣସି ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ କି?**

**ଆମେ ସୁପାରିସ କରୁଥିବା କିଛି ସତର୍କତା ନିମ୍ନ ପ୍ରକାରେ :**

କ) ସ୍ୱଚ୍ଛ ପରିବେଶରେ ରନ୍ଧା ଖାଦ୍ୟ ଗ୍ରହଣ କରନ୍ତୁ
ଖ) ସଂକ୍ରମଣର ଆଶଙ୍କା କମାଇବା ପାଇଁ ଭିଡ଼ ସ୍ଥାନରୁ ଦୂରେଇ ରୁହନ୍ତୁ (ପରିବାର କିମ୍ବା ଯତ୍ନ ନେଉଥିବା ବ୍ୟକ୍ତିଙ୍କଠାରୁ ଅଲଗା ରହିବା ଆବଶ୍ୟକ ନୁହେଁ)
ଗ) ଆପଣଙ୍କ ହେମାଟୋ-ଅଙ୍କୋଲୋଜିଷ୍ଟଙ୍କ ସୁପାରିସ ଅନୁଯାୟୀ ନିୟମିତ ଭାବରେ ନିର୍ଦ୍ଦେଶକୁ ଅନୁସରଣ କରନ୍ତୁ
ଘ) ଆପଣଙ୍କ ହେମାଟୋ-ଅଙ୍କୋଲୋଜିଷ୍ଟଙ୍କ ପରାମର୍ଶ ବିନା କୌଣସି ଔଷଧ ଆରମ୍ଭ କରନ୍ତୁ ନାହିଁ କିମ୍ବା ବନ୍ଦ କରନ୍ତୁ ନାହିଁ
ଘ) ଯଦି ଆପଣ ଅନ୍ୟ କୌଣସି ଅବସ୍ଥା ପାଇଁ ଚିକିତ୍ସା ଖୋଜୁଛନ୍ତି, ତେବେ ସିଏଆର ଟି-ସେଲ୍ ଥେରାପି ସହିତ ଚିକିତ୍ସା ପାଇଁ ପରାମର୍ଶ କରିବା ସମୟରେ ଏହି ଅବସ୍ଥାଗୁଡ଼ିକ ବିଷୟରେ ଆପଣଙ୍କ ଡାକ୍ତରଙ୍କୁ ଜଣାନ୍ତୁ।

**✓ ଭାରତରେ ସିଏଆର-ଟି ଦ୍ୱାରା କେତେ ରୋଗୀଙ୍କୁ ଚିକିତ୍ସା କରାଯାଇଛି**

ଆଜି ପର୍ଯ୍ୟନ୍ତ ୩୫୦ ରୁ ଅଧିକ ରୋଗୀଙ୍କୁ ସମ୍ପୂର୍ଣ୍ଣ ଭାରତରେ ନିର୍ମିତ ନେକ୍ସ ସିଏଆର ୧୯ ସହିତ ଚିକିତ୍ସା କରାଯାଇଛି। ବଜାରରେ କେବଳ କିଛି ସିଏଆର- ଟି ଉତ୍ପାଦ ଉପଲବ୍ଧ।

**✓ ସିଏଆର-ଟି ଚିକିତ୍ସା ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି?**


**ମୁଖ୍ୟ ପାର୍ଥକ୍ୟ:**

- **କାର୍ଯ୍ୟ ପ୍ରଣାଳୀ:**
ସିଏଆର-ଟି କୋଷ ଚିକିତ୍ସା କର୍କଟ କୋଷଗୁଡ଼ିକୁ ସିଧାସଳଖ ଟାର୍ଗେଟ କରେ, ଯେତେବେଳେ କି ଅସ୍ଥି ମଜ୍ଜା ପ୍ରତିରୋପଣରେ ସୁସ୍ଥ ଷ୍ଟେମ୍ କୋଷ ସହିତ ଅସ୍ଥି ମଜ୍ଜା ପ୍ରତିସ୍ଥାପନ ଉପରେ ଧ୍ୟାନ ଦିଏ।
- **ଚିକିତ୍ସାର ଲକ୍ଷ୍ୟ:**
ସିଏଆର-ଟି କୋଷ ଚିକିତ୍ସା ମୁଖ୍ୟତଃ ରକ୍ତ କର୍କଟକୁ ଟାର୍ଗେଟ କରେ, ଯେତେବେଳେ ଅସ୍ଥି ମଜ୍ଜା ପ୍ରତିରୋପଣ ରକ୍ତ କର୍କଟ ଏବଂ ଅନ୍ୟାନ୍ୟ ରକ୍ତ ବ୍ୟାଧି ପାଇଁ ବ୍ୟବହୃତ ହୁଏ।
- **କୋଷର ଉତ୍ସ:**
ସିଏଆର-ଟି କୋଷ ଚିକିତ୍ସା ରୋଗୀଙ୍କ ନିଜସ୍ୱ 'ଟି' କୋଷ ବ୍ୟବହାର କରେ, ଯେତେବେଳେ ଅସ୍ଥି ମଜ୍ଜା ପ୍ରତିରୋପଣଦାତାଙ୍କ ଷ୍ଟେମ୍ କୋଷ (ଆଲୋଜେନିକ୍ ପ୍ରତିରୋପଣ) କିମ୍ବା ରୋଗୀଙ୍କ ନିଜସ୍ୱ କୋଷ (ଅଟୋଲୋଗସ୍ ପ୍ରତିରୋପଣ) ବ୍ୟବହାର କରେ।
- **ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା:**
ଉଭୟ ଚିକିତ୍ସାର ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଅଛି, କିନ୍ତୁ ପ୍ରକୃତି ଏବଂ ଗମ୍ଭୀରତାରେ ସେଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ।
- **ଚିକିତ୍ସା ପଦ୍ଧତି:**
ସିଏଆର-ଟି କୋଷ ଚିକିତ୍ସା ହେଉଛି ଇମ୍ୟୁନୋଥେରାପିର ଏକ ପ୍ରକାର ଚିକିତ୍ସା, ଯେତେବେଳେ କି ଅସ୍ଥି ମଜ୍ଜା ପ୍ରତିରୋପଣ ହେଉଛି ଏକ ପ୍ରକାର କୋଷ ଚିକିତ୍ସା।

**✓ ଭାରତରେ ଏହି ଚିକିତ୍ସାର ବର୍ତ୍ତମାନର ମୂଲ୍ୟ କେତେ?**

ଭାରତରେ ଉତ୍ପାଦ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ଏବଂ ଏଥିରେ ପରବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି ଏବଂ ଚିକିତ୍ସା ଖର୍ଚ୍ଚ ଲାଗୁ ହେବ।

ଉପସ୍ଥାପନା
**ଡକ୍ଟର ପ୍ରିୟଙ୍କା ସାମଲ**
(ଡିଏମ୍ କ୍ଲିନିକାଲ୍ ହେମାଟୋଲୋଜି)
ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ
କ୍ଲିନିକାଲ୍ ହେମାଟୋଲୋଜି,
ହେମାଟୋ-ଅଙ୍କୋଲୋଜି,
ବିଏମଟି ଏବଂ ସେଲ୍ୟୁଲାର୍ ଥେରାପି ବିଭାଗ
ଆଇଏମ୍ଏସ୍ ଏବଂ ସମ୍ ହସ୍ପିଟାଲ
(ସେପ୍ଟେମ୍ବର ୨୦୨୪ ପରଠାରୁ ଓଡ଼ିଶାରେ ୩ଟି ସିଏଆର୍-ଟି ଥେରାପି କରାଯାଇଛି)



# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବିପତ୍ର

ମାଲକାନଗିରି,୨୭ ।୫(ସମିସ):



ସାମ୍ବାଦିକଙ୍କ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ହୋଇନଥିବାରୁ ରାଜ୍ୟରେ ଦିନକୁ ଦିନ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଇ ଚାଲିଛି, ସାମ୍ବାଦିକ ଆକ୍ରମଣକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ତୁରନ୍ତ କରିବା ଦାବି ନେଇ ଆଜି ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୂଚନା ଥାଉକି ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥପାଲ୍ଲି ର ଜଣେ ବରିଷ୍ଠ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଗୋଡ଼ ହାତ ବାନ୍ଧି ଗୋଇଠା ମାଡ଼ ଦେଇ ବର୍ବୋରୋଚିତ ଆକ୍ରମଣ ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣାକୁ ରାଜ୍ୟର ସମସ୍ତ ଗଣ ମାଧ୍ୟମ ପ୍ରତିନିଧି ଘୋର ପ୍ରତିବାଦ ସହ ନିନ୍ଦା କରି ଆନ୍ଦୋଳନ କରିଥିଲେ। ଏହି ଘଟଣା ରେ ଅଭିଯୁକ୍ତ ମାନଙ୍କ ବିରୋଧ ରେ ଯତେଷ୍ଟ ପ୍ରମାଣ ଥାଇ ମଧ୍ୟ ଦୀର୍ଘ ୩ଦିନପରେ ବିଳମ୍ବରେ ପୁଲିସ ଗିରଫ କରିଛି। କେବଳ ଗିରଫ କରିଦେଲେ ହେବ ନାହିଁ, ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି। ଏହି ଅବସର ରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିହ ଚରଣ ମହାନ୍ତି, ଗୌରୀଶଙ୍କର ପଣ୍ଡା, ଦିଲ୍ଲୀପ ପଟନାୟକ, କିଶୋର ପାତିକା, ମନୋଜ ସାହା, ରାହୁଲ ଗୋଲରୀ, ଏମ. ଚନ୍ଦ୍ର ରାଓ, ମିରନାଲ ମଣ୍ଡଳ, ବିଜୟ ମଣ୍ଡଳ ପ୍ରମୁଖ ସାମ୍ବାଦିକ ମାନେ ଉପସ୍ଥିତ ରହିଥିଲେ।

# ଜୀବନ ବଞ୍ଚାଇବା ପାଇଁ ଶେଷ ସୁଯୋଗ ଦେଲା ଛତିଶଗଡ଼ ପୁଲିସ

## ଅବୁଜମାଡ଼ ଅପରେସନର ସତ୍ୟତା ବଖାଣିଲେ ମାଓନେତା

ମାଲକାନଗିରି, ୨୭ ।୫ (ସମିସ): ଗତ କିଛିଦିନ ପୂର୍ବେ ଛତିଶଗଡର ଅବୁଜାମାଡ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟରେ କୁଖ୍ୟାତ ମାଓ ନେତା ନମ୍ବାଲା କେଶବ ରାଓ ସମେତ ୨୭ ମାଓବାଦୀ ନିହତ ହୋଇଥିବା ନେଇ ପୁଲିସ ପକ୍ଷରୁ କୁହାଯାଉଥିବା ବେଳେ ଆଜି ଏନେଇ ମାଓ ସଙ୍ଗଠନ ଏକ ପ୍ରେସ ବିବୃତି ଜାରି କରି ୨୭ ବଦଳରେ ୨୮ ଜଣ ମାଓବାଦୀ ନିହତ ହୋଇଥିବା କୁହାଯାଇଛି। ସୂଚନା ଅନୁଯାୟୀ ଛତିଶଗଡର ନାରାୟଣପୁର ଅବୁଜମାଡ ଏନକାଉଣ୍ଟର ରେ ୨୭ ମାଓବାଦୀ ନୁହେଁ ବରଂ ବାସବ ରାଜୁଙ୍କ ସହ ମୋଟ ୨୮ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ୱୀକାରକରିଛି ମାଓ ସଂଗଠନ। ପୋଲିସ୨୭ ଜଣେ ନକ୍ସଲଙ୍କ ମୃତ ଦେହକୁ ଠାବ କରିଥିବା ବେଳେ ଜଣେ ମାଓବାଦୀଙ୍କ ମୃତ ଦେହ ନକ୍ସଲ ମାନେ ସାଙ୍ଗରେ ନେଇ ଯାଇଛନ୍ତି


भारत की कम्युनिस्ट पार्टी (माओवादी)
दंडकारण्य स्पेशल जोनल कमेटी

ବୋଲି ମାଓ ସଙ୍ଗଠନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହା ସହ ନିହତ ୨୮ ଜଣ ନକ୍ସଲ ନାମ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜାରି କରିଛନ୍ତି ଦଣ୍ଡକାରଣ୍ୟ ସ୍ପେଶଲ ଜୋନାଲ କମିଟି ମୁଖପାତ୍ର ବିକଳ୍ପ। ପ୍ରେସ୍ ନୋଟରେ ଏନ୍‌କାଉଣ୍ଟରକୁ ନିନ୍ଦା କରିବା ସହ ମେ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ବଡ ଧରଣର ଗୁଳିବିନିମୟକୁ ନେଇ ଅନେକ ଖୁଲାସା କରିଛନ୍ତି। ତାଙ୍କ ଦ୍ୱାରା ଜାରି ଏହି ପ୍ରେସ ବିବୃତିରେ ଉଲ୍ଲେଖ ରହିଛି ଯେ, ଘଟଣା ଦିନ ପୋଲିସ ଦଳ ପହଞ୍ଚିବା ସୂଚନା ପାଇବା ପରେ ଖସି ଚାଲି ଯିବାକୁ ମାଓବାଦୀ ମାନେ ଅନେକ ଚେଷ୍ଟା କରିଥିଲେ। ତେବେ ଏଥିରେ ମାଓବାଦୀ ମାନେ ସଫଳ ହୋଇ ନଥିଲେ, ୧୯ ତାରିଖ ସକାଳ ଠାରୁ ପାଞ୍ଚ ଥର ଅଳ୍ପ ସମୟ ପାଇଁ ଗୁଳି ବିନିମୟ ହୋଇଥିଲା। କିନ୍ତୁ କୌଣସି କ୍ଷୟକ୍ଷତି ହୋଇ ନଥିଲା। ମେ ୨୦ ରାତିରେ ହଜାର ହଜାର ଜବାନ ନକ୍ସଲଙ୍କୁ ଚାରିପଟୁ ଘେରି ଯାଇଥିଲେ ଏବଂ ୨୧ ମେ ରେ ହୋଇଥିବା ଅପରେସନରେ ସମସ୍ତେ ନିହତ ହୋଇଥିଲେ। ନିହତ ମାଓବାଦୀ ମାନେ ଜୀବନ ବଞ୍ଚାଇବା ପାଇଁ ଅନେକ ପ୍ରୟାସ କରିଥିଲେ ମଧ୍ୟ ସେଥିରେ ସଫଳ ହୋଇ ନଥିଲେ। ତେବେ ଏନେଇ ମାଓବାଦୀ ମାନେ ପ୍ରେସ ବିବୃତି ଜାରି ପରେ ମାଓ ସଙ୍ଗଠନର ପ୍ରକୃତ ସ୍ଥିତି ବିଷୟରେ ଅନୁମାନ କରି ହେଉଛି। ଏହାରି ମଧ୍ୟରେ ଛତିଶଗଡ ପୋଲିସ ପକ୍ଷରୁ ମାଓବାଦୀଙ୍କୁ ଶେଷ ସୁଯୋଗ ଦିଆଯାଇଛି। ଜୀବନ ବଞ୍ଚାଇବା ପାଇଁ ପୋଲିସ ଆଇଜି ସୁନ୍ଦର ରାଜ ପି ମାଓବାଦୀଙ୍କୁ ବାର୍ତ୍ତା ଦେଇଛନ୍ତି ଯେ , ଆତ୍ମସମର୍ପଣ କର ନଚେତ ମର। ଏହା ମାଓ ସଙ୍ଗଠନ ପାଇଁ ଶେଷ ସୁଯୋଗ ବୋଲି ଆଇଜି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଭୁଶୁଡ଼ି ପଡିଥିବା ମାଓ ସଙ୍ଗଠନ ପକ୍ଷରୁ ଆଉ ଏକ ପ୍ରେସ୍ ବିବୃତି ଜାରି କରି ଅସ୍ତ୍ର ବିରତି ପାଇଁ ଅନୁରୋଧ କରାଯାଇଛି। ଗତ ଏକ ମାସ ମଧ୍ୟରେ ମାଓବାଦୀ ମାନେ ପ୍ରାୟ ୪ ଥରରୁ ଅଧିକ ଥର ଏହି ଅସ୍ତ୍ର ବିରତି ପାଇଁ ଅନୁରୋଧ କରିଥିବା ବେଳେ ମାଓ ସଙ୍ଗଠନ ଶେଷ ନିଃଶ୍ୱାସ ନେଉଥିବା ଅନୁମାନ କରାଯାଉଛି।

● ସରକାରୀ କାର୍ଯ୍ୟାଳୟ

# ଖାଲିପଡିଛି ଚୌକି, ଚାଲିଛି ଏସି ଓ ଫ୍ୟାନ୍



ମାଲକାନଗିରି, ୨୭ ।୫ (ସମିସ): ମାଲକାନଗିରି ଜିଲ୍ଲାରେ ସକାଳୁଆ ଅଫିସ ଗୁଡିକରେ ଅଧିକାରୀ ନଥାଇ ଚାଲିଛି ଏସି ଓ ଫ୍ୟାନ। ଖରାଦିନେ ପ୍ରବଳ ଗରମରୁ ତ୍ରାହି ପାଇବାକୁ ଟିକିଏ ଏସି ପବନ ପାଇବାକୁ ହେଲେ ଲୋକେ ବିଦ୍ୟୁତ ଦେୟକୁ ନେଇ ଚିନ୍ତାରେ ପଡି ଯାଉଥିବା ବେଳେ ମାଲକାନଗିରି ଜିଲ୍ଲା ସଦରରେ ସରକାରୀ କାର୍ଯ୍ୟାଳୟରେ କିନ୍ତୁ ଖାଲି ଖାଲିରେ ଚାଲିଛି ଏସି ଓ ଫ୍ୟାନ୍। ସୂଚନା ଅନୁଯାୟୀ ମାଲକାନଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ବର୍ତ୍ତମାନ ସକାଳୁଆ ଅଫିସ ହୋଇଥିବା ବେଳେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ କାର୍ଯ୍ୟ ସମୟ ରହିଛି। ତେବେ ପ୍ରାୟ ଦିନ ୧.୨୦ଟା ସମୟରେ ମାଲକାନଗିରି କାର୍ଯ୍ୟାଳୟରେ ଦୁଇ ଦୁଇଟି ଏସି ଚାଲୁ ରହିଥିବା ସହ ଫ୍ୟାନ ମଧ୍ୟ ଚାଲୁ ରହିଥିବା ବେଳେ କାହାର ଦେଖା ନଥିଲା। ପ୍ରାୟ ୨୦ମିନିଟ ପର୍ଯ୍ୟନ୍ତ ଅପେକ୍ଷା ପରେ ମଧ୍ୟ କୌଣସି ଅଧିକାରୀଙ୍କ ଦେଖା ଦର୍ଶନ ନଥିଲା। ତେବେ କିଭଳି ଭାବେ ସରକାରୀ ସମ୍ପତ୍ତିର ଦୁରୁପଯୋଗ ହେଉଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସାଧାରଣ ଗରିବ ଲୋକଟି ବର୍ଦ୍ଧିତ ବିଦ୍ୟୁତ ବିଲ ପୈଠ କରିବାରେ ଅସମର୍ଥ ହେଉଥିବା ବେଳେ ସରକାରୀ ବାବୁଙ୍କ ଏହି ଭଳି ବେପରୁଆ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ୧୧୯୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ

କୋରୁକୋଣ୍ଡା,୨୭ ।୫(ସମିସ):



ମାଲକାନଗିରି ଜିଲ୍ଲା ଓର୍କେଲ ପୁଲିସକୁ ମିଳିଛି ଏକ ବଡ ସଫଳତା। କିଛି ଗଞ୍ଜେଇ ମାଫିଆ ବେଆଇନ ଭାବେ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଚିତ୍ରକୋଣ୍ଡା ଛକ ନିକଟସ୍ଥ ନୁଆଗୁଡା ଗ୍ରାମ ନିକଟରେ ୬୦ଟି ବଡ ଜରି ବସ୍ତାରେ ଗଛିତ ରଖିଥିବା ଏକ ଟନ ଏକ କ୍ୱିଣ୍ଟା ୯୦ କିଲୋ ଗଞ୍ଜେଇ ସହ ସେଠାରେ ଥିବା ଦୁଇଟି ବାଇକ୍‌କୁ ପୁଲିସ ଜବତ କରିବା ସହିତ ଘଟଣା ସ୍ଥଳରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ବ୍ୟକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ଗିରଫ ବ୍ୟକ୍ତି ମାନେ ହେଲେ ନୀଳାକାମ୍ବେରୁ ଗ୍ରାମର ସୁଶୀଲ କୁମାର ପ୍ରଧାନ, ହରିୟାଣା ରାଜ୍ୟ, ରେୱାଡି ଜିଲ୍ଲା ଅନ୍ତର୍ଗତ ମୁଣ୍ଡି ସନ୍ଦୀପ କୁମାର ଏବଂ ଅନ୍ୟ ଜଣେ ଉକ୍ତ ହରିୟାଣା ରାଜ୍ୟର ସ୍ୱର୍ଗତ ମହେନ୍ଦ୍ର ସିଂ ସୋନୀଙ୍କ ପୁଅ ହରିଶ ସୋନୀ ବୋଲି ଜଣାପଡିଛି। ଏମାନଙ୍କ ନିକଟରୁ ୨ଟି ବାଇକ୍ ଓଡି-୩୦-ଏଫ-୪୦୦୮ ଏବଂ ହେଚଆର -୩୬-ଏକିଉ-୮୪୨୩ ନମ୍ବରକୁ ପୋଲିସ ଜବତ କରିଛି। ଏ ନେଇ ପୁଲିସ ପକ୍ଷରୁ ଥାନାରେ କେସ ନମ୍ବର-୧୫୩/୨୦୨୫ ଦଫା ୨୦(ବି)(ସି)/୨୫/୨୭ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ବ୍ୟକ୍ତିଙ୍କୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍‌ଆଇ ଅଜିତ ସିଂ ବରିହା କହିଛନ୍ତି। ତେବେ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମଙ୍ଗଳବାର ବଡ଼ି ଭୋରୁ ନୂଆଗୁଡା ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଗଛିତ ଥିବା ନେଇ ଏକ ବିଶେଷ ସୂତ୍ରରୁ ପୁଲିସକୁ ସୂଚନା ମିଳିଥିଲା। ସଙ୍ଗେ ସଙ୍ଗେ ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଦୁଇଟି ବାଇକ ସହ କିଛି ଲୋକ ସେଠାରେ ଥିବା ଗଞ୍ଜେଇ ପାଖରେ ଛିଡା ହୋଇଥିବା ପୋଲିସ ଦେଖିବାକୁ ପାଇଥିଲେ। ସେଠାରେ ଥିବା ଲୋକେ ପୋଲିସକୁ ଦେଖି ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇ ଜବତ କରାଯାଉଥିଲା। ଏହି ଗଞ୍ଜେଇ ମାଲକାନଗିରି ଜିଲ୍ଲା ଯୋଡ଼ାଆମ୍ବ ଥାନା ଅନ୍ତର୍ଗତ ପଣସପୁଟ ଗ୍ରାମର ଗୁରୁଖିଲଙ୍କଠାରୁ ଅଣା ଯାଇଥିବା ପଚରା ଉଚୁରା ସମୟରେ ଗିରଫ ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ ପ୍ରକାଶ କରିଥିବା ଜଣା ପଡିଛି। ପୋଲିସ ପକ୍ଷରୁ ତଦନ୍ତ ଚାଲିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତି ମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦାଇତ୍ୱରେ ଥିବା ଏସଆଇ ଶ୍ରୀ ବରିହା ସୂଚନା ଦେଇଛନ୍ତି।

# ଘର ଭୁଶୁଡ଼ି ବାପ ପୁଅ ଆହତ

ଚନ୍ଦ୍ରପୁର,୨୭।୫(ସମିସ) :

ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତର ବଡ଼ପଙ୍କାଳ ଗାଁରେ ଘର ଭୁଶୁଡ଼ି ବାପ ପୁଅ ଆହତ ହୋଇଛନ୍ତି। ଆହତ ହୋଇ ଥିବା ବ୍ୟକ୍ତି ହେଲେ ରମାକାନ୍ତ କ୍ରେପୁଟିକା (୩୦), ବରଣ କ୍ରେପୁଟିକା )୪) । ନିଜେ ତିଆରି କରିଥିବା କାଠ ଓ ମାଟି ଘରେ ବାପ ପୁଅ ଦୁହେଁ ଗୋଟିଏ କୋଠରୀ ଶୋଇ ଥିଲେ। ଗତ କାଲି ରାତିରେ ଲଗାଣ ବର୍ଷା ଲାଗି ରହିଥିଲା। ବର୍ଷା କମି ଯିବା ପରେ ହଠାତ ଘର ଭୁଶୁଡ଼ି ଯିବାରୁ ବାପ ପୁଅ ଉପରେ କାଠ ଓ ଇଟା ପଡ଼ି ପୋତି ହୋଇ ଉଭୟ ଆହତ ହୋଇଛନ୍ତି। ଗାଁ ଲୋକେ ବାପ ପୁଅଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଆମ୍ବୁଲାନ୍ସ ଗାଡିକୁ ଯୋଗାଯୋଗ କରି ଥିଲେ ମଧ୍ୟ ଗାଡି ଆସି ପାରିଲା ନାହିଁ। ଗାଁ ଲୋକେ ନିଜେ ଗାଡି ଖର୍ଚ୍ଚ ବହନ କରି ଗୁଣୁପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଘର ଭୁଶୁଡ଼ି ବାପ ପୁଅ ଆହତ ହୋଇ ଥିବା ବିଷୟରେ ଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯିବାରୁ ସେ ଆସି ଘର ଭୁଶୁଡ଼ି ଯିବାର କ୍ଷୟକ୍ଷତି ବିଷୟରେ ସରକାରଙ୍କୁ ଜଣାଇବା ବିଷୟରେ କହିଛନ୍ତି।



# ୨ ଦିନରେ ୬ କଣ୍ଟେନର ଜବତ,୨୪୯ ଗାଈ ଉଦ୍ଧାର

କୋରାପୁଟ,୨୭।୫(ସମିସ):



ଗୋ ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ନେଇଛି କୋରାପୁଟ ଟାଉନ ପୁଲିସ। ୨ ଦିନରେ କୋରାପୁଟ ଟାଉନ ପୁଲିସ ଦ୍ୱାରା ପଡୋଶୀ ରାଜ୍ୟକୁ ୬ ଟି କଣ୍ଟେନରରେ ଚାଲାଣ ହେଉଥିବା ୨୪୯ ଟି ଗାଈଙ୍କୁ ଉଦ୍ଧାର କରିବା ସହିତ ୨୨ ଜଣଙ୍କୁ ଗିରଫ କରିଛି। ଗୋଟିଏ କାର ଓ ୬ କଣ୍ଟେନରକୁ ଜବତ କରାଯାଇଛି ବୋଲି କୋରାପୁଟ ଟାଉନ ଥାନା ଆଇଆଇସି ସତ୍ୟାନନ୍ଦ ପାତ୍ର କହିଛନ୍ତି। ପୁଲିସ କେସ ନମ୍ବର ୧୦୪/୨୫ ଓ ୧୦୭/୨୫ ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୫ ତାରିଖ ଦିନ କୋରାପୁଟ ଟାଉନ ଥାନା ପୁଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ରାଣିଗଡ ରାସ୍ତାରେ ୨ଟି କଣ୍ଟେନରରେ ଗୋ'ଚାଲାଣ ହେଉଥିବା ଦେଖି ସନ୍ଦେହ ହେବାରୁ ଗାଡିକୁ ଅଟକାଇ ପଚରାଉଚରା କରି ଯାଞ୍ଚ କରିବାରୁ ଗାଡ଼ିରେ ଗାଈ ଥିବା ନବରଙ୍ଗପୁରରୁ ତାମିଲନାଡୁ ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ପାଖରେ କୌଣସି ଲାଇସେନ୍ସ ବା ଗୋ'ଚାଲାଣ ନେଇ କୌଣସି କାଗଜ ପତ୍ର ନ ଥିବା ଦେଖି ସେଠାରୁ ଗୋ'ଚାଲାଣକାରୀ ୫ ଜଣଙ୍କୁ ଗିରଫ କରିବା ସହ ସମେତ ସମୁଦାୟ ୩୯ ଟି ଗାଈକୁ ଉଦ୍ଧାର କରାଯାଇଛି। ସେହିପରି ଆଜି ପେଟ୍ରୋଲିଙ୍ଗ କରୁଥିବା ସମୟରେ ରାଣିଗଡ ରାସ୍ତାରେ ୪ଟି ଗୋ ଚାଲାଣ କଣ୍ଟେନରରୁ ୨୧୦ ଟି ଗାଈ ଉଦ୍ଧାର କରିବା ସହିତ ମୋଟ ୧୭ ଜଣଙ୍କୁ ଗିରଫ କରାଯାଇଛି। ନବରଙ୍ଗପୁରରୁ ହାଇଦ୍ରାବାଦ ଗୋ ଚାଲାଣ ହେଉଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଉଦ୍ଧାର ହୋଇଥିବା ଗାଈ ମାନଙ୍କ ମଧ୍ୟରୁ ୫ ଟି ଗାଈ ମୃତ୍ୟୁ ବରଣ କରିଥିବା ବେଳେ ଅନେକ ଗାଈ ଆହତ ଥିବା ପୁଲିସ ପକ୍ଷରୁ କୁହାଯାଇଛି ।ଉଦ୍ଧାର ହୋଇଥିବା ଗାଈଗୁଡ଼ିକୁ ଜୟପୁର ଗୋ ସେବା କେନ୍ଦ୍ରକୁ ପଠାଯାଇଛି। ଏହି ଘଟଣାରେ ଅନ୍ୟ ଯେଉଁମାନେ ସଂପୃକ୍ତ ଅଛନ୍ତି ତାଙ୍କୁ ଧରାଯିବ ବୋଲି କହିଛନ୍ତି।

# ମା'ଭଣ୍ଡାରଘରଣୀ ରଙ୍ଗତୁଲୀ କଳାକାର ସଂଘର ବୈଠକ

ଚନ୍ଦାହାଣ୍ଡି,୨୭।୫(ସମିସ):

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ହାଟପଦା ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ନବରଙ୍ଗପୁର ଜିଲ୍ଲା ସ୍ତରୀୟ ମା'ଭଣ୍ଡାରଘରଣୀ ରଙ୍ଗତୁଲୀ କଳାକାରଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମୁରଲୀଧର ଭୂଷଣ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଫ୍ଲେକ୍ସ ବ୍ୟାନରକୁ ସମ୍ପୂର୍ଣ୍ଣରୁ ବିରୋଧ ପୂର୍ବକ ରଙ୍ଗତୁଲୀ କଳାକାରଙ୍କ ରଙ୍ଗତୁଲୀ ଲେଖାକୁ ଅଗ୍ରାଧିକାର ଦିଆଯିବା ସହିତ ନିଜ ନିଜ ଅଞ୍ଚଳରେ ସଚେତନାତ୍ମକ କାର୍ଯ୍ୟକ୍ରମ ଯଥା ବୃକ୍ଷ ରୋପଣ, ରକ୍ତଦାନ ଶିବିର, ବାଲ୍ୟ ବିବାହ ନ କରିବା, ଭ୍ରୁଣ ହତ୍ୟା, ଅଂଶୁଘାତରୁ ରକ୍ଷା ପାଇବ, ତଥା ନାରୀ ଶିକ୍ଷା ପାଇଁ ଆଲୋଚନା କରାଯାଇଥିଲା । ନିଜ ଜିଲ୍ଲାର କଳାକାର ନିଜ ଜିଲ୍ଲାରେ ରହି କାମ କରିବାକୁ ଆଲୋଚନା କରାଯାଇଥିଲା। ବୈଠକକୁ କ୍ରିଷ୍ଣ ଚନ୍ଦ୍ର ବେହେରା ପରିଚାଳନା କରିଥିବା ବେଳେ ଚନ୍ଦାହାଣ୍ଡି ବ୍ଲକ ରଙ୍ଗତୁଲୀ କଳାକାର ସଂଘର ସଭାପତି ଇସାରାମ ମାଝୀ, ଉପସଭାପତି ହରିଶ୍ଚନ୍ଦ୍ର ଜଗତ ସମ୍ପାଦକ କ୍ଷୀର ସିନ୍ଧୁ ନାୟକ, କୋଷାଧକ୍ଷ ହେମନ୍ତ ରାଉତ, ଦିଗାନ୍ତ ପାରି, ଗୁପ୍ତେ, ତୁଡା ଜ୍ୟେଷ୍ଠ, କନିଷ୍ଠ ଦୁବଲ, କ୍ରୀଡି ରାମ ଦଣ୍ଡସେନା, ଜିତେନ୍ଦ୍ର ଡଙ୍ଗରି, ଦ୍ରୋଣ ବାଘ, ପୁଷ୍ପ, ଭରତ ପ୍ରମୁଖ ରଙ୍ଗତୁଲୀ କଳାକାର ସହଯୋଗ କରିଥିଲେ। ବୈଠକରେ ଜିଲ୍ଲାର ୧୦ଟି ବ୍ଲକ୍‌ରୁ ରଙ୍ଗ ତୁଳି କଳାକାର ଆସି ଯୋଗ ଦେଇ ନିଜ ନି ର ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ ତ୍ରିପତି ଜେନା କୃତଜ୍ଞତା ପ୍ରଦାନ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତିଲତା ସାହୁ
ଆବିର୍ଭାବ: ୧୦.୦୬.୧୯୫୧ ତିରୋଧାନ: ୧୬.୦୫.୨୦୨୫
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ,
ବାଲିଚନ୍ଦ୍ରପୁର, ମହାରଣା କୁଟୀର, ଯାଜପୁର
ତୁମେ ସିନା ଚାଲିଗଲ, ହେଲେ ତୁମର ଅତୁଳା ସ୍ମୃତି ଆମମାନଙ୍କ ହୃଦୟରେ ଚିରଦିନ ପାଇଁ ଅମର ହୋଇରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ସ୍ୱାମୀ-ଅକ୍ଷୟ କୁମାର ମହାରଣା, ପୁତ୍ର-ପ୍ରକାଶ ମହାରଣା ଓ ଅମରେଶ ମହାରଣା, ପୁତ୍ରବଧୂ-ରାନି, ଭିନା, ଝିଅ-ମାମି, ଜ୍ୟୋତି, ମାନ, ନାତି-ପ୍ରଭୁପଦ, ନାତୁଣୀ-ଆରାଧ୍ୟା ତଥା ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

## ବିଜୁଳି ଚାଲିଗଲେ ନେଟ୍‌ୱାର୍କ ଅଚଳ

# ମାଲକାନଗିରିରେ ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଅଧୁରା

ଏମିଭି-୭୯,୨୭ ।୫ (ସମିସ):

ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛେଦ ହେଲେ ଜିଓ ମୋବାଇଲ ନେଟୱାର୍କ ପ୍ରାୟତଃ ଅଚଳ ହୋଇପଡୁଛି। ଯାହା ଅନ୍‌ଲାଇନ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି କରୁଛି। ଆଜିର ଡିଜିଟାଲ ଯୁଗରେ ଯେଉଁଠାରେ ଇଣ୍ଟରନେଟ୍ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଛି, ସେଠାରେ ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଅଧୁରା ରହିଯାଇଛି। ବିଜୁଳି ପଳେଇଲେ ନେଟୱାର୍କ ମଧ୍ୟ ପଳାଉଛି। ଯାହା ସ୍ଥାନୀୟ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନ, ଶିକ୍ଷା ଓ ଅନଲାଇନ ସେବା ଉପରେ ପ୍ରଭାବ ପକାଉଛି। ବର୍ତ୍ତମାନ ଯୁକ୍ତ ଦୁଇ ଅନ୍‌ଲାଇନ ଆଡ଼ମିଶନ ପ୍ରକ୍ରିୟା ଚାଲୁଥିବା ବେଳେ ନେଟୱାର୍କ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ ଫର୍ମ ପୂରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନେଟୱାର୍କ ହଜିଗଲେ ପେଜ ରିଫ୍ରେସ ହେଉଛି। ଫଳରେ ପୂରଣ କରାଯାଇଥିବା ତଥ୍ୟ ନଷ୍ଟ ହେଉଛି ଏବଂ ସମସ୍ତ ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିବାକୁ ପଡୁଛି। ଏହା ଛାତ୍ରଛାତ୍ରୀଙ୍କ ମନୋବଳ ହ୍ରାସ କରୁଛି ଏବଂ ସମୟ ନଷ୍ଟ କରୁଛି। ଗ୍ରୀଷ୍ମ ଅବକାଶ ସମୟରେ ଅନେକ ଛାତ୍ରଛାତ୍ରୀ ୟୁଟ୍ୟୁବ ଓ ଅନ୍ୟାନ୍ୟ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ଶିକ୍ଷା ଗ୍ରହଣ କରୁଥିବା ବେଳେ ବିଦ୍ୟୁତ ବିଚ୍ଛେଦ ଯୋଗୁଁ ନେଟୱାର୍କ ଅଚଳ ହେବା ସେମାନଙ୍କ ଶିକ୍ଷାକୁ ବ୍ୟାହତ କରୁଛି। ଏହା କେବଳ ଶିକ୍ଷା କ୍ଷେତ୍ରରେ ସୀମିତ ନୁହେଁ। ସ୍ଥାନୀୟ ବାସିନ୍ଦାମାନେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ, ଡିଜିଟାଲ ପେମେଣ୍ଟ, ସରକାରୀ ସେବା ପୋର୍ଟାଲ ଓ ଅନ୍ୟାନ୍ୟ ଅନ୍‌ଲାଇନ ସୁବିଧା ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମଭି-୭୯ ଅଞ୍ଚଳରେ ପ୍ରାୟତଃ ସମସ୍ତେ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ପାଇଁ ଜିଓ ଉପରେ ନିର୍ଭରଶୀଳ, କିନ୍ତୁ ବିଦ୍ୟୁତ ବିଚ୍ଛେଦ ଯୋଗୁଁ ମୋବାଇଲ ଟାୱାରଗୁଡ଼ିକ କାର୍ଯ୍ୟ କରୁନାହିଁ, ଯାହା ଇଣ୍ଟରନେଟ ସୁବିଧାକୁ ବାଧାପ୍ରାପ୍ତ କରୁଛି। ଏହା ସ୍ଥାନୀୟ ଅର୍ଥନୀତି, ବ୍ୟବସାୟ ଓ ସାମାଜିକ ସଂଯୋଗ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି। ଅଞ୍ଚଳବାସୀ ଏହି ସମସ୍ୟାର ତୁରନ୍ତ ସମାଧାନ ଦାବି କରୁଛନ୍ତି। ସେମାନେ ମୋବାଇଲ ଟାୱାର ସଂଖ୍ୟା ବୃଦ୍ଧି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଅନଲାଇନ ସେବା ପାଇଁ ସ୍ଥାନୀୟ ସହାୟତା କେନ୍ଦ୍ର ସ୍ଥାପନ କରିବାକୁ ଅନୁରୋଧ କରୁଛନ୍ତି। ଏହା ସହିତ ସୌର ଶକ୍ତି ଆଧାରିତ ମୋବାଇଲ୍ ଟାୱାର ଓ ବ୍ୟାକ୍ ଅପ ପାୱାର ସିଷ୍ଟମ ସ୍ଥାପନ କରାଯାଇ ବିଦ୍ୟୁତ ବିଚ୍ଛେଦର ସମସ୍ୟାକୁ ମୂଳରୁ ଦୂର କରାଯାଉ। ସ୍ଥାନୀୟ ପ୍ରଶାସନ ଓ ଟେଲିକମ୍ କମ୍ପାନୀଗୁଡ଼ିକ ମିଳିତ ଭାବେ ଏକ ଟାସ୍କ ଫୋର୍ସ ଗଠନ କରି ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ଉଚିତ। ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ମାଲକାନଗିରିରେ ସାକାର କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ। ଏହା କେବଳ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଧାରାକୁ ସୁଧାରିବ ନାହିଁ, ବରଂ ଶିକ୍ଷା, ଅର୍ଥନୀତି ଓ ସାମାଜିକ ବିକାଶରେ ମଧ୍ୟ ଏକ ନୂତନ ଦିଗଦର୍ଶନ ଆଣିବ। ସରକାର ଓ ଟେଲିକମ ସେବା ପ୍ରଦାନକାରୀଙ୍କ ମିଳିତ ଉଦ୍ୟମ ଏହି ଅଞ୍ଚଳରେ ଡିଜିଟାଲ ସଂଯୋଗୀକରଣର ପଥକୁ ସୁଗମ କରିବ ଏବଂ ଡିଜିଟାଲ ଇଣ୍ଡିଆର ଲକ୍ଷ୍ୟକୁ ସଫଳ କରିବ।

# ପାଣି ମଟର ଚୋରି, ଜଣେ ଗିରଫ




ଟିକିରି,୨୭।୫(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନାରେ ଟିକିରି ପୁଲିସ ମଙ୍ଗଳବାର ଦିନ ଏକ ଚୋରି କେସ୍‌ରେ ଜଣକୁ ଗିରଫ କରିଥିବା ବେଳେ ୨ ନାବାଳକଙ୍କୁ ବାଳ ସୁଧାରଗୃହକୁ ପଠାଇଛନ୍ତି। ଟିକିରି କେଶ ନମ୍ବର ୭୯ ତା୨୧/୦୫/୨୫ ୟୁଏସ ୩୩୧(୪)୩୦୫(ଇ)/୩(୫) ବିଏନଏସର ଏହି ତିନି ଜଣକୁ ଅଟକ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲ। ଜଣକୁ ରାୟଗଡା ଜେଲକୁ ପଠାଇ ଦେଇଥିବା ବେଳେ ୨ଜଣ ନାବାଳକକୁ ସୁଧାରଗୃହପଠାଯାଇଛି। ଏହିସମସ୍ତଙ୍କଘରସୋରିଷପଦରଗ୍ରାମରେ। ଗିରଫବ୍ୟକ୍ତିଙ୍କନାମସଞ୍ଜିବ କୁମ୍ଭାର। ଚୋରି ହୋଇଥିବା ଏକ ପାଣି ମଟରକୁ ଟିକିରି ପୁଲିସ ଏମାନଙ୍କ ଠାରୁ ଉଦ୍ଧାର କରିଛନ୍ତି।

୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ମୃତ୍ୟୁଞ୍ଜୟ ବାରିକ
ଆବିର୍ଭାବ -୧୮/୦୭/୧୯୮୭
ତିରୋଧାନ -୧୨/୦୬/୨୦୨୧
ଘରର ମେରୁଦଣ୍ଡ ଆଉ ଆମ ତିନି ଭଉଣୀଙ୍କର ସାହସ ଥିଲୁ ତୁ।
ତୁ ସବୁବେଳେ ଆମ ସହ ଅଛୁ ଆଉ ତୋ ଆଶ୍ରିବାଦ ବି ଆମ ସହ ଅଛି ବୋଲି ଦୁନିଆରେ ଯେତେ ବାଧାବିଘ୍ନ ଆସିଲେ ବି ଆମେ ଆଗେଇ ଚାଲିଛୁ.. ତୁ ଯୋଉଠି ଥାଆ ଖୁସି ରେ ଥାଆ...
ତୁ ସବୁବେଳେ ଆମ ମାନଙ୍କର ମନେ ପଡୁଛୁ...
ଆମ ମାନଙ୍କର ଜୀବନରେ ତୋ ସ୍ଥାନ ସଦାସର୍ବଦା ଅପୂରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

# ଗାଁ ଗହଳିରେ ପାଉଚ ମଦ ଯୋଗାଉଛି ଲାଇସେନ୍ସପ୍ରାପ୍ତ ଭାଟି

ମାଥିଲି,୨୭।୫(ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଦିନକୁ ଦିନ ବଢିବାରେ ଲାଗିଛି ଦେଶୀ ପାଉଚ ମଦ କାରବାର। ବ୍ଲକ୍‌ର ବିଭିନ୍ନ ସ୍ଥାନକୁ ଦେଶୀ ମଦ ଚୋରା କାରବାର ହେଉଥିବା ଅନେକ ପ୍ରମାଣ ଓ ଅଭିଯୋଗ ଆସୁଛି। ଏସବୁ ସତ୍ତ୍ୱେ ଅବକାରୀ ବିଭାଗ କିଛି ନିରୀହ ଆଦିବାସୀ , ଯିଏ ନିଜର ଘରେ ନିଜ ପାଇଁ ଓ ବିବାହ ଭୋଜି ପାଇଁ ଦେଶୀ ମଦ ରାନ୍ଧୁଛି କିମ୍ବା ରଖୁଛି ତାଙ୍କୁ ଛାଡୁ ନାହିଁ।

ଦେଶୀ ମଦ ଭାଟି ପାଇଁ ସରକାରଙ୍କ ଠାରୁ ଲାଇସେନ୍ସ ଆଣି ମଦ ପ୍ରସ୍ତୁତ କରି ଗାଁ ଗହଳିରେ ବେଆଇନ ଦେଶୀ ପାଉଚ ମଦ କାୟା ବିସ୍ତାର କରି ଚାଲିଛି। ସେହି ଭାଟି ମାଲିକଙ୍କ ଉପରେ ରୋକ୍ ଲଗାଇବା ପାଇଁ ଠୋସ୍ ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି। କିନ୍ତୁ ଅବକାରୀ ବିଭାଗର କର୍ମଚାରୀ ଓ ଭାଟି ମାଲିକଙ୍କ ମଧୁଚନ୍ଦ୍ରିକାରେ ବେଧଡ଼କ ଚାଲିଛି ଦେଶୀ ପାଉଚ ବେପାର। ଏହାକୁ ଆହୁରି ସରଳ କରିବା ପାଇଁ ଗାଁ ଗହଳିର ଚୋରା ବେପାରୀଙ୍କୁ ଲାଇସେନ୍ସ ପ୍ରାପ୍ତ ମଦ ଭାଟି କର୍ମଚାରୀ ମାନେ କିଛି ଦୋକାନୀ ଓ ଅନ୍ୟ ସ୍ଥାନରେ ଦେଶୀ ମଦ ପ୍ରଚୁର ପରିମାଣରେ ପହଞ୍ଚାଇ ଲାଭବାନ ହେଉଛନ୍ତି । ଗାଁ

## କାର୍ଯ୍ୟାନୁଷ୍ଠାନ ଦାବି, ବିଭାଗ ନିରବ

ଗହଳିରେ ଏବେ ବିନା ଲାଇସେନ୍ସରେ ଦେଶୀ ମଦ ପାଉଚ ବେଧଡକ ଭାବରେ ବିକ୍ରୟ ଚାଲିଛି। ଦେଶୀ ମଦ ଭାଟି ସରକାରୀ ଲାଇସେନ୍ସ କରିଛି ଭାଟିରେ ବିକ୍ରୟ କରିବା ପାଇଁ। କିନ୍ତୁ ଭାଟି ମାଲିକ କିଛି ବିହାରୀ ଯୁବକ ମାନଙ୍କୁ ରଖି ବଜାରଠାରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ମୋଟର ସାଇକଲ୍ ଯୋଗେ ବେପାରୀମାନଙ୍କୁ ସକାଳୁ ସକାଳୁ କ୍ଷୀର ବ୍ୟବସାୟ ପରି ଘରେ ଘରେ ବୁଲି ଖୁଚୁରା ବ୍ୟବସାୟୀମାନଙ୍କୁ ଯୋଗାଉ ଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏପରିକି ଦିନ ଦ୍ୱିପ୍ରହର ଦେଶୀ ପାଉଚ ମଦ ଚାଲାଣ ହେଉଥିବାର ଚିତ୍ର ମାଥିଲି ଥାନା ଗ୍ରାମାଞ୍ଚଳରେ ମଧ ଦେଖିବାକୁ ମିଳିଲାଣି। ସକାଳୁ ସକାଳୁ ଅଞ୍ଚଳର ଛୋଟ ଛୋଟ ପିଲାମାନେ ଟ୍ୟୁସନ ଯିବା ଆସିବା ସମୟରେ ଏପରି ଦୃଶ୍ୟ ଦେଖି ସେମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି। ଦେଖିବାକୁ ଗଲେ ମାଥିଲି ସଦର ଠାରେ ଅନେକ ସାହିର ଗଳିକନ୍ଦିରେ ଦେଶୀ ପାଉଚମଦ ବିକ୍ରୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କିନ୍ତୁ ନିକଟରେ ଅବକାରୀ ବିଭାଗର ଥାନା ଥିବା ସତ୍ତ୍ୱେ ମଧ ଏହାର ଉପରେ କୌଣସି ଲଗାମ ନଥିବା କାରଣରୁ ବିଭାଗୀୟ ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ମାଥିଲି ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ହେମନ୍ତ ବାଘଙ୍କୁ ପଚାରିବାରୁ ପ୍ରଥମେ ସେ କହିଥିଲେ, ଭାଟିବାଲା ସରକାରୀ ଲାଇସେନ୍ସ କରିଛି। ସେଥିପାଇଁ ସେ ବିକୁଛି। ତେବେ ଯଦି ଲାଇସେନ୍ସ କରିଛି, ସେ ଭାଟିରେ ବିକିବା ବଦଳରେ ଗାଁ ଗହଳିରେ ମୋଟର ସାଇକେଲରେ ବୁଲେଇ ଚୋରା ବେପାରୀଙ୍କୁ ଦେବା ପାଇଁ ସରକାର ତାଙ୍କୁ ଲାଇସେନ୍ସ ଦେଇଛନ୍ତି କି ବୋଲି ପ୍ରଶ୍ନ କରିବାରୁ ଶ୍ରୀ ବାଘ ସଙ୍ଗେ ସଙ୍ଗେ କଥା ବଦଳାଇ ତାଙ୍କୁ ତାଗିଦ କରିବା ବୋଲି ହାଲକା ଭାବରେ କହିଥିଲେ। ଜିଲ୍ଲା ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏପରି ବେନିୟମ କାର୍ଯ୍ୟକୁ ବନ୍ଦ କରିବା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମହିଳା ସଂଗଠନ ଦାବି କରିଛନ୍ତି।

■ ଟ୍ରକ୍ ଟର୍ମିନାଲ ନିର୍ମାଣରେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ

# ୧ ଏକର ଜାଗା ବଦଳରେ ୪ ଏକର ଦଖଲ



କାଲିମେଲା,୨୭।୫(ସମିସ):

୩୨୬ନଂ ଜାତୀୟ ରାଜପଥରେ ଭାରିଯାନ ଚଳାଚଳକୁ ଦୃଷ୍ଟିରେ ରଖି ଅନ୍ତରାଜ୍ୟକୁ ବିଭିନ୍ନ ସାମଗ୍ରୀ ରପ୍ତାନୀ ଓ ଆମଦାନୀ କରୁଥିବା ଟ୍ରକ୍ ଗୁଡିକ ସହ ଚାଳକଙ୍କ ରହଣି ନିମନ୍ତେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି ୬୬ ଗ୍ରାମ ନିକଟରେ ସରକାରଙ୍କ ପକ୍ଷରୁ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଟ୍ରକ ଟର୍ମିନାଲ କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ସୂଚନା ମୁତାବକ ଏହି ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୫ ଏକର ଜାଗା ଚିହ୍ନଟ କରାଯାଇଥିଲା। ସେଥିରୁ ରାଜସ୍ୱ ବିଭାଗର ଜାଗା ଏକ ଏକରକୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ବାକି ୪ ଏକର ଜମିକୁ ଏପର୍ଯ୍ୟନ୍ତ ଅନୁମତି ମିଳି ନ ଥିବା କାଲିମେଲା ରେଞ୍ଜର ସୂଚନା ଦେଇଛନ୍ତି। ତେବେ ଏହି ୪ ଏକର ଜାଗାରେ ଥିବା ଜଙ୍ଗଲ ଓ ପାହାଡ଼କୁ ବିନା ଅନୁମତିରେ କାଟି ସଫା କରାଯାଇ ଅକ୍ତିଆର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୂଚନା ପାଇ ମାଲକାନଗିରି ଡିଏଫଓ ଉକ୍ତ ସ୍ଥାନକୁ ଯାଇ ନିର୍ମାଣ କାର୍ଯ୍ୟ ହେଉଥିବା ସ୍ଥାନକୁ ପର୍ଯ୍ୟବେକ୍ଷଣ କରି ଅତିରିକ୍ତ ଭାବେ ହାତେଇ ଥିବା ସ୍ଥାନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ତୁରନ୍ତ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ନୋଟିସ ଜାରି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସ୍ଥାନୀୟ ରେଞ୍ଜର ବିଜୟ କୁମାର ନାୟକ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ: ଆସାମୀ ଗିରଫ



ଗୁଣପୁର,୨୭।୫(ସମିସ): ବ୍ୟାପକ ପରିମାଣର ଚୋରା କାଠ ଚାଲାଣ ସମୟରେ ଗୋଡାଇ ଗୋଡାଇ ଗାଡି ସହ ଆସାମୀ ମାନଙ୍କୁ ଧରିବାରେ ସଫଳ ହୋଇପରିଛି ଗୁଣପୁର ବନ ବିଭାଗ। ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଜଗନ୍ନାଥପୁର ଅଞ୍ଚଳରୁ ଆନ୍ଧ୍ରକୁ ସାଗୁଆନ କାଠ ଚୋରା ଚାଲାଣ ବେଳେ ଆଜି ବନ ବିଭାଗ ହାତରେ ଧରାପଡି ଥିବା ସୂଚନା ମିଳିଛି। ଏକ ମେକ୍ସ ପିକ୍‌ଅପ୍ ଯୋଗେ ୨୯ଟି ବଡ଼ କାଠଗଣ୍ଡି ଚାଲାଣ ହେଉଥିଲା। ଗତକାଲି ରାତିରେ ବନ ବିଭାଗର ପାଟ୍ରୋଲିଂ ବେଳେ ଗୋଟଲପଦର ଛକଠାରେ ଚଢ଼ଉ କରି ଏହି କାଠ ଜବତ କରିଛି। ଜବତ କାଠର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ଏହି ଚାଲାଣ କରୁଥିବା ଜଣେ ଅଭିଯୁକ୍ତ ମଧ ଗିରଫ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବହୁତ ଦିନ ଧରି ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରକୁ ଚୋରା କାଠ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା।

● ଆନ୍ଧ୍ରକୁ ହେଉଥିଲା ଚୋରା ଚାଲାଣ

# ଦିବ୍ୟାଙ୍ଗ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ସମାଜସେବୀ




ମୁନିଗୁଡା,୨୭।୫(ସମିସ) ମୁନିଗୁଡା ଅଞ୍ଚଳର ଦିବ୍ୟାଙ୍ଗ ମାନଙ୍କ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ଲିଖିତ ଅଭିଯୋଗ କଲେ ସ୍ଥାନୀୟ ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ। ଭିନ୍ନକ୍ଷମ ଶିବିରରେ ଦିବ୍ୟାଙ୍ଗମାନଙ୍କୁ ପ୍ରତାରଣା କରାଯିବା ସହ ଶିବିରକୁ ଆସିଥିବା ଡାକ୍ତରମାନେ ଦିବ୍ୟାଙ୍ଗଙ୍କ ସମ୍ପର୍କୀୟ ମାନଙ୍କୁ ଭୟ ଦେଖାଇ ଥିବା ଅଭିଯୋଗ ହୋଇଥିଲା। ପରେ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ଥିବା ଦିବ୍ୟାଙ୍ଗ ମାନଙ୍କ ପ୍ରମାଣ ପତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇ ଅଧିକାଂଶ ପ୍ରମାଣ ପତ୍ରରେ ୯୦ ପ୍ରତିଶତ ଥିବା ଦିବ୍ୟାଙ୍ଗଙ୍କୁ ୧୮ ପ୍ରତିଶତ ଓ ୧୦୦ ପ୍ରତିଶତ ଥିବା ଦିବ୍ୟାଙ୍ଗଙ୍କୁ ୪୦ ପ୍ରତିଶତ ପ୍ରମାଣ ପତ୍ର ଦିଆଯାଇଥିଲା। ଏହାକୁ ନେଇ ଭିନ୍ନକ୍ଷମ ଓ ତାଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣା ବିଷୟରେ ସମାଜସେବୀ ରଞ୍ଜନ ସ୍ୱାଇଁ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେଉଁ ଡାକ୍ତରମାନେ ଭିନ୍ନକ୍ଷମ ଶିବିରକୁ ପରୀକ୍ଷା କରିବା ପାଇଁ ଯାଇଥିଲେ ସେମାନେ ସମସ୍ତେ ଅଭିଜ୍ଞ ଡାକ୍ତର। ଯାହା ରିପୋର୍ଟ ଦେଇଥିବେ ତାହା ଠିକ୍ ଥିବ। ଯଦି କୌଣସି ତ୍ରୁଟି ମନେ କରୁଛନ୍ତି, ତେବେ ଆଉଥରେ ସରେଣ୍ଡର କରାଇ ପୁନର୍ବାର ରାୟଗଡ଼ା ଆସି ଡାକ୍ତରଙ୍କ ନିକଟରେ ପରୀକ୍ଷା କରାଇ ନେବେ ବୋଲି କହିଥିଲେ। ଦିବ୍ୟାଙ୍ଗ ମାନଙ୍କର ଅସୁବିଧା ପାଇଁ ସରକାର ତାଙ୍କୁ ସାହାର୍ଯ୍ୟ ପ୍ରଦାନ କରୁଛନ୍ତି। ହେଲେ ଏଠି ବାରମ୍ବାର ରାୟଗଡ଼ା, ମୁନିଗୁଡା ଯିବା ଆସିବା କରିବା ଦିବ୍ୟାଙ୍ଗ ମାନଙ୍କ ପକ୍ଷେ ସମ୍ଭବପର ନୁହେଁ। ଦିବ୍ୟାଙ୍ଗ ମାନଙ୍କ ପାଇଁ ଏତେ କଟକଣା କାହିଁକି ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି। ମୁନିଗୁଡା ବ୍ଲକ ଅଞ୍ଚଳରେ ଆଧାର କାର୍ଡ ନଥିବାରୁ ଜନ୍ମରୁ ଆଖି ନଥିବା ଦିବ୍ୟାଙ୍ଗ ଭତ୍ତା ପାଉନଥିବା ବେଳେ ଜନ୍ମରୁ ଗୋଡ ହାତ ଓ ପାଟି ଫିଟୁ ନଥିବା ଦିବ୍ୟାଙ୍ଗଙ୍କୁ ୩ ବର୍ଷ ହେଲା ଚାଉଳ ନାହିଁ। ସେହିପରି ଜାଣି ଶୁଣି ଶତପ୍ରତିଶତ ଭିନ୍ନକ୍ଷମଙ୍କ ପର୍ସେଣ୍ଟେଜ୍ ହ୍ରାସ କରାଯାଇଥିବା ବେଳେ କେତେକ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ତ ଆଉ କିଏ ସରକାରଙ୍କ ଭତ୍ତା ପାଉଥିବା ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ। ଏହିଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ ଜିଲ୍ଲାପାଳଙ୍କୁ ଭେଟି ଜଣାଇବା ପରେ ମୁନିଗୁଡା ବିଡ଼ିଓଙ୍କୁ କହିବି, ସେ ଗୋଟେ ଆମ୍ବୁଲାନ୍ସ ଗାଡି ବନ୍ଦୋବସ୍ତ କରିବେ। ସମସ୍ତ ଭିନ୍ନକ୍ଷମ ମାନଙ୍କୁ ନେଇ ରାୟଗଡ଼ା ଜିଲ୍ଲା ସରକାରୀ ଡାକ୍ତରଖାନାକୁ ଯାଇ ପରୀକ୍ଷା କରିବାକୁ କହିଥିଲେ। ହେଲେ ଏଠି ପ୍ରଶ୍ନ ଡାକ୍ତରଙ୍କ ଭୁଲ କାରଣରୁ ଦିବ୍ୟାଙ୍ଗ ମାନେ ବାରମ୍ବାର ପୀଡ଼ା କାହିଁକି ଭୋଗିବେ। ଯେଉଁ ଅଧିକାରୀ ବା ଡାକ୍ତର ମାନେ ଦିବ୍ୟାଙ୍ଗ ମାନଙ୍କ ପ୍ରତି ଏଭଳି ଅନ୍ୟାୟ କରିଛନ୍ତି, ସେମାନଙ୍କ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତେବେ ଶ୍ରୀ ସ୍ୱାଇଁଙ୍କ ଏଭଳି ଜନସେବା କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଗଡୁନି ବସ୍, ଘାଟି ଚଢ଼ିପାରୁନି ୧୦୮ ଆମ୍ବୁଲାନ୍ସ

■ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ରଘୁବାରି ଅଞ୍ଚଳବାସୀ



ମୁନିଗୁଡା,୨୭।୫(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ରଘୁବାରି ଓ ଡିମିରିଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଲକ୍ଷ୍ମୀ ବସ ଚଳା ଚଳ କରୁଥିବା ବେଳେ ଏବେ ଆଉ ଗଡୁନି ବସ। ସେହିପରି ଦୀର୍ଘ ବର୍ଷ ହେଲାଣି କୌଣସି ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କୁ ଯୋଗା ଯୋଗ ହେଲେ ରାସ୍ତା ଖରାପ ଥିବା ଯୋଗୁ ଘାଟି ଚଢ଼ିବାକୁ ଅମଙ୍ଗ ହେଉଛନ୍ତି ଆମ୍ବୁଲାନ୍ସ ଡ୍ରାଇଭର। ଘାଟି ତଳେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିବା ପରେ ରୋଗୀ ହୁଅନ୍ତୁ କିମ୍ବା ଗର୍ଭବତୀ ମହିଳା ଭାର କିମ୍ବା ମୋଟର ସାଇକେଲରେ ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇ ଥାନ୍ତି ଗ୍ରାମବାସୀ ଓ ତାଙ୍କ ପରିବାର। ରାସ୍ତାରେ ଘାଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପିଚୁ ଉଠି ଯାଇ ମେଟାଲ ବାହାରି ପଡି ଏକ ପ୍ରକାର ମରଣ ଜନ୍ତା ପାଲଟି ଥିବା ବେଳେ ଅଞ୍ଚଳ ବାସୀ ଏକ ପ୍ରକାର ଜମ ଯନ୍ତ୍ରଣା ଭୋଗୁଥିବା ଆଜି ମୁନିଗୁଡା ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଉକ୍ତ ଅଭିଯୋଗକ ଶୁଣିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ଯଥାଶୀଘ୍ର ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ନୀଳକଣ୍ଠ ନାଗ, ମଦନ ନାଗ, ସୁଦାବନ କୁଲଦୂପିଆ, ସାହୁ ପାଲକିଆ ପ୍ରମୁଖ ଉପସ୍ଥିତ ରହି ଥିଲେ।

# ଭୁବନେଶ୍ୱର ଓ ପୁରୀକୁ ସରକାରୀ ବସ୍ ଚଳାଚଳ କେବେ?

କଲ୍ୟାଣସିଂହପୁର,୨୭।୫(ସମିସ):

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଦେବଗିରି ଶୈବପୀଠକୁ ଗତ ତିନି ମାସ ପୂର୍ବେ ଦର୍ଶନ କରିବାକୁ ବାଣିଜ୍ୟ, ପରିବହନ, ଷ୍ଟିଲ ଏବଂ ମାଇନ୍ସ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆସିଥିଲେ। ଏହି ସମୟରେ କଲ୍ୟାଣସିଂହପୁର ବ୍ଲକବାସୀ ଓ ସାମ୍ବାଦିକ ସଂଘ ସଦସ୍ୟମାନେ ମିଶି ମନ୍ତ୍ରୀଙ୍କୁ ସାକ୍ଷାତ କରି କଲ୍ୟାଣସିଂହପୁରଠାରୁ ଭୁବନେଶ୍ୱର ଓ ପୁରୀକୁ ସରକାରୀ ବସ୍ ସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ତିନି ମାସ ବିତି ଯାଇଥିଲେ ସୁଦ୍ଧା କୌଣସି ବସ୍ ଚଳାଚଳ ହୋଇ ନଥିବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ସମୟରେ ସାମ୍ବାଦିକ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନ ସେବା ସେନା ସଦସ୍ୟମାନେ ଉପସ୍ଥିତ ରହିଥିଲେ। ପ୍ରକାଶ ଥାଉ ଗତ ୪୦ବର୍ଷ ପୂର୍ବେ ଏକ ସରକାରୀ ବସ୍ ରାୟଗଡ଼ାକୁ ଚଳାଚଳ କରୁଥିଲା। କିନ୍ତୁ ବେସରକାରୀ ବସ୍ ମାଲିକଙ୍କ ପ୍ରଭାବ ଯୋଗୁ ସରକାରୀ ବସ୍ ବନ୍ଦ ହୋଇଗଲା। ବିଭିନ୍ନ ସମୟରେ ମାଓବାଦୀ ଓ ବିଭିନ୍ନ ସଂଗଠନର ବନ୍ଦ ଡାକରାରେ ବସ୍ ଚଳାଚଳ ବନ୍ଦ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ବ୍ଲକ୍‌ରେ ୭୦ ହଜାରରୁ ଲୋକେ ବସବାସ କରୁଛନ୍ତି। ଏହି ଅଞ୍ଚଳରୁ ଅନେକ ରୋଗୀ, ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ପର୍ଯ୍ୟଟନ, ଜଗନ୍ନାଥ ଦର୍ଶନ ପାଇଁ ବାହାରକୁ ଯିବାକୁ ଅସୁବିଧା ସୃଷ୍ଟି ହେଉଛି। ରାଜଧାନୀ ହେଉ ହାଇକୋର୍ଟ କାମରେ କଟକ, ପୁରୀକୁ ଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ସିଧାସଳଖ ଭୁବନେଶ୍ୱର କିମ୍ବା ପୁରୀକୁ ଯାଇ ହେଉନାହିଁ। କେଆର ରେଳଲାଇନ୍ ସିକରପାଇ ରେଳଷ୍ଟେସନ ଦେଇ ହୀରାଖଣ୍ଡ ଏକ୍ସପ୍ରେସ ଚାଲୁଥିବା ବେଳେ ସିକରପାଇ ଷ୍ଟେସନରେ ଏହି ଟ୍ରେନ୍‌ର ରହଣୀ ବ୍ୟବସ୍ଥା କୋରନା ପରେ ବନ୍ଦ ହୋଇଥିବାରୁ ଲୋକେ ରାୟଗଡ଼ା ଯାଇ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି। ଏଥିପାଇଁ ଲୋକେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଯଦି କଲ୍ୟାଣସିଂହପୁରଠାରୁ ସିଧା ଭୁବନେଶ୍ୱରକୁ ବସ୍ ଚଳାଚଳ ହୁଏ, ତାହା ହେଲେ ଅନେକ ଲୋକ ଉପକୃତ ହେବା ସହ ଅଞ୍ଚଳର ଆର୍ଥିକ ଭୌଗଳିକ ଶିକ୍ଷାରେ ଅଗ୍ରଗତି ଏବଂ ଗମନାଗମନର ସଫଳ ବ୍ୟବସ୍ଥା ହୋଇପାରିବ ବୋଲି ବୁଦ୍ଧିଜୀବି ମତ ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ମଧ ଗତ ସରକାର ଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ଏହି ଦାବି ଅନେକ ଥର ଉଠିଛି। କିଛି ଫଳପ୍ରଦ ହୋଇନାହିଁ। ବର୍ତ୍ତମାନ ସରକାରୀ ବସ୍ ଚଳାଚଳ ପାଇଁ ମନ୍ତ୍ରୀ ଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ମଧ ନିର୍ଭର ପ୍ରତିଶୃତି ଦେଇଥିଲେ। କିନ୍ତୁ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସରକାରୀ ବସ ଚଳାଚଳ କରିବା ପାଇଁ ପରିବହନ ମନ୍ତ୍ରୀ ଦୃଷ୍ଟି ଦେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରାୟଗଡ଼ାରେ ସାବିତ୍ରୀ ବ୍ରତ



ରାୟଗଡ଼ା,୨୭।୫(ସମିସ);

ରାୟଗଡ଼ା ସହରର ବିଭିନ୍ନ ମନ୍ଦିର ଓ ଲୋକଙ୍କ ଘରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସହରର ଶ୍ରୀ ଜଗନ୍ନାଥ ମନ୍ଦିର, ରାଧାକାନ୍ତ ମନ୍ଦିର, ପ୍ରେମ ପାହାଡର ବଟବୃକ୍ଷ ସ୍ଥାନ ଭଳି ଅନ୍ୟାନ୍ୟ ସ୍ଥାନରେ ମଧ ମହିଳାମାନେ ଏହି ବ୍ରତ ପାଳନ କରିଛନ୍ତି। ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ ଓ ପରିବାର ସଦସ୍ୟଙ୍କ ଶୁଭମନାସୀ ମହିଳାମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରିଛନ୍ତି। ସକାଳୁ ନିର୍ଜଳ ଉପବାସ କରି ପୂଜା ଥାଳିରେ ନଡିଆ, କଦଳୀ, ସପୁରୀ, ସେଓ, ଅଙ୍ଗୁର, ଆମ୍ବ, ପଣସ, କାକୁଡି, ତାଳ ଭଳି ବିଭିନ୍ନ କିସମର ଫଳମୂଳ ଭୋଗ ଦେଇ ପୂଜା କରିଛନ୍ତି। ହିନ୍ଦୁ ଧର୍ମ ଶାସ୍ତ୍ରରେ ଏହି ଦିନଟି ସଧବା ମହିଳାଙ୍କ ପାଇଁ ଏକ ଶୁଭଦିନ ହୋଇଥିବାରୁ ଏହି ଦିନଟିରେ ବିବାହିତା ମହିଳାମାନେ ବେଶ ଖୁସିରେ ରହି ପୂଜାବ୍ରତ ପାଳନ କରିଥାନ୍ତି। ରାୟଗଡ଼ା ସହର ଗୌତମ ନଗର ଷଷ୍ଠ ଗଳିରେ ମଧ ୨୦ରୁ ଅଧିକ ସଧବା ମହିଳାମାନେ ସାବିତ୍ରୀ ବ୍ରତ ପୂଜାକୁ ନିଷ୍ଠାର ସହ ପାଳନ କରିଥିବା ଦେଖିବାକୁ ମିଳିଥିଲା । ସାବିତ୍ର ବ୍ରତ ପୂଜାକୁ ନେଇ ରାୟଗଡ଼ା ଫଳ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିବା ବେଳେ ମନ୍ଦିରଗୁଡିକରେ ମଧ ପୂଜା ବ୍ରତ କରିବାକୁ ଆସୁଥିବା ସଧବା ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

● ଅଭିଯୋଗକାରୀ ଓ ବ୍ଲକ୍ ଅଧକ୍ଷାଙ୍କ ଆପୋଷ ବୁଝାମଣା

# ଅନାସ୍ଥା ପ୍ରସ୍ତାବ ଅଭିଯୋଗ ଫେରାଇ ନେଲେ

ପଟ୍ଟାଙ୍ଗି,୨୭।୫(ସମିସ): କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଟଳିଯାଇଛି। ଆଜି ଆପୋଷ ବୁଝାମଣା ପରେ ଅଭିଯୋଗକାରୀ ଅନାସ୍ଥା ପ୍ରସ୍ତାବ ଆବେଦନପତ୍ରକୁ ପ୍ରତ୍ୟାହାର କରି ନେଇଛନ୍ତି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ପାଙ୍ଗି ଏବଂ ସରପଞ୍ଚ ସମିତି ସଭ୍ୟଙ୍କ ମଧରେ ରହିଥିବା କିଛି ମନୋମାଳିନ୍ୟ ଗୁଡ଼ିକୁ ଆପୋଷ ବୁଝାମଣାରେ ସମାଧାନ କରାଯାଇଛି। ଆଜି ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ପାଙ୍ଗି ଏବଂ ପଟ୍ଟାଙ୍ଗି ବ୍ଲକର ୮ ଜଣ ସରପଞ୍ଚ ଓ ୭ଜଣ ସମିତି ସଭ୍ୟା ମିଶି ଆଜି ଉପ ଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲଙ୍କୁ ଭେଟି ନିଜ ମଧରେ ହୋଇଥିବା ମନୋମାଳିନ୍ୟକୁ ଭୁଲି ଅନାସ୍ଥା ପ୍ରସ୍ତାବ ଅଭିଯୋଗ ଟିକୁ ପ୍ରତ୍ୟାହାର କରି ନେଇଛନ୍ତି। ପ୍ରକାଶ ଥାଉକି ବ୍ଲକ୍ ଅଧିନରେ ରହିଥିବା ୧୪ଟି ପଞ୍ଚାୟତର ୯ ଜଣ ସମିତି ସଭ୍ୟା, ସଭ୍ୟ ଏବଂ ୫ ଜଣ ସରପଞ୍ଚ ଏକତ୍ରିତ ହୋଇ ଗତ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗିଙ୍କ ବିରୋଧରେ ଲିଖିତ ଦାବିପତ୍ର ଦେଇ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

# ମରଣଯନ୍ତା ପାଲଟିଛି ଏମଭି ୭୯-ମୋଟୁ ଜାତୀୟ ରାଜପଥ



କାଲିମେଲା, ୨୭।୫(ସମିସ) : ମାଲକାନଗିରି ଜିଲ୍ଲା ଦେଇ ଯାଉଥିବା ରାଞ୍ଚି - ବିଜୟୱାଡା ୩୨୬ ନଂ ଜାତୀୟ ରାଜପଥର ଏମଭି ୭୯ ରୁ ମୋଟୁ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ସମ୍ପୂର୍ଣ୍ଣ ରାସ୍ତା ଉପରୁ ପିଚୁ ଉଠିଯାଇ ନଷ୍ଟ ହେବା ସହ ରାସ୍ତା ପାଶ୍ୱର୍ରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟିହୋଇଛି। ବାରମ୍ବାର ଗୁହାରି ସତ୍ତ୍ୱେ ମଧ ସମ୍ପୃକ୍ତ ବିଭାଗ ରାସ୍ତା ମରାମତି ଦିଗରେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ରକ୍ଷଣା ବେକ୍ଷଣ ଅଭାବ ଯୋଗୁ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ଏହାକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ମଧ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତାରେ ଯାତାୟାତ କରିବା ବିପଦଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ରାସ୍ତା ଖରାପ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ମଧ ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏବଂ ଯାନବାହାନ ଚଳାଚଳ କରୁଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଜନସାଧାରଣଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏହାସହ ଏହି ରାସ୍ତା ଦେଇ ଏମ୍‌ଭି ୭୯ରେ ଅଧୟନରତ ଛାତ୍ରଛାତ୍ରୀ ଅଟୋରିକ୍ସା ମଟରସାଇକେଲ, କାର, ବସ୍ ଯୋଗେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତା ଖରାପ ଯୋଗୁଁ ଦୁର୍ଘଟଣା ଘଟୁଥିବା ମଧ ଦେଖିବାକୁ ମିଳିଛି। ଗତ ଦିନରେ ଖାଲଖମା ଭରା ଏହି ରାସ୍ତାରେ ପଡି ଅନେକ ଲୋକଙ୍କ ପ୍ରାଣ ହାନି ହୋଇଥିବା ନଜିର୍ ରହିଛି। ଏହି ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବଢି ବଢି ଯାଉଥିବାରୁ ଏହି ରାସ୍ତାର ମରାମତି ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


## ମୁନିଗୁଡା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

# ୪୪ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ




ରାୟଗଡ଼ା/ମୁନିଗୁଡା,୨୭।୫(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପକୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁନିଗୁଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୪୪ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୩୦ଟି ବ୍ୟକ୍ତିଗତ, ୧୨ଟି ସାମୂହିକ, ଦୁଇଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିବା ବେଳେ ଜଣଙ୍କୁ ୫୦୦୦ହିସାବରେ ଦୁଇ ଜଣଙ୍କୁ ଦଶ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ପାଞ୍ଚଟି ଦରଖାସ୍ତର ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଓ ମୁନିଗୁଡା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଆଦି ଯୋଗଦାନ କରି ଅଭିଯୋଗ ମାନ ଶୁଣାଣି କରିଥିଲେ। ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ମୁନିଗୁଡାଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

ସକାଳ
THE SAKALA



ସହରଗୁଡ଼ିକ ଠିକ୍ ଆମ ମଣିଷମାନଙ୍କ ପରି। ପୁରୁଣା ସହରମାନେ ଚରିତ୍ରବାନ ଏବଂ ନୂଆ ସହରମାନେ ସଦା ପରିବର୍ତ୍ତନଶୀଳ ଓ ଚଳଚଞ୍ଚଳ।
-ୱାଲାସ୍ ଷ୍ଟେଗ୍‌ନର

# ଶବ୍ଦ ସ୍ୱତ୍ୱାଧିକାର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା, ନୀତିକାନ୍ତି ଏବଂ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀ ସମ୍ପର୍କିତ ଅନନ୍ୟ ଶବ୍ଦାବଳୀର ପ୍ୟାଟେଣ୍ଟ(ସ୍ୱତ୍ୱାଧିକାର) କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଯଦି ଏହା ବିଧିବଦ୍ଧ ସର୍ବସମ୍ମତ ସ୍ୱୀକୃତି ଲାଭ କରେ ତେବେ ଏହି ଉଦ୍ୟମ ହେବ ଶ୍ରୀମନ୍ଦିର ପରିଚାଳନା ଇତିହାସରେ ଏକ ଅଭିନବ ପଦକ୍ଷେପ। ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରକୁ 'ଧାମ' ଭାବରେ ନାମିତ କରିବା ପରେ ଓଡ଼ିଶାରେ ଯେଉଁ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେହି ପୃଷ୍ଠଭୂମିରେ ଏବଂ ଜନମତର ସ୍ରୋତାନୁକୂଳରେ ଏହି ନବଚିନ୍ତନ ଜନ୍ମ ନେଇଥିବା ମନେହୁଏ। ସମ୍ପ୍ରତି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଯେଉଁଭଳି ତଥାକଥିତ ଅସ୍ମିତା ହଡ଼ପ ପ୍ରତିଯୋଗିତା ଆରମ୍ଭ ହୋଇଛି ସେହି ଦୃଷ୍ଟିକୋଣରୁ ବିଚାରକଲେ ଶ୍ରୀମନ୍ଦିର ପ୍ରଶାସନର ଉପରୋକ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। କିନ୍ତୁ ଏ ବିଷୟରେ ନିଗୂଢ଼ ଭାବେ ଚିନ୍ତା କଲେ କେତେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ସ୍ୱତଃ ସୃଷ୍ଟି ହେଉଛି, ଯାହା କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଶ୍ରୀଜଗନ୍ନାଥ ଚେତନାର ସୌରଭ ସାତସମୁଦ୍ର, ପର୍ବତ, ଅରଣ୍ୟ ଭେଦି ବିଶ୍ୱାୟନରେ 'ଜଗତର ନାଥ' ଶବ୍ଦର ସାର୍ଥକତା ଓ ପ୍ରାମାଣିକତା ପ୍ରତିଷ୍ଠା କରିସାରିଛି ଏବଂ ଏବେ ଏହା ଆହୁରି ପରିବ୍ୟାପ୍ତ ହେଉଛି। ଏକପକ୍ଷରେ ଆମେ ନୀଳାଦ୍ରିନାଥଙ୍କୁ ବିଶ୍ୱାୟନରେ ଉପସ୍ଥାପନ କରିବା ବେଳେ ତତ୍‌ସଂଲଗ୍ନ ଶବ୍ଦ ଓ ଉଚ୍ଚାରଣକୁ ସ୍ୱତ୍ୱାଧିକାରରେ ଆବଦ୍ଧ କଲେ ଶ୍ରୀଜଗନ୍ନାଥ ଚେତନା ଓ ମହନୀୟତାକୁ ଏକ ସଂକୀର୍ଣ୍ଣତାବାଦୀ ରକ୍ଷଣଶୀଳ ଦୁନିଆରେ ସୀମାବଦ୍ଧ କରିଦେବା ଭଳି ହେବ ନି ତ? ଅନିଚ୍ଛା ସତ୍ତ୍ୱେ ଏଭଳି ପ୍ରଶ୍ନଟିଏ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ଠାକୁର ଭାବେ ଗ୍ରହଣ କରି ନେଇଥିବା ବିଶ୍ୱହିତୈଷୀ ଓଡ଼ିଆର ହୃଦୟ ଓ ମନ ଭିତରେ ଆନ୍ଦୋଳିତ ହେଉଛି। ଆମେ ଏହି ସ୍ତମ୍ଭରେ ପୂର୍ବରୁ ମଧ୍ୟ ଉଲ୍ଲେଖ କରିଥିଲୁ ଯେ ଯେପରି ରାମଚନ୍ଦ୍ର ନାମ ଧାରଣ କଲେ କେହି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇପାରିବେ ନାହିଁ, ସେହିଭଳି 'ଶ୍ରୀକ୍ଷେତ୍ର', 'ଧାମ' ଆଦି ନାମ ବହନ ଓ ଧାରଣ କଲେ ସେହି ଅଞ୍ଚଳ ପାବନ ଶଙ୍ଖକ୍ଷେତ୍ର ହୋଇଯିବ ନାହିଁ। ଓଡ଼ିଶା ଓ ଓଡ଼ିଶା ବାହାରେ ଏଭଳି ଅନେକ '...ଶ୍ରୀକ୍ଷେତ୍ର', 'ଆନନ୍ଦବଜାର' ଆଦି ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନୀଳାଚଳଧାମ ପ୍ରତି ଜନସମୁଦାୟର ଆବେଗ, ଶ୍ରଦ୍ଧା ଓ ଭକ୍ତିରେ ତିଳେମାତ୍ର ଆଞ୍ଚ ଆସିନାହିଁ, ବରଂ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୀଘା 'ଧାମ' ନାମ ଧାରଣ କଲେ ପୁରୀ ତୀର୍ଥାଟନ ଓ ପର୍ଯ୍ୟଟନରେ ମର୍ଯ୍ୟାଦା ଓ ଗୁରୁତ୍ୱ ହରାଇବ ବୋଲି କତିପୟ ବିଭ୍ରାନ୍ତ ମସ୍ତିଷ୍କରୁ ସୃଷ୍ଟି ହୋଇଥିବା ଉଦ୍‌ଭ୍ରାନ୍ତ ଓ ଅବାନ୍ତର ଧାରଣା ହିଁ ବିବାଦକୁ ଜଟିଳ କରୁଛି ଏବଂ ଶ୍ରୀଜଗନ୍ନାଥ ଚେତନାକୁ ସଂକୁଚିତ କରୁଛି। ଏପରିକି ଓଡ଼ିଶାରେ ଏଭଳି ବିତର୍କ ଓ ଆଲୋଚନା ଦ୍ୱାରା ବଙ୍ଗୀୟମାନଙ୍କର ଗୁରୁତ୍ୱ ପରୋକ୍ଷରେ ବଢ଼ୁଛି।

ସ୍ୱତ୍ୱାଧିକାର ପାଇଁ ଆବେଦନ କରିବା ବେଳେ ସେଥିରେ କେଉଁସବୁ ଶବ୍ଦ ରହିବ ତାହା ଏ ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ଯଦି ଶ୍ରୀମନ୍ଦିର ପ୍ରଶାସନ ଏକ ମହତ୍ ଭାବନା ନେଇ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଯାଇ ଏଭଳି ଚିନ୍ତା କରିଥିବେ ଏବଂ ବିହିତ ପଦକ୍ଷେପ ନେବେ ତେବେ ତାହାକୁ ଆମେ ସଶ୍ରଦ୍ଧ, ସବିନୟ ଓ ସସମ୍ମାନ ସ୍ୱାଗତ କରୁଛୁ। ତଥାପି କିଛି ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନ ଉତ୍‌ଥାପନ କରିବାର ଧୃଷ୍ଟତା କରୁଛୁ। କୋଟିକୋଟି ଓଡ଼ିଆର ପରମ ଆରାଧ୍ୟ, ଓଡ଼ିଆ ସଂସ୍କୃତିର ନାଭିକେନ୍ଦ୍ର, ଓଡ଼ିଆ ଜାତିର ମୁରବି ବିଶ୍ୱବ୍ରହ୍ମାଣ୍ଡର ନାୟକଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଭରସାର ପ୍ରତୀକ ରୂପେ ବିଶ୍ୱର ଅନେକ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି ଏବଂ ସେଥିସହିତ ଚାପଖେଳ, ସ୍ନାନପୂର୍ଣ୍ଣିମା, ଛେରାପହଁରା, ମାଉସୀମା', ଆଡ଼ପ ମଣ୍ଡପ, ଅଣସର, ନୀଳାଦ୍ରିବିଜେ, ଅଧରପଣା ଆଦି ନୀତିକାନ୍ତି ପାଳନ ହୋଇଆସୁଛି, ଯାହା ମୂଳତଃ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରୁ ସୃଷ୍ଟ ଓ ପ୍ରଚଳିତ। ଏହା ଭକ୍ତଙ୍କର ପ୍ରଭୁଙ୍କ ପ୍ରତି ଆତ୍ମୀୟତା ଓ ଭାବାବେଗର ପ୍ରତୀକ। ଯଦି ସ୍ୱତ୍ୱାଧିକାରରେ ଏହିସବୁ ଶବ୍ଦ ସାମିଲ୍ ହୋଇଯାଏ ତେବେ ଭକ୍ତ ଓ ଭଗବାନ ମଧ୍ୟରେ ପ୍ରତିବନ୍ଧକଟିଏ ସୃଷ୍ଟି ହେବ ନାହିଁ କି? ଯଦି କେବଳ ଦୀଘାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜଗନ୍ନାଥଧାମ, ମହାପ୍ରସାଦ ଭଳି ନିର୍ଦ୍ଦିଷ୍ଟ ଶବ୍ଦକୁ ସ୍ୱତ୍ୱାଧିକାରରେ ସାମିଲ୍ କରିବାକୁ ଯୋଜନା ହୋଇଥାଏ ତାହା କୋଟି ଓଡ଼ିଆର ମଉଡ଼ମଣି ବିଶ୍ୱାତ୍ମାଙ୍କ ଗରିମା ଓ ମହିମା ଦୃଷ୍ଟିରୁ ବୋଧହୁଏ ଶୋଭନୀୟ ହେବ ନାହିଁ ବୋଲି ଆମର ବିନମ୍ର ପରାମର୍ଶ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ଶବ୍ଦର ସ୍ୱତ୍ୱାଧିକାର କହିବାକୁ ଯେତିକି ସରଳ, ତା'ର ରୂପାୟନ ଓ ପ୍ରଭାବ କାହିଁ କେତେ ଅଧିକ ଜଟିଳ। ତେଣୁ ଏ ସମ୍ପର୍କରେ ବ୍ୟାପକ ଓ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ଏବଂ ପରାମର୍ଶସବୁକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହିତ ବିଚାର ପାଇଁ ଗ୍ରହଣ କରିବା ମଧ୍ୟ ଜରୁରୀ। ସର୍ବୋପରି ଶଙ୍କରାଚାର୍ଯ୍ୟଙ୍କ ମତାମତ ଏ କ୍ଷେତ୍ରରେ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ।

ଏହି ପୃଷ୍ଠଭୂମିରେ ଆମେ ରଥଯାତ୍ରାକୁ ୟୁନେସ୍କୋର ଅସ୍ପୃଶ୍ୟମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ବିଷୟ ପୁନଃଉପସ୍ଥାପନ କରିବାକୁ ପ୍ରାସଙ୍ଗିକ ମନେ କରୁଛୁ। ପଶ୍ଚିମବଙ୍ଗ ରସଗୋଲାକୁ ଜିଆଇ ଟ୍ୟାଗ୍ ଦାବି କରି ପ୍ରମାଣପତ୍ର ହାସଲ କରିସାରିବା ପରେ ଆମେ ତତ୍ପର ହେଲୁ; 'ଦୀଘା'କୁ 'ଧାମ' ଘୋଷଣା କରିବା ପରେ ଆମେ ଏବେ ପ୍ରତିକ୍ରିୟାଶୀଳ ହେଉଛୁ। କିନ୍ତୁ ପଶ୍ଚିମବଙ୍ଗର ଦଶହରା ପର୍ବ ପୁରୀ ରଥଯାତ୍ରାଠାରୁ ଅର୍ବାଚୀନ ହେଲେ ମଧ୍ୟ ୟୁନେସ୍କୋର ଏହି ତାଲିକାରେ ସାମିଲ୍ ହୋଇସାରିଛି। ଅଥଚ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇପାରିନାହିଁ କି ଆମେ ସେ ଦିଗରେ ନିଷ୍ଠାବାନ ହୋଇପାରିଲୁ ନାହିଁ। ସଦ୍ୟତମ ଉଦ୍ୟମ ବଳରେ ଆମ ଆବେଦନ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଷ୍ଟୋରରୁମ୍(ଇନ୍‌ଭେଣ୍ଟ୍ରି ବର୍ଗଭୁକ୍ତ ହୋଇଛି)ରେ ପଡ଼ି ରହିଛି। ଚଳିତ ବର୍ଷ ରଥଯାତ୍ରା ପ୍ରତ୍ୟକ୍ଷ ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ତାଙ୍କ ମନ୍ତ୍ରିପରିଷଦର ବହୁ ସଦସ୍ୟ ଆସୁଥିବା ଚର୍ଚ୍ଚା ହେଉଛି। ଏହି ଅବସରରେ ଦାବି ଓ ସଂକଳ୍ପପତ୍ର ଉପସ୍ଥାପନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଆଲୋଚନା ହୋଇଥିଲେ ଓଡ଼ିଶା ପ୍ରତି ହୋଇଆସୁଥିବା ଐତିହାସିକ ଅନ୍ୟାୟ ଓ ଅବହେଳା ଦୂର କରିବାରେ ଯଥୋଚିତ ଓ ସମୟୋପଯୋଗୀ ପଦକ୍ଷେପ ହୋଇଥା'ନ୍ତା। ଡବଲ୍ ଇଞ୍ଜିନ ସରକାରରେ ଏ କାମଟି ହେବାକୁ ବିଳମ୍ବ ହୁଅନ୍ତା ନାହିଁ।

ଆମେ ପୁଣି ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ ଯେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିଲା ନାହିଁ। ଧାଡ଼ି ଦର୍ଶନ କେବଳ ଘୋଷଣାରେ ସୀମିତ ରହିଗଲା। ମହାପ୍ରସାଦର ଦର ନିର୍ଦ୍ଧାରଣ ମଧ୍ୟ ଗ୍ରହଣୀୟ ହୋଇପାରିନାହିଁ। ପୁରୀକୁ ଆସୁଥିବା କୋଟିକୋଟି ଶ୍ରୀଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅଶ୍ୱସ୍ତି ସୃଷ୍ଟି କରୁଛି। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଏବଂ ତ୍ରୁଟି ସଜାଡ଼ିବାରେ ଅବହେଳାରୁ ସର୍ବସାଧାରଣଙ୍କ ଦୃଷ୍ଟି ଭ୍ରମିତ କରିବା ପାଇଁ ଶବ୍ଦ ସ୍ୱତ୍ୱାଧିକାର ଭଳି ଉଚ୍ଚାଟ ସୃଷ୍ଟିକାରୀ ଘୋଷଣା ହୋଇଥାଇପାରେ ବୋଲି ହେଉଥିବା ଅଭିଯୋଗକୁ ମଧ୍ୟ ଏହି ପୃଷ୍ଠଭୂମିରେ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

# ସଂରକ୍ଷଣ ବ୍ୟବସ୍ଥାରେ ଓବିସି-ବିତର୍କ

ଅଧ୍ୟାପକ ଗୋପବନ୍ଧୁ

ଭାରତବର୍ଷରେ ଅନୁସୂଚିତ ଜାତି(ଏସସି) ଓ ଅନୁସୂଚିତ ଜନଜାତି(ଏସଟି)ମାନଙ୍କ ପାଇଁ ସଂରକ୍ଷଣ ଲାଗୁହେବା କ୍ଷେତ୍ରରେ କୌଣସି ବିବାଦ ସୃଷ୍ଟି ହୋଇନାହିଁ। କାରଣ ସମ୍ବିଧାନ ପ୍ରସ୍ତୁତି କାଳରେ ଏ ବାବଦକୁ ସମସ୍ତ ବିଧିବିଧାନ ପ୍ରସ୍ତୁତ ହୋଇଯାଇଥିଲା। ଅନ୍ୟପକ୍ଷରେ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି) ସଂରକ୍ଷଣକୁ ନେଇ ଅନେକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଆସିଛି। ଏବେବି ବିବାଦର ଅନ୍ତ ହୋଇନାହିଁ। ସମ୍ବିଧାନର ୩୪୦ ଧାରା ଅନୁସାରେ ଏସଟି ଓ ଏସସିମାନଙ୍କ ବାଦେ ଅନ୍ୟ ଯେଉଁ ପଛୁଆ ଜାତି ରହିଛନ୍ତି ସେମାନଙ୍କ ବିକାଶ ପାଇଁ ସରକାର ପଦକ୍ଷେପ ନେଇପାରିବେ। ଏହି ଧାରା ଅନୁସାରେ ତତକାଳୀନ କେନ୍ଦ୍ର ସରକାର ୧୯୫୩ ମସିହାରେ ଏକ ଆୟୋଗ କାକା କାଲେଲକରଙ୍କ ଅଧକ୍ଷତାରେ ବସାଇଥିଲେ। ଆୟୋଗ ୧୯୫୫ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ସେମାନଙ୍କ ସଂରକ୍ଷଣ ବ୍ୟବସ୍ଥା ସହିତ ଅନେକଗୁଡ଼ିଏ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ସୁପାରିସ କରାଯାଇଥିଲା। କିନ୍ତୁ ତତକାଳୀନ ସରକାର ଏହାକୁ କାର୍ଯ୍ୟକାରୀ କରିନଥିଲେ।

୧୯୭୯ ମସିହାରେ ବି ପି ମଣ୍ଡଳଙ୍କ ଅଧକ୍ଷତାରେ ପୁଣି ଏକ ଆୟୋଗ ଗଠନ ହେଲା। ଏହି ଆୟୋଗ ୧୯୮୦ ମସିହାରେ ତାଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ସେଥିରେ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଶତକଡ଼ା ୨୭ ଭାଗ ସଂରକ୍ଷଣ ପ୍ରଦାନ ସହିତ ଅନେକଗୁଡ଼ିଏ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସୁପାରିସ କରାଯାଇଥିଲା। ସ୍ୱାଧୀନତା ପରେ ଆଉ ଜାତିଭିତ୍ତିକ ଜନଗଣନା ହୋଇନାହିଁ। ତେଣୁ ମଣ୍ଡଳ ଆୟୋଗ ୧୯୩୧ ମସିହାର ଜନଗଣନାକୁ ଭିତ୍ତିକରି ଦେଶରେ ଓବିସିଙ୍କ ସଂଖ୍ୟା ଶତକଡ଼ା ୫୨ ଭାଗ ବୋଲି କହିଥିଲେ। ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ, ତେଣୁ ଆୟୋଗ ଓବିସି ସଂରକ୍ଷଣକୁ ୨୭% ରେ ସୀମିତ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରରେ ଏସଟି ଓ ଏସସିଙ୍କ ସଂରକ୍ଷଣ ପୂର୍ବରୁ ୨୨.୫% ରହିଛି। ତତ୍କାଳୀନ କେନ୍ଦ୍ର ସରକାର ରିପୋର୍ଟକୁ ଶୀତଳଭଣ୍ଡାରରେ ପକାଇରଖିଲେ।

ନିର୍ବାଚନ ପ୍ରତିଶ୍ରୁତି ମୁତାବକ ମଣ୍ଡଳ ଆୟୋଗ ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଚାକିରି କ୍ଷେତ୍ରରେ ଓବିସିମାନଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏହି ଘୋଷଣା ବିରୁଦ୍ଧରେ ଚାରିଆଡ଼େ ଆନ୍ଦୋଳନ ମୁଣ୍ଡ ଟେକିଲା। ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ହେଲା। ମଣ୍ଡଳ ଆୟୋଗ ସୁପାରିସ କାର୍ଯ୍ୟକାରିତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବାରୁ ପ୍ରଧାନମନ୍ତ୍ରୀ ଶ୍ରୀସିଂହଙ୍କ ଘୋଷଣାକୁ ସଙ୍ଗେସଙ୍ଗେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ବୈଧତା ଉପରେ ମୋହର ଲଗାଇଥିଲେ। ଏହାପରେ କେବଳ ଚାକିରି କ୍ଷେତ୍ରରେ ଓବିସି ସଂରକ୍ଷଣ ଲାଗୁ ହେଲା। ପୁଣି ୨୦୦୬ ମସିହାରେ ତତ୍କାଳୀନ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଓବିସିମାନଙ୍କ ପାଇଁ ୨୭% ସଂରକ୍ଷଣ ନୀତି କାର୍ଯ୍ୟକାରୀ କରିଥିଲେ। ଆରମ୍ଭରୁ ବହୁ ବାଦବିବାଦ ପରେ ପୂର୍ଣ୍ଣ ସୁପାରିସ କର୍ଯ୍ୟକାରୀ ହେଲା ଦୀର୍ଘ ବର୍ଷ ପରେ।

ଓଡ଼ିଶାରେ ମଣ୍ଡଳ ଆୟୋଗ ଚିହ୍ନିତ ଅନ୍ୟାନ୍ୟ ପଛୁଆ ଜାତି ସହିତ ଆଉ କିଛି ଜାତିକୁ ମିଶାଇ 'ଏସଇବିସି' ବା 'ସାମାଜିକ ଭାବେ ଓ ଆର୍ଥିକ ଭାବେ ପଛୁଆ ବର୍ଗ' ନାମରେ ନାମିତ ହେଲା ଏବଂ କେବଳ ଚାକିରି କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ପ୍ରଦାନ କରାଯାଉଥିଲା। ଓଡ଼ିଶାରେ ଏସଟି ଓ ଏସସିଙ୍କ ପାଇଁ ୩୮.୭୫% ସଂରକ୍ଷଣ ରହିଛି। ରାଜ୍ୟରେ ମଧ୍ୟ ସଂରକ୍ଷଣ ସୀମାକୁ ଶତକଡ଼ା ୫୦ ଭାଗରୁ କମ୍ ରଖିବା ପାଇଁ ଏସଇବିସିଙ୍କୁ ଏତିକି ସଂରକ୍ଷଣ ପ୍ରଦାନ କରାଯାଇଛି।

ଏଥିରେ ମଧ୍ୟ ବ୍ୟତିକ୍ରମ ରହିଛି। ତାମିଲନାଡୁରେ ୬୯% ସଂରକ୍ଷଣ ରହିଛି। ସେ ରାଜ୍ୟ ସମ୍ବିଧାନର ନବମ ଅନୁଚ୍ଛେଦର ସାହାରା ନେଇଛି। ଏଠାରେ ସ୍ଥାନିତ କୌଣସି ବିଷୟକୁ ନ୍ୟାୟାଳୟରେ ଚାଲେଞ୍ଜ କରିପାରିବ ନାହିଁ। ବିହାରରେ ସଂରକ୍ଷଣ ସୀମା ୬୫% ହୋଇଛି। ଅବଶ୍ୟ ଏହା ନ୍ୟାୟାଳୟରେ ବିଚାରାଧୀନ ରହିଛି। ଆହୁରି ଅନେକ ରାଜ୍ୟରେ ସଂରକ୍ଷଣ ସୀମା ୫୦%କୁ ଅତିକ୍ରମ କରିଛି। ଦ୍ୱିତୀୟ ବ୍ୟତିକ୍ରମ ହେଉଛି ସାଧାରଣ ବର୍ଗର ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ପାଇଁ ସଂରକ୍ଷଣ। ଏହା ଲାଗୁହେଲା ପରେ କେନ୍ଦ୍ର ଓ ରାଜ୍ୟରେ ସଂରକ୍ଷଣ ସୀମା ପାଖାପାଖି ୬୦%ରେ ପହଞ୍ଚିଛି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଇଡବ୍ଲୁଏସ୍ ସଂରକ୍ଷଣକୁ ଯାଥାର୍ଥ ବୋଲି ରାୟ ଦେଇଛନ୍ତି, ଯଦିଓ ସଂରକ୍ଷଣ ସୀମା ୫୦% ଅତିକ୍ରମ କରିଯାଇଛି।

ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ ବା ଇଡବ୍ଲୁଏସ ପାଇଁ ଯେଉଁ ୧୦% ସଂରକ୍ଷଣ ଦିଆଯାଇଛି ତାହା ଅଗ୍ରସର ଜାତି ବର୍ଗର ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ଏସଟି, ଏସସି ଓ ଓବିସିଙ୍କୁ ଛାଡ଼ି ଅନ୍ୟ ଯେଉଁମାନେ ରହିଲେ, ଯାହାଙ୍କ ରୋଜଗାର ବାର୍ଷିକ ଆଠ ଲକ୍ଷ ଟଙ୍କାରୁ କମ୍, ସେମାନେ ଏହି ସୁବିଧା ପାଇବେ। ଉଲ୍ଲେଖନୀୟ ଯେ ଏହିପ୍ରକାର ସଂରକ୍ଷଣ ପାଇଁ କୌଣସି ଆନ୍ଦୋଳନ ହୋଇନାହିଁ। ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇନାହିଁ। ମଝିରେ ମଝିରେ କାଁଭାଁ କେତେକ ନେତା ଏହାର ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିଲେ। ଅଳ୍ପସମୟ ମଧ୍ୟରେ ବିନା ବିତର୍କରେ ଏହା ସଂସଦରେ ଗୃହୀତ ହୋଇଛି। ଏହାକୁ ନେଇ ସଂସଦରେ କିମ୍ବା ସଂସଦ ବାହାରେ ବିରୋଧ ମଧ୍ୟ ହୋଇନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଏହି ସଂରକ୍ଷଣକୁ ବୈଧ ବୋଲି ଘୋଷଣା କଲା ବେଳେ ଅଗ୍ରସର ବର୍ଗର ଜନଗଣନା ଅନୁଯାୟୀ ଲୋକସଂଖ୍ୟା କେତେ, ତାଙ୍କ ଭିତରେ କେତେ ଗରିବ ଅଛନ୍ତି, ତାହାର ପରିସଂଖ୍ୟାନ ମାଗିନାହାନ୍ତି। ଏପରିକି ମଣ୍ଡଳ ଆୟୋଗ ରିପୋର୍ଟର କାର୍ଯ୍ୟକାରିତାକୁ ବୈଧ ବୋଲି ଘୋଷଣା କଲା ବେଳେ ମଧ୍ୟ ଓବିସିମାନଙ୍କ ଜନଗଣନା ଆଧାରିତ ସ୍ୱାଧୀନତା ପରବର୍ତ୍ତୀ ପରିସଂଖ୍ୟାନ ମାଗିନାହାନ୍ତି। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସିଙ୍କ କ୍ଷେତ୍ରରେ ଜନସଂଖ୍ୟାର ହିସାବ ଓ ସ୍ଥିତିଗତ ପରିସଂଖ୍ୟାନ ମାଗିଛନ୍ତି।

କେତେକ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ସଂରକ୍ଷଣକୁ ୫୦%ରେ ସୀମିତ କରିଥିବା ପ୍ରତିବନ୍ଧକକୁ ଉଠାଇବା ପାଇଁ ମତବ୍ୟକ୍ତ କରିଆସିଛନ୍ତି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଇଡବ୍ଲୁଏସ ସଂରକ୍ଷଣକୁ ବୈଧ ଘୋଷଣା କଲାପରେ ଏ ପ୍ରତିବନ୍ଧକ ଆପେ ଉଠିଯାଇଛି ବୋଲି ଚର୍ଚ୍ଚା ହେଉଛି। କାରଣ ଅଧିକାଂଶ ରାଜ୍ୟରେ ସଂରକ୍ଷଣସୀମା ୬୦%କୁ ଛୁଇଁଛି। ତେବେ ଏହାଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି। ଅନେକ ରାଜ୍ୟ ଏବେ ତାମିଲନାଡୁ ତୁଲ୍ୟ ସମ୍ବିଧାନର ନବମ ଅନୁଚ୍ଛେଦର ସାହାରା ନେବାକୁ ବାହାରିଛନ୍ତି। ଝାଡ଼ଖଣ୍ଡରେ ଓବିସି ସଂରକ୍ଷଣକୁ ୧୪% ରୁ ୨୭%କୁ ବୃଦ୍ଧି କରିବା ପାଇଁ ଏବଂ ମୋଟ ସଂରକ୍ଷଣ ହାର ୭୭% କରିବା ପାଇଁ ସମ୍ପୃକ୍ତ ରାଜ୍ୟର କ୍ୟାବିନେଟ ମଞ୍ଜୁରି ଦେଇଛନ୍ତି। ଛତିଶଗଡ଼ ପାଦେ ଆଗେଇ ବିଭିନ୍ନ ବର୍ଗକୁ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ପଦକ୍ଷେପ ନେଉଛି। ସେଠାରେ ମଧ୍ୟ ଓବିସି ସଂରକ୍ଷଣ ୧୪%ରୁ ୨୭% କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆହୁରି ଅନେକ ରାଜ୍ୟ ସମାନ ପ୍ରକ୍ରିୟାରେ ରହିଛନ୍ତି।

ଓଡ଼ିଶାରେ ମଧ୍ୟ ଏସଇବିସିଙ୍କ ପାଇଁ ସଂରକ୍ଷଣ ସୀମା ୧୧.୨୫%ରୁ ବଢ଼ାଇ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% କରିବା ପାଇଁ ଦାବି ହେଉଛି। ୨୦୦୮ ମସିହାରେ ଓଡ଼ିଶା ସରକାର ଏହି ବର୍ଗ ପାଇଁ ୨୭% ସଂରକ୍ଷଣ ଘୋଷଣା କରିଥିଲେ। ତାହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ନିର୍ଦ୍ଧାରିତ ସଂରକ୍ଷଣ ସୀମା ଅନୁସାରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ରାଜ୍ୟ ସରକାର ମଧ୍ୟ ଏ ବିଷୟରେ ପଦକ୍ଷେପ ନେବାକୁ ଦାବି ହେଉଛି ଯେ ବର୍ଦ୍ଧିତ ସଂରକ୍ଷଣକୁ ନବମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ। ଗତ ରାଜ୍ୟ ସରକାର ଏସଇବିସିଙ୍କ ସର୍ବେକ୍ଷଣ କରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଓବିସିଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ ରାଜ୍ୟର ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସଇବିସି ମାନଙ୍କ ପାଇଁ ସାଧାରଣ ଉଚ୍ଚଶିକ୍ଷାରେ ୧୧.୨୫% ସଂରକ୍ଷଣ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା କିନ୍ତୁ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ଲାଗୁ ହେବ ନାହିଁ ବୋଲି ଜଣାପଡ଼ିଛି। ଯେଉଁଠାରେ ସଂରକ୍ଷଣର ଆବଶ୍ୟକତା ଅଧିକ ରହିଛି ସେଠାରେ ଦିଆଯାଉ ନାହିଁ। ଆଶା କରାଯାଉଛି ଖୁବ୍ ଶୀଘ୍ର ଏସମସ୍ତ କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବ। ଅନ୍ୟପଟେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଓବିସି/ଏସଇବିସିଙ୍କୁ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପ୍ରଦାନ ପାଇଁ ଦାବି ଜୋର୍ ଧରୁଛି। ତେଣୁ ଯାହା ଜଣାପଡୁଛି ଓବିସି ସଂରକ୍ଷଣକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ଆହୁରି ଅନେକ କିଛି ହେବାକୁ ବାକି ଅଛି।

ବାରିପଦା, ମୋ: ୭୦୦୮ ୯୭୬୧୮୦

# ଚାର୍ବାକ ଦର୍ଶନ ଓ ସୁଖବାଦ

ସରୋଜ କାନ୍ତ ଚୌଧୁରୀ

ତମେ ଯେତେଦିନ ଦୁନିଆରେ ଦେହ ଧରି ରହିଛ, ସେତେଦିନ ଭଲରେ ରୁହ। ଆନନ୍ଦ ଉଲ୍ଲାସରେ କାଳାତିପାତ କର। ଋଣ କର ପଛେ ଘିଅ ମହୁରେ ଅର୍ଥାତ୍ ଖୁବ୍ ସୁଖମୟ ଜୀବନ ଯାପନ କର(ଋଣଂ କୃତ୍ୱା ଘୃତମ୍ ପିବେତ୍, ଯାବତ୍ ଜିବେତ୍ ସୁଖମ ଜିବେତ୍)। ଭସ୍ମୀଭୂତସ୍ୟ ଦେହସ୍ୟ - ଏହି ଦେହ ଚିତାରେ ଭସ୍ମ ହୋଇଯିବ, କିଛି ବି ରହିବ ନାହିଁ। ଆତ୍ମା ରହିଥାଏ ବୋଲି କିଛି ପ୍ରମାଣ ନାହିଁ। ପୁନରାଗମନ କୁତଃ - ଏହି ଶରୀର ଫେରିବ ନାହିଁ, ପୁନର୍ଜନ୍ମର କୌଣସି ପ୍ରମାଣ ନାହିଁ। - ଏହିସବୁ ହେଉଛି ଚାର୍ବାକ ଦର୍ଶନର ସାଧାରଣରେ ବୁଝିବା ଭଳି ନିୟମ ସବୁ। ଯଦିଓ ପରମ୍ପରା ବା ପ୍ରଥା ଭଙ୍ଗକାରୀ ଏଭଳି ଭାରତୀୟ ଦର୍ଶନର ଗଭୀରତା ଏବଂ ସର୍ବବ୍ୟାପକତା ଅଧିକ ବିଶ୍ଳେଷଣ ଆବଶ୍ୟକ କରେ।

ଏ ବିଷୟରେ ଅଧିକ ଆଲୋଚନା ପୂର୍ବରୁ ସୁଖବାଦ କ'ଣ ପ୍ରକୃତରେ ତାହା ବୁଝିବା ଆବଶ୍ୟକ। ସୁଖବାଦ ହେଉଛି ଏକ ନୈତିକ ସିଦ୍ଧାନ୍ତ, ଯାହାଦ୍ୱାରା ପ୍ରତିପାଦିତ କରାଯାଇଛି ଯେ କାମନାର ସନ୍ତୁଷ୍ଟିକରଣ ମାନବ ଜୀବନର ଉଚ୍ଚତମ ନିର୍ଯ୍ୟାସ ଏବଂ ପ୍ରକୃତ ଲକ୍ଷ୍ୟ। ପ୍ରାୟ ସମସ୍ତ ପ୍ରାଚୀନ ଭାରତୀୟ ଦର୍ଶନ ଈଶ୍ୱରଙ୍କ ବିଦ୍ୟମାନତା ଏବଂ ମଣିଷର ଆତ୍ମା ଉପରେ ବିଶ୍ୱାସ କରିଥା'ନ୍ତି କେବଳ ଏହି ଦାର୍ଶନିକ ତତ୍ତ୍ୱ ବ୍ୟତୀତ। ଏହି ତତ୍ତ୍ୱ କହିବାକୁ ଗଲେ ଏକ ନାସ୍ତିକ ବସ୍ତୁବାଦୀ ଜୀବନ ଦର୍ଶନ। ଏହାର ଅନୁଗାମୀମାନଙ୍କ ମତରେ କୌଣସି ବସ୍ତୁ ଯଦି ମଣିଷର ଭୌତିକ ଅନୁଭବରେ ନ ଆସିଛି, ତାହାର ସ୍ଥିତି ନାହିଁ। ତେଣୁ ଈଶ୍ୱର, ଆତ୍ମା ଓ ପୁନର୍ଜନ୍ମ - ଏହାସବୁ ଭ୍ରାନ୍ତଧାରଣା। ଏହି ଜୀବନ ଦର୍ଶନ ଚାର୍ବାକ୍ ନାମକ ଜଣେ ବୈଦିକ ଭାରତର ଋଷିଙ୍କ ଦ୍ୱାରା ରଚିତ ହୋଇଥିବାର ବିଶ୍ୱାସ କରାଯାଏ। ଅନ୍ୟ କେତେକ ଐତିହାସିକଙ୍କ ମତରେ ଋଷି ବୃହସ୍ପତି ହେଉଛନ୍ତି ଏହାର ପ୍ରାରମ୍ଭିକ ମତବାଦୀ ଏବଂ ଚାର୍ବାକ୍ ତାଙ୍କର ସବୁଠାରୁ ଜଣାଶୁଣା ଶିଷ୍ୟ।

ନୀତି ବା ମାନ ନିର୍ଦ୍ଧାରିତ ସୁଖବାଦ ଦାବି କରିଥାଏ ଯେ ଜୀବନରେ ସୁଖର ହିଁ ମୂଲ୍ୟ ଥାଏ, ଅସନ୍ତୋଷ ବା ଦୁଃଖ ମୂଲ୍ୟହୀନ। ଏ ସମ୍ବନ୍ଧରେ ବିଖ୍ୟାତ ବ୍ରିଟିଶ ଦାର୍ଶନିକ ଏବଂ ଆଇନ ସଂସ୍କାରକ ଜର୍ମି ବେଂଥାମ୍‌ଙ୍କ ମତ ପ୍ରଣିଧାନଯୋଗ୍ୟ। ସେ ନୈତିକ ଓ ମନସ୍ତାତ୍ତ୍ୱିକ ସୁଖବାଦକୁ ନେଇ କହନ୍ତି ଯେ ପ୍ରକୃତି ମାନବ ସମାଜକୁ ଦୁଇଟି ସାର୍ବଭୌମ ଶାସକ ଯଥା ଯନ୍ତ୍ରଣା ଓ ଆନନ୍ଦ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ହେବାକୁ ବ୍ୟବସ୍ଥା କରିଛି। ସେମାନେ ହିଁ କେବଳ ସୂଚାଇବେ ଆମେ କ'ଣ କରିବା ଉଚିତ୍ ଏବଂ ସ୍ଥିର କରିବେ ଆମେ ପରବର୍ତ୍ତୀ ସମୟରେ କ'ଣ କରିବୁ। ସୁତରାଂ ଜୀବନ ନିର୍ବାହରେ ସୁଖବାଦ କେବଳ ଚାର୍ବାକ୍ ବିଚାରଧାରାର ନୀତି ନୁହେଁ, ବରଂ ଏ ବିଷୟରେ ବିଶ୍ୱର ଅନେକ ଦାର୍ଶନିକ ତାଙ୍କର ବିଚାର ବ୍ୟକ୍ତ କରିଥିବା ଦେଖାଯାଇଛି। ଚାର୍ବାକଙ୍କ ଭଳି ଗ୍ରୀକ୍ ଦାର୍ଶନିକ ଏପିକ୍ୟୁରସ୍ ମଧ୍ୟ ଶାନ୍ତି ସହ ମଧ୍ୟମ ଧରଣର ସୁଖ ବା ଆନନ୍ଦ ଆଧାରିତ ଜୀବନ ନିର୍ବାହ ଉପରେ ନିଜର ମତ ସ୍ପଷ୍ଟ କରିଛନ୍ତି।

ଜଣେ ଅନଭିଜ୍ଞ ମଣିଷ ପାଇଁ ହୁଏତ ଚାର୍ବାକ ବିଚାରଧାରାରେ କିଛିମାତ୍ରାରେ ଇନ୍ଦ୍ରିୟ ସମ୍ଭୋଗ ଅଭିଳାଷ, ଦୈହିକ, ଏପରିକି ପାଶବିକ ଲାଳସା ଅଧିକ ଗୁରୁତ୍ୱ ବହନ କରୁଥିବା ଜଣାପଡ଼ିପାରେ। କିନ୍ତୁ ଏହା ଚରମ ବାସ୍ତବ ଏକ ନିଗୂଢ଼ ଦର୍ଶନର ବୁଝାମଣା ଯେ ମଣିଷ ସେ ସବୁ ଆଶା ମନକୁ ଆଣିବା କଥା ନୁହେଁ, ଯାହା ତାଙ୍କ ପାଇଁ ସ୍ୱାଭାବିକ ଭାବେ ଦରକାରକୁ ଆସିବ ନାହିଁ। ଅଧିକାଂଶ ଲୋକ, ବିଶେଷକରି ବର୍ତ୍ତମାନର ପ୍ରତିଯୋଗିତାମୂଳକ ବସ୍ତୁବାଦୀ ବ୍ୟବସ୍ଥାରେ, ବହୁ ସାମଗ୍ରୀ ପାଇଁ ଇଚ୍ଛା କରନ୍ତି, ଯାହା ତାଙ୍କ ପାଇଁ ବାସ୍ତବପକ୍ଷେ ଆବଶ୍ୟକ ହୁଏ ନାହିଁ। 'ଆକାଶ କଇଁଆ ଚିଲିକା ମାଛ' ଭଳି ଆଶା ପଛରେ ଧାଇଁ ଧାଇଁ ବିଚରା ଆଧୁନିକ ମଣିଷ ସ୍ୱଚ୍ଛ ସରଳ ଆନନ୍ଦକୁ ହରାଇ ଦୁଃଖୀ ହେଉପଡୁଛି। ଏକ ଲୋକପ୍ରିୟ ଉର୍ଦ୍ଦୁ କବିତାରେ ଯେମିତି କୁହାଯାଇଛି 'ନା ଖୁଦା ହିଁ ମିଲା, ନଁ ଭିଶାଲ୍ - ଏ-ସନମ୍, ନା ଇଧର୍ କେ ରହେ, ନା ଉଧର କେ ହମ୍(ନା ମୁଁ ଭଗବାନଙ୍କୁ ଜାଣିଲି, ନା ପାଇଲି ମୋ ପ୍ରେମିକାର ସଂସର୍ଗ। ମୁଁ ଦୁଇ ପଟରେ ବ୍ୟର୍ଥ, ଅସଫଳ)।

ଚରକ ପ୍ରଦତ୍ତ ସୁଖବାଦର ମାନବ ହିତୈଷୀ ବା ପ୍ରେରଣାଦାୟୀ ଝଲକ ମଧ୍ୟ ଲକ୍ଷ୍ୟ କରାଯାଇପାରେ। ଏହି ଜୀବନ ଦର୍ଶନ ବିଶ୍ୱାସ କରିଥାଏ ମଣିଷର ଏକ ଆନନ୍ଦମୟ ସ୍ଥିତି ବର୍ତ୍ତମାନର ପରିପ୍ରେକ୍ଷୀରେ, ଅଯଥା ଆଗାମୀ ପାଇଁ ନ ଭାବି। ବ୍ୟକ୍ତିଗତ ଆନନ୍ଦ ସାର୍ବଜନୀନ ଆନନ୍ଦକୁ ବାଟ ଫିଟାଇଥାଏ। ସମସ୍ୟାବହୁଳ ସଂସାରରେ କେହି ସଂପୂର୍ଣ୍ଣଭାବରେ ସୁଖୀ ନୁହନ୍ତି। ଅଧିକାଂଶ ନିରବଚ୍ଛିନ୍ନ ଭାବେ ଚାପରେ ରହିଥା'ନ୍ତି। କେତେବେଳେ କାହା ପାଇଁ ଆନନ୍ଦର ମୁହୂର୍ତ୍ତ ଆସି ନିରବରେ ଚାଲିଯାଏ, ଜଣାପଡ଼େ ନାହିଁ। ବିଶେଷକରି ଜୀବନର ଶେଷ ପର୍ଯ୍ୟାୟରେ ଏହା ହିଁ ସମସ୍ତଙ୍କ ପାଇଁ ସାର୍ବଜନୀନ ସତ୍ୟ। ଚାର୍ବାକ ପରାମର୍ଶ ଦିଅନ୍ତି- ସ୍ୱାଭାବିକ ଆନନ୍ଦ ବା ସୁଖର ଧାରାକୁ ପ୍ରତିରୋଧ ବା ପ୍ରତିବାଦ କରା ନ ଯାଉ। କାରଣ ଯନ୍ତ୍ରଣା ପରିପୂର୍ଣ୍ଣ ଜୀବନ ନାଟକରେ ଏହା ଯେମିତି କଦାଚିତ୍ ଆସୁଥିବା ଦୃଶ୍ୟ। ଅତଏବ ଜୀବନକୁ ସଂପୂର୍ଣ୍ଣ ଭାବେ ଉପଭୋଗ କରାଯାଉ ଏବଂ ସମସ୍ତ ଉତ୍ତମ ସାମଗ୍ରୀ ଓ ପରିସ୍ଥିତିକୁ ସ୍ୱାଗତ କରାଯାଉ। ସାକରାତ୍ମକ ମନୋଭାବର ଏହା ପରିପ୍ରକାଶ। ସବୁକଥାରେ ପ୍ରମାଣ ଖୋଜୁଥିବା ଏହି ଦର୍ଶନ କହିବାକୁ ଗଲେ ବିଜ୍ଞାନ ସମ୍ମତ ଏବଂ ହେତୁବାଦୀ।

ସାମାଜିକ ଜୀବନ ଏବେ ଜଟିଳତା ଓ ଦ୍ୱନ୍ଦ୍ୱ ମଧ୍ୟରେ ଦ୍ୱିଧାଗ୍ରସ୍ତ। ଏଠି ଆମେ ସବୁ ଆତ୍ମିକ ଚେତନାରେ ଅସନ୍ତୁଷ୍ଟ ଏବଂ ମୁଖମଣ୍ଡଳ ଆମର ସଦା ଅପ୍ରସନ୍ନ। କାରଣ ଆମେ ନୈତିକତାର ପ୍ରହେଳିକା ଯଥା ଭଲ, ମନ୍ଦ, ନୈତିକ ଓ ଅନୈତିକର ଦ୍ୱିବିଧା ମଧ୍ୟରେ ସଦା ପ୍ରପୀଡ଼ିତ। ସ୍ୱଚ୍ଛ ଉତ୍‌ଫୁଲ୍ଲତା ବା ସତେଜତା ଆମ ଜୀବନରୁ ଏବେ ହଜିଯାଉଛି ଯେତେବେଳେ, ଆଶା କରାଯାଏ ଚାର୍ବାକଙ୍କ ସୁଖବାଦୀ ଜୀବନ ନିର୍ବାହର ନୀତି ଫେରାଇ ଆଣିପାରିବ ମଣିଷ ମନରୁ ଚାଲି ଯାଇଥିବା ପ୍ରଫୁଲ୍ଲତାର ମହକ। ମନେ ରଖିବା କଥା ଚାର୍ବାକଙ୍କ ସୁଖବାଦ ଇଚ୍ଛାନୁସାରେ ନୈତିକ ଧାର୍ମିକ ଓ ସାମାଜିକ ନିୟମ ସବୁକୁ ଅଣଦେଖା କରୁଥିବା ବୋହେମିଆନିଇଜିମ୍ ନୁହେଁ। ନୁହେଁ ମଧ୍ୟ ନାସ୍ତିବାଦୀ। ଏହା ସାର୍ବଜନୀନ ବା ସର୍ବବ୍ୟାପକ ସୁଖ ପାଇଁ ଅସ୍ତିତ୍ୱବାଦୀ ଔଷଧାମୃତ କହିଲେ ଅତ୍ୟୁକ୍ତି ହେବ ନାହିଁ।

କଟକ, ମୋ: ୯୪୩୭୩୬୦୯୮୧

# ମହାଲକ୍ଷ୍ମୀଙ୍କ ସ୍ୱତନ୍ତ୍ର ମନ୍ଦିର

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ବଡ଼ବାଡ଼ ସାଆନ୍ତଙ୍କୁ ଗତ କିଛିଦିନ ହେଲା ଭଲ ନିଦ ହେଉ ନ ଥିଲା। କାଦମ୍ବରୀର ଅନୁପାନ ଯେ ବଢ଼େଇ ଦେଇ ନ ଥିଲେ ସେ କଥା ନୁହେଁ। ତଥାପି ବଡ଼ଠାକୁର ସୁଖନିଦ୍ରା ଯାଇ ପାରୁ ନ ଥିଲେ। ଦିନସାରା କାଳିଆର ଭକ୍ତମାନେ ଏମିତି ଗହଳି ଲଗେଇଛନ୍ତି ଯେ ଟିକିଏ ହେଲେ ବିଶ୍ରାମ ନ ଥିଲା। ରାତିରେ ଟିକିଏ ଛାଇ ନିଦ ଆସି ଥିବ କି ନାହିଁ କାଳିଆର ଶ୍ୱଶୁର ବରୁଣ ଦେବଙ୍କ ଗର୍ଜନରେ ଘଡ଼ିଏ ଶୋଇବା ସମ୍ଭବ ହେଉ ନ ଥିଲା। କାଳିଆକୁ କହି କିଛିଗୋଟେ ନ କଲେ ଏଠି ଶାନ୍ତିରେ ରହିବା ସମ୍ଭବ ନୁହେଁ। ଏହା ଭାବି ବଡ଼ଠାକୁର ଦିନେ ସକାଳୁ ସକାଳୁ ଶ୍ରୀଜଗନ୍ନାଥଙ୍କୁ ଡାକ ଛାଡ଼ିଲେ। ମହାପ୍ରଭୁ ପ୍ରଥମରୁ ଜାଣିଗଲେ ଯେ କିଛି ଗୋଟେ ଗୋଳମାଳ ଅଛି। ନ ହେଲେ ସକାଳୁ ସକାଳୁ ଏମିତି ଗର୍ଜନ କାହିଁକି? ସେ ଜାଣିଥିଲେ ବଡ଼ଭାଇ ରକ୍ଷଣଶୀଳ ଓ କ୍ଷଣ କୋପୀ। କିନ୍ତୁ ସରଳ ଓ ସ୍ନେହୀ। ମହାପ୍ରଭୁ ବଡ଼ଭାଇଙ୍କ ପାଖରେ ପହଞ୍ଚି ପଚାରିଲେ- 'ଭାଇ! କ'ଣ କିଛି ଅସୁବିଧା ହେଲା କି?' ବଳଭଦ୍ର ଅସନ୍ତୋଷ ଓ ରୋଷଭରା କଣ୍ଠରେ କହିଲେ- 'ପୁଣି ପଚାରୁଛୁ ଅସୁବିଧା କ'ଣ? ଦିନ ବେଳେ ତୋ ଭକ୍ତ, ରାତିରେ ତୋ ଶ୍ୱଶୁର। ତୋରି ଲାଗି ମଣିଷ ଟିକିଏ ଶାନ୍ତିରେ ଶୋଇ ପାରୁନି।' କ୍ରୋଧ, କାଦମ୍ବରୀ ଓ ଅନିଦ୍ରା ଯୋଗୁଁ ବଳଭଦ୍ରଙ୍କ ଆଖିଦୁଇଟା ଲାଲ ପଡ଼ିଯାଇଥିଲା। ଜଗନ୍ନାଥ ବଡ଼ଭାଇଙ୍କ ଆଖି ଆଗରୁ ମୁହଁ ଲୁଚେଇ ଟିକିଏ ହସିଲେ ଓ ପଚାରିଲେ- 'ତା' ହେଲେ କ'ଣ କରିବା ଭାଇ କୁହ। ଭକ୍ତମାନଙ୍କୁ ଆସିବାକୁ ମନା କରିଦେବା?' ତହୁଁ ବଡ଼ଭାଇ କହିଲେ- 'ମୋତେ ଚାଲାକି ଦେଖୋଉଛୁ? ଆରେ ଭକ୍ତମାନେ ନ ଆସିଲେ ତୋର ପରମାତ୍ମାପଣିଆ ଆସିବ କୋଉଠୁ? ଆଉ ତୁଳସୀ ଯୋଗୁଁ କାନିଶିରୀ ପାଣି ପାଇଲା ପରି ତୋ ଲାଗି ମୋତେ ବି ଭକ୍ତମାନଙ୍କଠାରୁ କିଛି ଖାତିର ମିଳି ଯାଉଛି। ବରଂ ତୋ ଶ୍ୱଶୁରଙ୍କୁ କହି ତାଙ୍କ ଗର୍ଜନ ବନ୍ଦ କର।' ଜଗନ୍ନାଥ କହିଲେ- 'ଭାଇ! ଶ୍ୱଶୁର ବାପାଙ୍କ ସମାନ। ତାଙ୍କୁ ଆମେ ଏ ସବୁ କଥା କହିଲେ ସେ ଖରାପ ଭାବିବେନି?' ବଡ଼ଠାକୁର ଆହୁରି ରାଗି କହିଲେ- 'ତୁ ଡରୁକୁଳା ଯେବେ ଶ୍ୱଶୁରଙ୍କୁ ଏ କଥା କହି ପାରିବୁ ନାହିଁ ବୋଲି ଭାବୁଛୁ, ତା' ହେଲେ ଲକ୍ଷ୍ମୀଙ୍କୁ କହ। ସେ ତାଙ୍କ ବାପାଙ୍କୁ କହି ତାଙ୍କର ଗର୍ଜନ ବନ୍ଦ କରନ୍ତୁ, ନ ହେଲେ ତାଙ୍କର ମୋ ଦେଉଳରେ ସ୍ଥାନ ନାହିଁ।'

ମହାପ୍ରଭୁ ଲକ୍ଷ୍ମୀଙ୍କ ପାଖକୁ ଯାଇ ସବୁ କଥା କହିବା ପରେ ମା'ଲକ୍ଷ୍ମୀ ଅଭିମାନରେ ବାପଘରକୁ ଚାଲିଗଲେ। ରାଜା ବରୁଣ ଝିଅକୁ ଦେଖି ଖୁସି ହେଲେ ମଧ୍ୟ ବିନା ଖବରରେ ହଠାତ୍ ଆସିଥିବାରୁ କୁଶଳ ମଙ୍ଗଳ ପଚାରିଲେ। ଲକ୍ଷ୍ମୀ କହିଲେ- 'ଆପଣଙ୍କ ଗର୍ଜନ ଯୋଗୁଁ ମୋ ଦେଢ଼ଶ୍ୱଶୁର ରାତିରେ ଶୋଇ ପାରୁନାହାନ୍ତି। ତେଣୁ ଆପଣଙ୍କର ଗର୍ଜନ ବନ୍ଦ କରିବା ପାଇଁ ସେ ମୋତେ ପଠେଇଛନ୍ତି। ତା' ନ ହେଲେ ବଡ଼ ଦେଉଳରେ ମୋର ସ୍ଥାନ ନାହିଁ।' କନ୍ୟାଙ୍କୁ ବୁଝାଇବାକୁ ଯାଇ ବରୁଣ କହିଲେ- 'ମାଆ! ଦେବୀ ଗଙ୍ଗା ଯେତେବେଳେ ହିମାଳୟରୁ ସମତଳକୁ ଅବତରଣ କରନ୍ତି ସେତେବେଳେ ଭୀଷଣ ଶବ୍ଦ ସୃଷ୍ଟି ହୁଏ। ଜଗନ୍ନାଥ ବଳଭଦ୍ର ଦୁଇଭାଇ ଯେତେବେଳେ ରଥ ଆରୋହଣ କରି ବଡ଼ଦାଣ୍ଡରେ ଯାତ୍ରା କରନ୍ତି ସେତେବେଳେ ମଧ୍ୟ ରଥ ଘୋର ଘର୍ଘର ଶବ୍ଦ ସୃଷ୍ଟି କରେ। ଏହା ସ୍ୱାଭାବିକ। ଠିକ ସେହିପରି ମୋ ବକ୍ଷରେ ତରଙ୍ଗ ସୃଷ୍ଟି ହେଲେ ସଙ୍ଗୀତ ସୃଷ୍ଟି ହୁଏ। ସମୁଦ୍ର ତଟବାସୀ ରାତିରେ ସେ ସଙ୍ଗୀତ ନ ଶୁଣିଲେ ଶୋଇପାରନ୍ତି ନାହିଁ। ତେଣୁ ସଙ୍ଗୀତ କୁହାଯାଉ ବା ଗର୍ଜନ, ବନ୍ଦ କରିବା ସମ୍ଭବ ନୁହେଁ। କାରଣ ତାହା ଅନ୍ତର୍ନିହିତ। କିନ୍ତୁ ମୁଁ ମାଆ ତୋତେ କଥା ଦେଉଛି ଯେ ଆଜିଠାରୁ ମୋର ସେ ଲହଡ଼ିର ଶବ୍ଦ ଶ୍ରୀମନ୍ଦିରକୁ ଶୁଣାଯିବ ନାହିଁ। କିନ୍ତୁ ତୁ ସାଗରରାଜ ବରୁଣଙ୍କ କନ୍ୟା। ଆମର ମାନସମ୍ମାନ ବୋଲି କିଛି ଗୋଟେ ଅଛି ତ। ବଳଭଦ୍ରଙ୍କ କହିବାନୁସାରେ ତୁ ଆଉ ବଡ଼ ଦେଉଳରେ ରହିବୁ ନାହିଁ। ମନ୍ଦିର ପରିସରର ଉତ୍ତର-ପଶ୍ଚିମ କୋଣରେ ତୋ ପାଇଁ ମୁଁ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଦେବି। ତୁ ସେ ମନ୍ଦିରରେ ରହିବୁ। ସବୁ ଗୁରୁବାର ଦିନ ତୋ ମନ୍ଦିରକୁ ଆସି ତୋ ସହ ଏକାନ୍ତରେ କିଛି ସମୟ ବିତେଇବା ପାଇଁ ମୁଁ ଜଗନ୍ନାଥଙ୍କୁ ଅନୁରୋଧ କରିବି। ତୋ ମନ୍ଦିରର ମଣ୍ଡପରେ ମୋର ଜଳୀୟ ବାଷ୍ପଯୁକ୍ତ ଥଣ୍ଡା ପବନ ସବୁବେଳେ ବୋହିବ। ଭକ୍ତମାନେ ମନ୍ଦିରରେ ବୁଲିବୁଲି କ୍ଲାନ୍ତ ହୋଇପଡ଼ିଲେ ସେଠାରେ ବସି କ୍ଲାନ୍ତି ମେଣ୍ଟେଇବେ।' ଲକ୍ଷ୍ମୀଙ୍କ ମୁହଁରେ ଛୋଟ ହସଟିଏ ଖେଳିଗଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


■ ରଥଖଳାରୁ...

## ବନ୍ଦ ହେଲା ଯନ୍ତା ଗାଡ଼



ପୁରୀ,୨୭।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଆସନ୍ତା ଜୁନ୍ ୨୭ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏହାକୁ ନଜରରେ ରଖି ରଥଖଳାରେ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ସୁଦ୍ଧା ତିନି ରଥର ୪୨ଟି ଯାକ ଚକ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ, ଯେହେତୁ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି, ସେଥିପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଖୋଳାଯାଇଥିବା ଯନ୍ତା ଗାଡ଼କୁ ବନ୍ଦ କରିଛନ୍ତି ଭୋଇ ସେବକ। ସୋମବାର ରଥ ଅମିନ ତିନି ରଥ ଚାଳିକୁ ଭୋଇ ସେବକଙ୍କ ସହାୟତାରେ ଦୁଇଟି ଲେଖାଏଁ ୪୦ ଫୁଟିଆ ବ୍ରେକ୍ ଅଖ ଏବଂ ତିନି ରଥର ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇଥିଲେ। ପ୍ରତ୍ୟେକ ରଥର ବ୍ରେକ୍ ଅଖର ଉଭୟପାର୍ଶ୍ୱ ଚଉପଟ ସହ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ସେହିପରି ମଙ୍ଗଳବାରଠାରୁ ଗରଗର କାଠର ଚଉପଟ କାମ ଆରମ୍ଭ ହୋଇଛି। ମହାରଣା ସେବକମାନେ ବାରିସିରେ ଏହାକୁ ଚଉପଟ କରୁଛନ୍ତି। ରୂପକାର ସେବକମାନେ ଗୁଜଗୁଡ଼ିକରେ ସିଂହବିରାଳ ରୂପ ଖୋଦେଇ ସହ ଏଥିରେ ଅଳଙ୍କାର ପକାଇ ଏହାକୁ ପଲିସ୍ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା ତିଆରି କରୁଛନ୍ତି।

## ଭୟଭୀତ କରୁଛି କରୋନା ସଂକ୍ରମଣ



ଭୁବନେଶ୍ୱର,୨୭।୫(ସମିସ): ଦେଶରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଆକ୍ଟିଭ୍ କେସ୍ ସଂଖ୍ୟା ୧ହଜାର ଅତିକ୍ରମ କରିଛି। ମାତ୍ର ଓଡ଼ିଶାରେ ଭୟଭୀତ ହେବା ଭଳି ସ୍ଥିତି ନାହିଁ। ଏବେ ଯାଏଁ ରାଜ୍ୟରେ ଗୋଟିଏ ମାମଲା ଚିହ୍ନଟ ହୋଇଛି। ସଂକ୍ରମିତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କର ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କେହି ସଂକ୍ରମିତ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବୁଧବାର ଅପରାହ୍ଣରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟ ସହ କରୋନାସ୍ଥିତି ନେଇ ବୈଠକ କରିବେ ବୋଲି ଜଣାପଡ଼ିଛି।

ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଦେଶରେ ଯେଉଁ ଦୁଇଟି ଭାରିଆଣ୍ଟ ନେଇ ସଂକ୍ରମଣ ବଢୁଛି, ତାହା ଏତେ ମାରାତ୍ମକ ନୁହେଁ। ଓଡ଼ିଶାରେ ଗୋଟେ ହିଁ କେସ୍ ଚିହ୍ନଟ ହୋଇଛି। ଏବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ତାଙ୍କ ପରିବାରରେ କାହାର ଲକ୍ଷଣ ନାହିଁ। ଲକ୍ଷଣ ନ ଥିଲେ, ପରିବାର ଲୋକଙ୍କ ଟେଷ୍ଟ ହେବନି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିୟମ ପରିବର୍ତ୍ତନ ହୋଇଛି। ଆମେ ତାହାକୁ ଅନୁପାଳନ କରୁଛୁ। ବର୍ତ୍ତମାନ ଦେଶରେ ୧୦୧୦ ସଂକ୍ରମଣ ମାମଲା ରହିଛି। ମହାରାଷ୍ଟ୍ର ଓ କେରଳରେ ସ୍ଥିତି ସଙ୍ଗୀନ ରହିଛି। ୧୫୪ ନୂଆ ମାମଲା ସହିତ ମହାରାଷ୍ଟ୍ରରେ ୨୧୦ ଜଣ ସଂକ୍ରମିତ ରୋଗୀ ଅଛନ୍ତି। କେରଳରେ ୪୩୦ ସହ ୩୩୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବନ୍ଦ ଘରୁ ଗଳିତ ଶବ ଉଦ୍ଧାର**

ବାଲେଶ୍ୱର, ୨୭।୫ (ସମିସ): ବାଲେଶ୍ୱର ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ଦେବୀସାହିର ଏକ ଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ, ପପୁ ସିଂ (୪୦)। ଦୁଇ ତିନି ଦିନ ତଳୁ ପପୁଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ପପୁ ରହୁଥିବା ଘରୁ ଆଜି ଭୀଷଣ ଦୁର୍ଗନ୍ଧ ହେବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା।

■ ସାବିତ୍ରୀ ଓଷା ପାଇଁ ସ୍ତ୍ରୀ ମନା କରିଦେଲେ

## ରଶି ଲଗାଇ ଝୁଲିପଡ଼ିଲେ ସ୍ୱାମୀ

ସୋସୋ,୨୭।୫(ସମିସ): ସ୍ତ୍ରୀ ସାବିତ୍ରୀ ଓଷା କରିବାକୁ ମନା କରିବାରୁ ବେକରେ ରଶି ଦେଇ ଜୀବନ ହାରିଲେ ସ୍ୱାମୀ। କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ପଡ଼ିଆରିପଲ୍ଲୀ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର କୈଳାଶ ରାଉତ(୪୦)। ସୋସୋ ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ସୋମବାର ସାବିତ୍ରୀ ଓଷା ଥିବା ବେଳେ କୈଳାଶ ମଦ୍ୟପାନ କରି ନିଜ ସ୍ତ୍ରୀ ଓ ଝିଅକୁ ପିଟାପିଟି କରିଥିଲେ। କୈଳାଶଙ୍କ ଏଭଳି ଆଚରଣକୁ ନେଇ ତାଙ୍କ ସ୍ତ୍ରୀ ରାଗି ଯାଇଥିଲେ ଏବଂ ସାବିତ୍ରୀ ଓଷା କରିବେ ନାହିଁ ବୋଲି ମନା କରିଦେଇଥିଲେ। ସ୍ତ୍ରୀଙ୍କ ଏଭଳି କଥାକୁ ଶୁଣି ଓଷା ନକଲେ ଆତ୍ମହତ୍ୟା କରିବି ବୋଲି କୈଳାଶ କହିଥିଲେ। ତେଣୁ ସ୍ତ୍ରୀ ସାବିତ୍ରୀ ବ୍ରତ କରି ଝିଅ ସହ ମନ୍ଦିରକୁ ଯାଇଥିବା ବେଳେ କୈଳାଶ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

## ସୀମା ବିବାଦ ଥିବା ଅଞ୍ଚଳ ଗସ୍ତ କରିବ ବିଧାନସଭା ଗୃହ କମିଟି

ଭୁବନେଶ୍ୱର,୨୭।୫(ସମିସ): ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସୀମା ବିବାଦ ସମ୍ପର୍କିତ ଗୃହ କମିଟିର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଯେଉଁ ଯେଉଁ ଅଞ୍ଚଳରେ ସୀମା ବିବାଦ ରହିଛି, ଉକ୍ତ ଅଞ୍ଚଳକୁ କମିଟି ଗସ୍ତ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଆଗାମୀ ଦିନରେ କମିଟିର ସଦସ୍ୟ କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱର ଜିଲ୍ଲାର ସୀମା ବିବାଦ ଥିବା ଅଞ୍ଚଳକୁ ଗସ୍ତ କରିବେ।

ବୈଠକରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବିଜେଡି ଓ ବିଜେପି ସଦସ୍ୟମାନେ ଉପସ୍ଥିତ ଥିଲେ। ଏନେଇ କମିଟିର ସଦସ୍ୟ ତଥା ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ସହ ଆନ୍ଧ୍ର, ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। କୋଟିଆ ଅଞ୍ଚଳ ନେଇ ଆନ୍ଧ୍ର ସହ ସ୍ୱାଧୀନତା ପରଠୁ ବିବାଦ ଲାଗି ରହିଥିବା ବେଳେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଅଛି। ଉକ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ ଭାଷା ପ୍ରତି ଲୋକଙ୍କ ଆଗ୍ରହ ଆସିବା, ସରକାରୀ ସହାୟତା ଆଦି ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଏବଂ ସାହାବାଜିପୁର ଓ ଭୋଗରାଇ ଅଞ୍ଚଳର ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଛି । ପଶ୍ଚିମବଙ୍ଗର ପ୍ରଶାସନ ସେଠାରେ ଖୁଣ୍ଟ ପୋତିଥିବା ବେଳେ ସ୍ଥାନୀୟ ଲୋକେ ଖୁଣ୍ଟ ସବୁ ଓପାଡ଼ି ଦେଇଛନ୍ତି। ତାହାର ମଧ୍ୟ ସ୍ଥାୟୀ ସମସ୍ୟା ଆବଶ୍ୟକ ଅଛି ବୋଲି ଶ୍ରୀ ପାତ୍ର ମତବ୍ୟକ୍ତ କରିଛନ୍ତି। ଅତଏବ ଉକ୍ତ ଅଞ୍ଚଳଗୁଡ଼ିକୁ କମିଟି ଗସ୍ତ କରିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି।

## ଅବଶିଷ୍ଟାଂଶ

### ଜଷ୍ଟିସ ପାଠକ...

ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିବେକ କୁମାର ସିଂଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ, ଆନ୍ଧ୍ରପ୍ରଦେଶ ପିଏଚସିରୁ ଜଷ୍ଟିସ୍ ବଟୁ ଦେବାନନ୍ଦଙ୍କୁ ମାଡ୍ରାସ ହାଇକୋର୍ଟ, ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଓମପ୍ରକାଶ ଶୁକ୍ଲାଙ୍କୁ ଦିଲ୍ଲୀ ହାଇକୋର୍ଟ ଏବଂ ଝାଡଖଣ୍ଡ ପିଏଚସି ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ ବଦଳି କରିବାକୁ ସୁପାରିସ୍ କରାଯାଇଛି। ସୂଚନାଯୋଗ୍ୟ, ୨୮ ଅଗଷ୍ଟ, ୧୯୬୫ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍ ପାଠକ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ଅଧୀନ ବେଙ୍ଗାଲୁରୁର ସେଣ୍ଟ ଯୋଶେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲ.ଏଲ.ବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହାରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବରେ ପଞ୍ଜିକୃତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ମୁଖ୍ୟତଃ ଦେୱାନୀ, ସାମ୍ବିଧାନିକ, ଭୂମି ଅଧିଗ୍ରହଣ ଏବଂ ସେବା ମାମଲାରେ ଅଭ୍ୟାସ କରୁଥିଲେ। ସେ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ଥିଲେ। ୨୨ ମେ' ୨୦୧୩ରେ ତାଙ୍କୁ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ତେବେ ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି।

### ବିକାଶରେ ପକ୍ଷପାତ...

୩, ଢେଙ୍କାନାଳର ୪ ବିଧାନସଭା କ୍ଷେତ୍ରକୁ ଅନୁଦାନ ରାଶି ପ୍ରଦାନ କରାଯାଇଛି । ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ ଯୋଡ଼ିଏ ବିଧାନସଭା କ୍ଷେତ୍ର ନିମନ୍ତେ କିଛି କିଛି ଅର୍ଥ ମଞ୍ଜୁର ହୋଇଛି। ନୟାଗଡ ଜିଲ୍ଲାରେ ୪ଟି ନିର୍ବାଚନ ମଣ୍ଡଳୀ ରହିଛି । ସେଥିମଧ୍ୟରୁ ରଣପୁର ଓ ଖଣ୍ଡପଡା ଆସନରେ ବିଜେପି ବିଧାୟକ ରହିଥିବା ବେଳେ ଦଶପଲ୍ଲା ଓ ନୟାଗଡ ଆସନରେ ବିଜେଡି ବିଧାୟକ ରହିଛନ୍ତି । ମାତ୍ର ବିଜେପି ବିଧାୟକ ରହିଥିବା ଦୁଇ ନିର୍ବାଚନ ମଣ୍ଡଳୀ ରଣପୁର ଓ ଖଣ୍ଡପଡାକୁ ଦୁଇ କୋଟି ଲେଖାଏଁ ଅନୁଦାନ ମିଳିଥିବା ବେଳେ ନୟାଗଡ ଓ ଦଶପଲ୍ଲା ବିଧାନସଭା କ୍ଷେତ୍ରକୁ ଏହି ସହାୟତାରୁ ବଞ୍ଚିତ କରାଯାଇଛି । ଯାହାକୁ ନେଇ ଜିଲ୍ଲା ରାଜନୀତିରେ ଏବେ ତୁମ୍ବି ତୋଫାନ ଆରମ୍ଭ ହୋଇଛି । ସେହିପରି ଏହି ପ୍ରସଙ୍ଗକୁ ନେଇ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସରକାରଙ୍କ ବିରୋଧରେ ସ୍ୱର ତୀବ୍ର ହୋଇଛି । ବିନା ଭୟ ଓ ପକ୍ଷପାତରେ କାର୍ଯ୍ୟ କରିବାକୁ ଈଶ୍ୱରଙ୍କ ନାମରେ ଶପଥ ନେଇଥିବା ସରକାର କିପରି ବିକାଶମୂଳକ କାର୍ଯ୍ୟ ନିମନ୍ତେ ଅନୁଦାନ ସମୟରେ ପକ୍ଷପାତ କରୁଛନ୍ତି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

### କେନ୍ଦ୍ର, ରାଜ୍ୟଙ୍କୁ...

ଚାଲେଞ୍ଜ କରୁଛନ୍ତି। ସେ ଆହୁରି ମନେ ପକାଇଦେଇଥିଲେ ଯେ ସୁପ୍ରିମ କୋର୍ଟ ଏବେ ୧୯୯୧ର ଧର୍ମପୀଠ ଆଇନ ଏବଂ ୧୯୯୨ର ଜାତୀୟ ସଂଖ୍ୟାଲଘୁ କମିସନ ଆଇନ ବିରୋଧରେ ଆଗତ ପିଟିସନର ଶୁଣାଣି କରୁଛନ୍ତି। ଏହାପୂର୍ବରୁ ମଧ୍ୟ ୱାକଫ୍ ଆଇନ ୧୯୯୫କୁ ଚାଲେଞ୍ଜ କରି ଅନେକ ପିଟିସନ ଦାଖଲ ହୋଇଥିଲା।

### ସାନ ସଢୁଙ୍କୁ...

ସାନସଢୁ ନିତ୍ୟାନନ୍ଦ ରନବେଡା ଯୋଗ ଦେଇଥିଲେ। ତେବେ ବଡ଼ ସଢୁର ମୃତ୍ୟୁ ପରେ ପତ୍ନୀଙ୍କୁ ତା'ର ପ୍ରେମିକ ସ୍ତ୍ରୀ ଭାବେ ରଖିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ସାନସଢୁ ନିତ୍ୟାନନ୍ଦଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ରାଜି ହୋଇନଥିଲେ। ଏଥିରେ ପ୍ରେମିକ ପ୍ରତିଶୋଧପରାୟଣ ହୋଇପଡ଼ିଥିଲା। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟା ବେଳେ ନିତ୍ୟାନନ୍ଦ ପରିବାର ସହ ଏକ ଅଟୋରେ ଷ୍ଟେସନ୍ ଅଭିମୁଖେ ବାହାରିଥିଲେ। ବଲଣ୍ଡା ବାଗଡ଼େଗା ଘାଟିଠାରେ ପ୍ରେମିକ ଓ ତା'ର ଦୁଇ ସହଯୋଗୀ ଏକ ବାଇକ୍‌ରେ ଆସି ନିତ୍ୟାନନ୍ଦଙ୍କୁ ତୀରମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ତାଙ୍କ ଅଣ୍ଟା ଉପରେ ତୀର ପଶି ଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୁଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।

### ମାଓନେତା ବିଜୟ...

ତାଙ୍କ ବିରୋଧରେ ୭ରୁ ଅଧିକ ମାମଲା ରହିଛି। କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ, ରାଇକିଆ, ଗୋଛାପଡା, କୋଠଗଡ଼ ଏବଂ ଛତିଶଗଡ଼ର ଗରିଆବନ୍ଧ ଅଞ୍ଚଳରେ ସୁରକ୍ଷାବାହିନୀଙ୍କ ସହ ଗୁଳି ବିନିମୟ ଘଟଣାରେ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା। ବିଜୟ ୨୦୦୯ ମସିହାରେ ସିପିଆଇ (ମାଓବାଦୀ)ରେ ଯୋଗ ଦେଇଥିଲେ।

ପ୍ରାରମ୍ଭିକ ତାଲିମ ଗ୍ରହଣ କରିବା ପରେ ସେ ମୋଡେମ ବାଲକ୍ରିଷ୍ଣା ଓରଫ୍ ମନୋଜଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୪ରେ ପାର୍ଟି ମେମ୍ବରରୁ ଏସିଏମ ରାଙ୍କକୁ ପଦୋନ୍ନତି ପାଇ ବାଘୁନା ଡିଭିଜନ୍ ପାଇଁ କାର୍ଯ୍ୟ କରୁଥିଲେ। ପରେ ସେ ୨୦୨୪ରେ ଓଡ଼ିଶାକୁ ଆସି ବାଘୁନା ଡିଭିଜନର ଘୁମସର ଏରିଆ କମିଟି ପାଇଁ ନେତୃତ୍ୱ ନେଉଥିଲେ। ଦଳର ବରିଷ୍ଠ କ୍ୟାଡର୍‌ମାନଙ୍କ ପାଖରୁ ନିଜ କ୍ୟାଡର୍‌ମାନଙ୍କ ଉପରେ ହେଉଥିବା ମାନସିକ ନିର୍ଯାତନା, ଖାଦ୍ୟ ପାନୀୟର ଅଭାବ, ସୁରକ୍ଷା କର୍ମୀଙ୍କ ଦ୍ୱାରା ନିୟମିତ ଅପେରସନ୍, ମାଓବାଦୀ ଶିବିରରେ ଭେଦଭାବ, ଭାଷାଗତ ସମସ୍ୟା ଆଦି ବିଭିନ୍ନ ଅସୁବିଧା ନିମନ୍ତେ ସେ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ।

ଉଲ୍ଲେଖଯୋଗ୍ୟ, ୨୦୦୭ରୁ ୨୦୨୪ ପର୍ଯ୍ୟନ୍ତ ୧୮ ବର୍ଷ ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ପୁଲିସ୍ ନିକଟରେ ୨୯ ଜଣ ମାଓବାଦୀ ସମର୍ପଣ କରିଥିବା ବେଳେ ଓଡ଼ିଶା ପୁଲିସ ନିକଟରେ ୬୪୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। କେବଳ ୨୦୨୪ ବର୍ଷରେ ୨୩ ଜଣ ମାଓବାଦୀ ଓଡ଼ିଶା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ନେଇ ଏସ୍‌ପି କହିଛନ୍ତି। ଆଗାମୀ ଦିନରେ ମାଓବାଦୀ ସଂଗଠନରେ ସାମିଲ ଥିବା ତାଙ୍କ ପତ୍ନୀ ଓ ଅନ୍ୟ ସହଯୋଗୀମାନେ ମଧ୍ୟ ପୁଲିସ ନିକଟରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ଅଜୟ ପ୍ରକାଶ କରିଛି।

## ୧୮ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୨୭।୫ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲା ଏସ୍‌ପିଙ୍କ ନିକଟରେ ଆଜି ୧୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଚାରିଜଣ ହାର୍ଡକୋର୍ ମାଓ କମାଣ୍ଡର୍ ରହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନାମରେ ପୂର୍ବରୁ ଛତିଶଗଡ଼ ସରକାର ୩୯ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏମାନେ ସମସ୍ତେ ଦୀର୍ଘଦିନ ଧରି ମାଓନେତା ହିଡ଼ମାର ନେତୃତରେ ସୁକୁମା ସହ ବିଜାପୁର ଓ ଦନ୍ତେୱାଡା ଜିଲ୍ଲାରେ ଅନେକ ହିଂସାକାଣ୍ଡ ଘଟାଇଛନ୍ତି। ତେବେ ବର୍ତ୍ତମାନ ସରକାରଙ୍କ ନୀତି କଠୋର୍ ହେବା ଦେଖି ନିଜ ଜୀବନ ବଞ୍ଚାଇବା ଲାଗି ଆତ୍ମସମର୍ପଣ କରିଥିବା ପୁଲିସ ନିକଟରେ କହିଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପୁନର୍ବାସ ନୀତି ଓ ନିୟମ ନେଲ୍ଲା ଯୋଜନା ଅନୁଯାୟୀ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ସୁକୁମା ଏସପି କିରଣ ଚୌହାନ।

## ଝିଅକୁ ଦୁଷ୍କର୍ମ ଉଦ୍ୟମ; ବାପାକୁ ତୀରମାଡ଼



ମହୁଲଡିହା, ୨୭।୫ (ସମିସ): ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ବେଳେ ପ୍ରତିବାଦ କରିବାରୁ ବାପାକୁ ତୀରମାଡ଼। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ତୀରଟି ନାବାଳିକା ବାପାଙ୍କ ହାତରେ ପଶି ଯାଇଛି। ସ୍ଥାନୀୟ ଲୋକ ତାଙ୍କୁ ଚିକିତ୍ସା ଲାଗି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସେଠାରେ ଡାକ୍ତର ତୀରକୁ ସଫଳତାର ସହ ହାତରୁ ବାହାର କରିଥିବା ଜଣାଯାଇଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଛାନ୍‌ଭିନ୍ ଆରମ୍ଭ କରିଛି। ଅପରପକ୍ଷେ, ଗିରଫଦାରୀ ଭୟରେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ସୂଚନାନୁଯାୟୀ, ସୋମବାର ସଂଧ୍ୟାରେ ଅଭିଯୁକ୍ତଜଣଙ୍କ ନାବାଳିକାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବା ବେଳେ ନାବାଳିକାର ବାପା-ମା' ଦେଖିଦେବା ସହ ଅଭିଯୁକ୍ତକୁ ମାଡ଼ ମାରିଥିଲେ। ତେବେ ଏଥିରେ ଅଭିଯୁକ୍ତଜଣଙ୍କ ପ୍ରତିଶୋଧପରାୟଣ ହୋଇ ଉଠିଥିଲା। ସନ୍ଧ୍ୟାରେ ଘର ନିକଟରେ ନାବାଳିକାର ବାପା ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ତାଙ୍କୁ ଗୋଟିଏ ତୀର ମାରିଥିଲା। ତୀରଟି ନାବାଳିକାଙ୍କ ବାପାଙ୍କ ବାହୁରେ ପଶି ଯାଇଥିଲା।

## ଜୀବନ ନେଲା ଅନଲାଇନ ଗେମ୍

**୯୬ ହଜାର ହରାଇ ବିଷ ପିଇଲେ ଡିପ୍ଲୋମା ଛାତ୍ର**



ଗରଦପୁର, ୨୭।୫ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ବଙ୍ଗାରୀ ଅଞ୍ଚଳରେ ଅନଲାଇନ୍ ଗେମ୍ ନେଇଛି ପୁଣି ଜଣେ ଛାତ୍ରଙ୍କ ଜୀବନ। ମୃତକ ହେଲେ, ବଙ୍ଗାରୀ ଅଞ୍ଚଳର ଉମାକାନ୍ତ ଜେନାଙ୍କ ପୁଅ ସାହିଲ ଜେନା (୧୯)। ସାହିଲ ଭୁବନେଶ୍ୱର ଚନ୍ଦକା ଅଞ୍ଚଳରେ ରହି ଡିପ୍ଲୋମା କରୁଥିଲେ। ଖରା ଛୁଟିରେ ସେ ଘରକୁ ଆସିଥିଲେ। ମଙ୍ଗଳବାର ଅନଲାଇନ୍ ଗେମ୍ ଖେଳୁଥିବା ବେଳେ ସେ ୯୬ହଜାର ଟଙ୍କା ହାରିଯାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷ ପିଇ ଦେଇଥିଲେ। ତେବେ ଭୀଷଣ ଯନ୍ତ୍ରଣା ହେବାରୁ କିଛି ସମୟ ପରେ ଏ ସଂପର୍କରେ ନିଜ ମାମୁଁ ଉମାକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ। ଖବର ପାଇ ପରିବାରଲୋକ ତୁରନ୍ତ ସାହିଲଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। କିନ୍ତୁ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କେସିଙ୍ଗା,୨୭।୫ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ସୀମାନ୍ତ ବଲାଙ୍ଗୀର ଜିଲ୍ଲା ଲୁଥୁରବନ୍ଧ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମହିଳା ଜଣକ ହେଲେ ଗାଁର ଗୌର ମିଶ୍ରଙ୍କ ପତ୍ନୀ ରେବତୀ ମିଶ୍ର (୬୮)। ମଙ୍ଗଳବାର ଭୋରରେ ଘରଲୋକ ତାଙ୍କୁ କେସିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।


**ODISHA HYDRO POWER CORPORATION LTD.** CAD-553

OHPC

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE - 06854-242001, FAX - 06854242038,
E-mail: sgmel.ukhep@gmail.com
CIN:U40101OR1995SGC003963

**E-Tender NOTICE No. - 03/2025-26, Dated 23.05.2025**

The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹) | E.M.D. (in ₹) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Construction of Road Side Earthen Drain Connecting from Daudapadar Chowk to Valve House & Surge Tank, UKHEP, Bariniput | 5,83,168/- | 5,850/- | 4720/- (Rs.4000+18 % GST) | "C or D" Class | From 10:00 AM of Dt. 02.06.2025 to 12:00 Hrs of Dt.11.06.2025 | At 11:30 Hrs. of Dt.12.06.2025 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

OIPR-04002/11/0087/2526

Unit Head
UKHEP, Bariniput



**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact
**GADHWAL GROUP**
**M.: 9437015112**

**NOTICE**

By virtue of an affidavit sworn before the Notary Public, Cuttack, dated 27.05.2025 I, Subhasish Satapathy, S/o – Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.- Sector-7, Dist- Sundargarh, Odisha, Pin- 769003 have changed my name from Subashish Satpathy & Subhasish Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.

Sd/- Subhasish Satapathy

**AFFIDAVIT**

I, Reshma Bibi, W/o- Sk Mojifur Rahman of Vill-Kotal Mohalla, P.o-Gujidarda, P.s-Bhadrak(R), Dist-Bhadrak, Pin-756128, Declare by this Affidavit No-4932, 15-05-2025, that now onwards. My Son Name & Address wrongly mentioned as Aadhaar Card No-9781 8423 2518 Mansur Mojiburrehman Shaiikh, I shall be known as SK MANSUR of Vill-Kotal Mohalla, P.o-Gujidarda, P.s-Bhadrak(R), Dist- Bhadrak, Pin-756128 for all future purposes.

**AFFIDAVIT**

I, Sangram Keshari Sahoo, aged about 56 years, S/o- Nirmal Chandra Sahoo, resident of Nilakanthapur, Sandhapalli, Kendrapara, Pin-754215, Odisha declared by this affidavit No. 1068, dtd-24/05/2025 that now onwards I shall be known as **SANGRAM SAHOO** for all future purposes.

**AFFIDAVIT**

I Smt Snehalata Biswal, W/o-RABINDRA BISWAL of Vill-PANPUR Po- Balimed, Ps-Naikanidihi, Dist-Bhadrak. My actual name is SNEHALATA BISWAL as per my Aadhar Card . But in my L.I.C. Policy No.587361624 my name wrongly mentioned as " RANJITA ROUT" instead of " SNEHALATA BISWAL", W/O- RABI ROUT is same & one person.

**AFFIDAVIT**

By virtue of an affidavit sworn before The Notary Public, Borigumma on dated-03/05/2025. I, **Smt. Pulamani Ganda,** W/o Sri Bhuban Ganda, resident of Village-Phupugam, PO- Pujariput, PS-Borigumma, Dist- Koraput, Odisha declare that I have changed my name from **Dinamani Gonda To Pulamani Ganda** in my Bank Pass Book (Bank of Baroda). Henceforth, I shall be known as **Pulamani Ganda** for all future purposes.

**(Pulamani Ganda)**

**AFFIDAVIT**

By virtue of an affidavit before The Notary Public, Titilagarh, on dated-27/05/2025. I, **Gopal Dora** (Applicant name), Son of Chudamani Dora , permanent resident of At- Gunchitara, P.O- Tentulikhunti, P.S- Titilagarh, Dist- Bolangir, (Odisha), PIN- 767037 now residing at the same place affirm that I have changed my minor Son name from **Bibnishan Dora To Bibhisen Dora.** Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Bibhisen Dora.**

**(Gopal Dora)**

**AFFIDAVIT**

By virtue of an affidavit before The Executive Magistrate, Hindol on dated-20/05/2025. I, **Subasachandra Pradhan,** aged 35 years, S/o- Harihar Pradhan, resident of Vill/Po- Karanda, Ps- Rasol, Dist- Dhenkanal, Odisha, PIN- 759020 declared that my real name is **Subasachandra Pradhan** which is mentioned in my Aadhaar Card bearing No- 4734 4507 3938 and Voter Id No-YQH0319145, but in my LIC Policy at Dhenkanal Branch bearing Policy No-58744407 in where my name is wrongly mentioned as **Kalia Pradhan** instead of **Subasachandra Pradhan.** Henceforth, both are name one and same person.

**(Subasachandra Pradhan)**

**ଘୋଷଣା**

ମୁଁ ରେଡ୍ଡୀ ସତ୍ୟସାଇ ରାମକୃଷ୍ଣ ପି. ରେଡ୍ଡୀ ଆଦି ନାରାୟଣ ନିଃ; ଭୁମେରବାହାଳ ପୋ- ମାଣ୍ଡୋସିଲ, ଥା/ତ-ପାଇକମାଲ, ଜି- ବରଗଡ଼। ଏତଦ୍‌ଦ୍ୱାରା ଘୋଷଣା କରୁଅଛି ଯେ, ମୁଁ ଭୁମେରବାହାଳ ମୌଜାର ଏ୪.୭୨ଡି ଜମି ଖାତା ନ୬୩/୩୨ନର ରେକର୍ଡ଼ ଥିବା ରେକର୍ଡ଼ଦାର ପ୍ରଜା ମଲ୍ଲାପୁଡ଼ି ରମାଦେବୀ, ସ୍ୱାମୀ- ମଲ୍ଲାପୁଡ଼ି ବାପିରାଜୁଙ୍କ ଠାରୁ କିଣି ଅଛି। ଏହି ଜମି କିଣିବା ସମୟରେ ଉକ୍ତ ମଲ୍ଲାପୁଡ଼ି ରମାଦେବୀ ଏହି ଜମିର ପୂର୍ବ ସମ୍ପର୍କିତ ରେଜିଷ୍ଟ୍ରି ଦଲିଲ (ବିକ୍ରି ନାମା) ୧୯୮୧/୧୯.୧୨.୧୯୮୮ ଏବଂ ପଟା ଖାତା ନ୬୩/୩୨ନର ମୌଜା ଭୁମେରବାହାଲ ମୋତେ ଦେଇଥିଲେ। ଉପରୋକ୍ତ ରେଜିଷ୍ଟ୍ରି ଦଲିଲ ଏବଂ ପଟା ହଜିଯାଇଛି। ଏହି ସମ୍ପତ୍ତି କୌଣସି ବ୍ୟାଙ୍କ୍ କିମ୍ବା ଆର୍ଥିକ ଅନୁଷ୍ଠାନକୁ ବନ୍ଧକ ସୂତ୍ରେ ଦିଆଯାଇନାହିଁ। ମୋ ମାଲିକାନାରେ ଥିବା ଏହି ସମ୍ପତ୍ତିକୁ ଆମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଜାମସେଠ ଶାଖାରେ ବନ୍ଧକ ଦେଇ ଋଣ ନେବାକୁ ଆବେଦନ କରିଅଛୁ। ଏଥିରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଏହି ବିଜ୍ଞାପନ ପ୍ରକାଶନର ୭ଦିନ ମଧ୍ୟରେ ଉକ୍ତ ବ୍ୟାଙ୍କ୍‌କୁ ଜଣାଇବାକୁ ଅନୁରୋଧ। ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

# ଏନ୍‌କେଟି ରୋଡ୍‌ରୁ ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ୍ ଆଜି

ଜୟପୁର,୨୭।୫ (ସମିସ) : ଜୟପୁର ସହର ଭିତରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା (ଏନକେଟି ରୋଡ) ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ପୂର୍ବାହ୍ନ ଏବଂ ସଂଧାରେ ଏହିରାସ୍ତା ଏକ ପ୍ରକାର ଜାମ୍ ହେବା ନିତିଦିନିଆ ଘଟଣା ପାଲଟିଛି। ତେଣୁ ମୁଖ୍ୟରାସ୍ତା ଠାରୁ ପୁରଣାଗାଡ ବାଇପାସ ଛକ ପର୍ଯ୍ୟନ୍ତ ଆଜି ପ୍ରଶାସନ ଏବଂ ପୌରସଂସ୍ଥା ପକ୍ଷରୁ ମିଳିତ ଭାବେ ମାପଚୁପ କରାଯାଇ ଜବରଦଖଲକାରୀମାନଙ୍କୁ ନିଜ ପକ୍ଷରୁ ସରକାରୀ ଜମି ଛାଡିବାକୁ ନିର୍ଦ୍ଦେଶ ଦିଆଯିବ। ଅନ୍ୟଥା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତାକୁ ଓସାର ଏବଂ ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କରାଯିବା ନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିନେଇ ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ତହସିଲ ବିଭାଗ ଓ ପୌରସଂସ୍ଥା ପକ୍ଷରୁ ମାପଚୁପ କରାଯିବା ନେଇ ନିର୍ଦ୍ଧାରିତ ହୋଇଛି। ଏହିପରି ନିର୍ଦ୍ଧାରିତ ମାପଚୁପ କରାଯିବ ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଶେଷ ହୋଇଥିବା ଡ୍ରେନ ଓ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଜୟପୁର ସହରର ମୁଖ୍ୟରାସ୍ତାର ରାଜାନହଲ ଛକ ଠାରୁ ୱେଲକମ ଛକ ପର୍ଯ୍ୟନ୍ତ ୪, ୩ ଚକିଆ ଯାନର ରାସ୍ତା ପାଶ୍ୱର୍ରେ ବେଆଇନ ପାର୍କିଂ ଏବଂ ଏନ୍‌କେଟି ରୋଡକୁ ସଂଯୋଗ କରୁଥିବା କିଛି ଖାଦ୍ୟ ସାମଗ୍ରୀ ଓ ଫାଷ୍ଟଫୁଡ ବିକ୍ରି କରୁଥିବା ଦୋକାନ ସମ୍ମୁଖରେ ଗ୍ରାହକ ମାନଙ୍କ ବାଇକ୍ ଗୁଡିକର ଅବୈଧ ପାର୍କିଂ ଯୋଗୁଁ ପ୍ରତ୍ୟେକ ଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲେ ସୁଦ୍ଧା ପ୍ରଶାସନ, ପୁଲିସ ଏବଂ ପୌରସଂସ୍ଥା ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ତେଣୁ ତୁରନ୍ତ ପଦକ୍ଷପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବୃଦ୍ଧାବୃଦ୍ଧଙ୍କୁ ପ୍ରଶାସନର ଅଣଦେଖା

# ପରିଣତ ବୟସରେ ମଧ୍ୟ ମିଳୁନି ଭତ୍ତା



ମାଲକାନଗିରି,୨୭।୫ (ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ବୃଦ୍ଧବୃଦ୍ଧା ମାନେ ଭତ୍ତାରୁ ବଞ୍ଚିତ ହେବେ ନାହିଁ, ସମସ୍ତଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସରକାରକୁ କ୍ଷମତାକୁ ଆସିଥିବା ବେଳେ ବର୍ତ୍ତମାନ କିନ୍ତୁ ଅନେକ ବୃଦ୍ଧ ବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ଦୂରର କଥା ସଠିକ୍ ଭାବେ ଭତ୍ତା ମିଳୁ ନଥିବା ଅଭିଯୋଗ ହୋଇଛି। ଫଳରେ ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ବୟସର ଅପରାହ୍ନରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ଅନେକ ଯୋଗ୍ୟ ବ୍ୟକ୍ତି ମାନେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ। ଖଇରପୁଟ ଅଞ୍ଚଳର ଅନେକ ବୃଦ୍ଧା ବୃଦ୍ଧଙ୍କର ବୟସ ୭୦/୮୦ରୁ ଅଧିକ ହୋଇଯାଇଥିଲେ ମଧ୍ୟ ଆଜି ଯାଏଁ ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ସେହିପରି ବିଧବା ଭତ୍ତା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଉପୁଜିଥିବା ବେଳେ ବିଧବା ଭତ୍ତାରୁ ବଞ୍ଚିତ ରହୁଛନ୍ତି ଏହି ଅଞ୍ଚଳର ଅନେକ ବିଧବା ମହିଳା ବୋଲି ଅଭିଯୋଗ କରିଛନ୍ତି। ଖଇରପୁଟ ବ୍ଲକର ଅଧିକାଂଶ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ରାସ୍ତା ଘାଟର ଅଭାବ ରହିଛି। ସେହି ଅଞ୍ଚଳର ବୃଦ୍ଧା ବୃଦ୍ଧ ଓ ବିଧବା ମାନେ କେତେ କଷ୍ଟରେ ବ୍ଲକ କାର୍ଯ୍ୟାଳକୁ ଆସୁଛନ୍ତି। କିନ୍ତୁ ପ୍ରଶାସନର ଦୃଷ୍ଟି ପଡୁନି ବୋଲି ଏହି ବୃଦ୍ଧ ବୃଦ୍ଧା ମାନେ ପ୍ରକାଶ କରିଛନ୍ତି। ଭତ୍ତା ପାଇବା ଆଶାରେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡିବା ସତ୍ତ୍ୱେ ସୁଫଳ ମିଳୁନ ବୋଲି କୋହ ଭରା କଣ୍ଠରେ କହୁଛନ୍ତି। ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅନେକ ଥର ଲିଖିତ ଆକାରରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ସରକାରଙ୍କ ସହାୟତା ମିଳିଲେ ଶାନ୍ତିରେ ଶେଷ ଜୀବନ କଟିବ ବୋଲି ଏମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନର ସରକାର ଲୋକଙ୍କ ସରକାର କହି ୮୦ ବର୍ଷ ପାର ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ଟଙ୍କା ଭତ୍ତା ପାଇଁ ଗୋଟିଏ ପଟେ ଡିଣ୍ଡିମ ପିଟା ହେଉଥିବା ବେଳେ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ନିରାହ ଗରିବ ଲୋକେ।

# କେନ୍ଦ୍ରୀୟ ରିଜର୍ଭ ପୁଲିସରେ ଅନ୍ତର୍ଜାତୀୟ ଯୋଗ ଦିବସ




ନବରଙ୍ଗପୁର,୨୭।୫(ସମିସ): କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ୧୨ ବାଟାଲିୟନ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ କମାଣ୍ଡାଣ୍ଟ ଅଧିକାରୀ ତଥା କାର୍ଯ୍ୟକାରୀ କମାଣ୍ଡାଣ୍ଟ କୃଷ୍ଣ କୁମାର ସିଂହଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ରାଜୀବ କୁମାର, ଡେପୁଟି କମାଣ୍ଡାଣ୍ଟ ୧୨ ବାଟାଲିୟନ, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ଡକ୍ଟର ମାଧବନ କୁମାର, ସହାୟକ କମାଣ୍ଡାଣ୍ଟ (ଚିକିତ୍ସା), ସବ ଅର୍ଡିନେଟ୍ ଅଧିକାରୀ ଯବାନ, ଓଡ଼ିଶା ପୁଲିସ କର୍ମଚାରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ମହିଳା ଅଂଶଗ୍ରହଣ କରିଥିଲେ। କୃଷ୍ଣ କୁମାର ସିଂହ, ଦ୍ୱିତୀୟ କମାଣ୍ଡିଂ ଅଫିସର, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷର ଯୋଗର ବିଷୟ ବସ୍ତୁ ହେଉଛି ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ ରଖାଯାଇଛି। 'ନିଜ ଏବଂ ସମାଜ ପାଇଁ ଯୋଗ' ବିଷୟ ବସ୍ତୁ ଅଧୀନରେ ମେ ୨୭ ଠାରୁ ଜୁନ ୨୧ ତାରିଖ ସୁଦ୍ଧା ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଯୋଗର ପ୍ରଚାର ଏବଂ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟ ଆୟୋଜନ କରାଯିବ। ସ୍ଥାନୀୟ ନାଗରିକମାନଙ୍କୁ ଯୋଗ ବିଷୟରେ ସଚେତନ କରାଯିବ। ଯୋଗ ମାଧ୍ୟମରେ ଶରୀରକୁ ମିଳୁଥିବା ଲାଭ ବିଷୟରେ ଜଣାଯିବ। କାର୍ଯ୍ୟକ୍ରମର ସଫଳ ଶୁଭାରମ୍ଭ ପରେ ମୁଖ୍ୟ ଅତିଥି କୃଷ୍ଣ କୁମାର ସିଂ ଯୋଗ ହେଉଛି ଭାରତର ପ୍ରାଚୀନ ସଂସ୍କୃତି ଏବଂ ଐତିହ୍ୟର ଏକ ଅଂଶ ବୋଲି କହିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର, ୨୭।୫ (ସମିସ):

ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ବି ଡି ଓ ଲକ୍ଷ୍ମୀ ସାଗର ମାଝୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।"ଏହି ଜନ ଶୁଣାଣି ଶିବିରରେ ମୋଟ ୪୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଶିବିରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗ ମାନଙ୍କୁ ୧୮ ଗୋଟି ହୁଇଲ୍ ଚେୟାର ଏବଂ ୩୦ ଗୋଟି ଶ୍ରବଣ ଯନ୍ତ୍ର ପ୍ରଦାନ କରଯାଇଥିଲା।

## ଆଞ୍ଚଳିକ ମହିଳା ଫାର୍ମସ୍ ପ୍ରଡ୍ୟୁସର କମ୍ପାନୀ

# ଅଦା ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟିତ

ସେମିଳିଗୁଡା, ୨୭।୫ (ସମିସ): କୋରାପୁଟ ସେମିଳିଗୁଡା ସହରର ଥିବା କୃଷି ବଜାର ଠାରେ ଉଦ୍ୟାନ ବିଭାଗ,ମିଶନଶକ୍ତି ଏଫ୍‌ଇଏସ୍, ଆଞ୍ଚଳିକ ମହିଳା ଫାର୍ମର ପ୍ରଡ୍ୟୁସର କମ୍ପାନୀ ଏବଂ ପ୍ରଦାନ ଅନୁଷ୍ଠାନ ମିଳିତ ସହଯୋଗରେ ଏକ ଅଦା ଓ ହଳଦୀ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍ଘାଘାଟନ ହୋଇଥିଲା । ଏହି ୟୁନିଟ୍‌କୁ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କଡାମ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷ ଲିଲି ଅଣ୍ଟବିରିଆ, କୋରାପୁଟ ସିଡିଏ ବେଣୁଧର ଶବର , ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ , ତହସିଲଦାର ଦେବବ୍ରତ କରଟେ ଡିପିଏମ୍ କୋରାପୁଟ, ବିପିଏମ୍ , ବିପିସି ସେମିଳିଗୁଡା, ରାଜୁପୁଟ ସରପଞ୍ଚ ପିତାମ୍ବର କର୍ସାନୀ, କୋରାପୁଟ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରୀଟି ଅନୁଷ୍ଠାନର ବ୍ଲକ ସଂଯୋଜକ ଦିଲୀପ କୁମାର ଚମ୍ପି,ଦିଲୀପ ଖସଲା ଆଞ୍ଚଳିକ କମ୍ପାନିର ଏମ୍‌ଡ଼ି ଲାକି ଜାନୀ, ଜୟନ୍ତୀ ଦଳ, ଚନ୍ଦ୍ରିକାମାଳି, ଲିଲି ଚୌଧୁରୀ, କମ୍ପାନିର ସିଇଓ ବସନ୍ତ ଅଥର ନାୟକ, ବାସୁଦେବଜାନୀ, ପ୍ରଦାନ ଅନୁଷ୍ଠାନରୁ ରଶ୍ମି ରଞ୍ଜନସାହୁ, ଶଙ୍କର ନାୟକ ଅଶୋକ ନାୟକ,ହାରିବାଲା ତଳିଆ,ମମତା ଖିଲ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ଚାଷ ହେଉଥିବା ଅଦା, ହଳଦୀ ଗୁଡିକ କିପରି ଅଧିରୁ ଅଧିକ ଏହି ୟୁନିଟରେ ପ୍ରକ୍ରିୟା କରଣ ହୋଇ ପାରିବ ଓ ଅଦା, ହଳଦୀ ସୁଲଭ ମୂଲ୍ୟରେ ବାହାରକୁ କେମିତି ବିକ୍ରି ହୋଇ ପାରବ ତାହା ଆଲୋକପାତ କରିଥିଲେ। ସେମିଳିଗୁଡା ବ୍ଲକରେ ଗଠନ ହୋଇଥିବା ଉତ୍ପାଦକ ଗୋଷ୍ଠୀ ଗୁଡ଼ିକ ମାଧ୍ୟମରେ ବର୍ଷ ତମାମ ପ୍ରକ୍ରିୟା କରଣ ହେବା ସହ ଏହାକୁ ବିକ୍ରି କରିବାକୁ କମ୍ପାନି ମଧ୍ୟରେ ସହଯୋଗ ହୋଇପାରିବ। ଏହି ୟୁନିଟ ଦ୍ୱାରା ଗ୍ରାହକମାନେ ରାସାୟନିକ ବିହନ, ଅଦା ଗୁଣ୍ଡ, ହଳଦୀ ଗୁଣ୍ଡ କ୍ରୟ କରି ପାରିବା ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ମହିଳା ଚାଷୀ ମାନଙ୍କୁ ଲାକି ଜାନୀ ଧନ୍ୟବାଦ ଦେଇଥିଲେ।



● ଜୟପୁର ପୌରପାଳିକା

# ୨୮ ଟି ୱାର୍ଡରେ ୧୮୨ଜଣଙ୍କୁ ମଧୁବାବୁ ପେନ୍‌ସନ୍ ବଣ୍ଟନ



ଜୟପୁର,୨୭।୫ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ୨୮ ଟି ୱାର୍ଡରେ ବସବାସ କରୁଥିବା ନୂତନ ହିତାଧିକାରୀଙ୍କୁ ସରକାରଙ୍କ ପେନସନ ଯୋଜନାରେ ସାମିଲ କରାଯାଇ ବଣ୍ଟନ କରାଯାଇଛି। ସହରର ସମସ୍ତ ୨୮ ଟି ୱାର୍ଡର ୧୮୨ଜଣ ହିତାଧିକାରୀଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇ ମାସିକ ଏକ ହଜାର ଏବଂ ଛତା ଓ ଯୋତା ବାବଦକୁ ୪ଟଙ୍କା ପ୍ରଦାନ କରାଯାଇଛି। ଏହି ୧୮୨ ଜଣ ନୂତନ ହିତାଧିକାରୀଙ୍କ ମଧ୍ୟରୁ ୨୧ଜଣ ଭିନ୍ନକ୍ଷମ, ୭୮ ଜଣ ବୃଦ୍ଧ ଓ ବୃଦ୍ଧା, ୮୨ଜଣ ବିଧବା, ଜଣେ କିନ୍ନର ରହିଛନ୍ତି। ଏହି ଅବସରରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାଉନ୍‌ସିଲର ଯଶପାଲ ସିଂ, ପାର୍ଥ ସାରଥୀ ମଲ୍ଲିକ, ପ୍ରଣବ କିଶୋର ନାୟକ, ଗୋପୀନାଥ ମହାନ୍ତି, ସିମାଞ୍ଚଳ ବିଶୋୟୀ, ବି. ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଅନିତା କୁମାରୀ ରାୟ, ଦେବଶ୍ରୀ ନାୟକ, ମଧୁସ୍ମିତା ଓରାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ଏବେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି, ଆଗାମୀ ଦିନରେ ଅନ୍ୟ ହିତାଧିକାରୀଙ୍କୁ ଅନ୍ୟାନ୍ୟ ପେନସନ ଯୋଜନାରେ ସାମିଲ କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପୌର ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଜଗନ୍ନାଥ ନାୟକ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ମାନେ ସହାୟତା କରିଥିଲେ।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଭିଡ଼

କୋଷାଗୁମୁଡ଼ା,୨୭।୫(ସମିସ): ମା' ସାବିତ୍ରୀଙ୍କ ବ୍ରତ ପାଳନ ପାଇଁ ସକାଳୁ ସ୍ଥାନୀୟ କୋଷାଗୁମୁଡ଼ା ଜଗନ୍ନାଥ ମନ୍ଦିରରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ନିଜ ଘରେ, ସାହି ପଡ଼ୋଶୀଙ୍କ ସହିତ କିଛି ସ୍ତ୍ରୀଲୋକ ମିଳିତ ଭାବେ ବ୍ରାହ୍ମଣଙ୍କୁ ଡାକି ବର ଓ ଅସ୍ତ ବୃକ୍ଷମୂଳେ ବ୍ରତ ପାଳନ କରିଛନ୍ତି। ପୁରାଣ ଏବଂ ଶାସ୍ତ୍ର ଆଧାରରେ ଯମଦେବଙ୍କ ଠାରୁ ମା' ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିବା କଥାକୁ ନେଇ ସମସ୍ତ ସଧବା ଲୋକ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ଏହି ବ୍ରତ ପାଳନ କରିଆସୁଛନ୍ତି।

# ଗୁରୁକୃପା ପବ୍ଲିକ ସ୍କୁଲର ସଫଳତା

ଉମରକୋଟ,୨୭।୫( ସମିସ): ସିବିଏସ୍‌ଇ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ରେ ନବରଙ୍ଗପୁର ଜିଲ୍ଲା ଉମରକୋଟସ୍ଥିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗୁରୁକୃପା ପବ୍ଲିକ ସ୍କୁଲର ପରୀକ୍ଷା ଫଳ ଶତପ୍ରତିଶତ ପାସ୍ ହାର ହୋଇଛି। ସୂଚନା ଅନୁଯାୟୀ



ଉକ୍ତ ଅନୁଷ୍ଠାନରେ ସର୍ବମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀରେ ଓ ୬୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସଫଳତା ଅର୍ଜନ କରିଛନ୍ତି। ସରୋଜ ପାଲ ୯୧.୬ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ସିଦ୍ଧାନ୍ତ ସାହୁ ୮୪.୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ପ୍ରଦୀପ ଗଣ୍ଡ ୮୨.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଗୁରୁକୃପା ଅନୁଷ୍ଠାନର ସଭାପତି ମନୋଜ କୁମାର ପାଢ଼ୀ, ସମ୍ପାଦିକା ସାଗରିକା ପଟ୍ଟନାୟକ, ଅଧ୍ୟକ୍ଷା ସ୍ୱପ୍ନା ପାଣିଗ୍ରାହୀ ସମସ୍ତ କୃତି ଛାତ୍ରଛାତ୍ରୀ, ଶିକ୍ଷୟତ୍ରୀ, ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନୂତନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ସେମିଲିଗୁଡ଼ା, ୨୭।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍‌ରେ ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ପଟ୍ଟନାୟକଙ୍କୁ



ଜିଲ୍ଲା ଓଷ୍ଟା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଏବଂ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଓଷ୍ଟାର କ୍ୟାଲେଣ୍ଡର, ଡାଏରୀ ସହିତ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରି ଥିଲେ। ଭବାନୀ ଶଙ୍କର ପଟ୍ଟନାୟକ ପୂର୍ବରୁ ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ। ଶ୍ରୀ ପଟ୍ଟନାୟକ ଜଣେ ଯୁବ ଉଦୟମାନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ନନ୍ଦପୁର ବ୍ଲକରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣି ସୁନାମ ଅର୍ଜନ କରିଥିଲେ। ସେ ସେମିଳିଗୁଡା ବ୍ଲକରେ ଯୋଗ ଦେବା ଫଳରେ ଖୁସିର ଲହରୀ ଖେଳି ଯାଇଛି। ସେମିଳିଗୁଡାରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷାର କିପରି ଅଧିକ ଉନ୍ନତୀ ହୋଇ ପାରିବ, ସେଥିପ୍ରତି ଦୃଷ୍ଟି ଦେବେ ବୋଲି ପଟ୍ଟନାୟକ କହିଛନ୍ତି।

## ଅବହେଳିତ ଢେପାଗୁଡ଼ା ଗାଁ

# ନାହିଁ ପିଚୁ ରାସ୍ତା; କଲଭର୍ଟ



ଉମରକୋଟ,୨୭।୫(ସମିସ) : କେନ୍ଦ୍ର ଓ ରାଜ୍ୟ ଗ୍ରାମାଞ୍ଚଳର ବିକାଶ ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। କିନ୍ତୁ ଦୁଃଖର କଥା ଆଜି ଯାଏ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଶୁକିଗାଁ ପଞ୍ଚାୟତ ଅନ୍ତର୍ଗତ ଡେପଗୁଡା ଗ୍ରାମକୁ ପହଞ୍ଚି ପାରିନାହିଁ ପିଚୁ ରାସ୍ତା ଓ ସ୍ଥାୟୀ କଲଭର୍ଟ। ବେହେଡ଼ାଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ଏହି ଢେପଗୁଡ଼ା ଗ୍ରାମ। ଏହି ଗ୍ରାମ ନିକଟରେ ଆହୁରି ୫ ଖଣ୍ଡ ଗ୍ରାମ ଅଛି। ସେମାନେ ମଧ୍ୟ ପ୍ରତିଦିନ ଏହି ରାସ୍ତା ଦେଇ ଉମରକୋଟକୁ ଆସନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ପଚ ପଚ କାଦୁଅ ଯୋଗୁ ଲୋକେ ସହରକୁ ଆସି ପାରନ୍ତି ନାହିଁ । କାରଣ ଢ଼େପଗୁଡା ଗ୍ରାମ ନିକଟରେ ରାସ୍ତା ମଝିରେ ଗୋଟିଏ ନାଳ ପଡ଼େ ଏବଂ ବର୍ଷା ହେବା ମାତ୍ରେ ଏହି ନାଳରେ ପାଣି ଆସିଯାଏ । ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରିଥାନ୍ତି। ପୂର୍ବରୁ ଏହି ନାଳରେ ଏକ ପାଇପ୍ ପଡିଥିଲା । ପାଣି ବେଶୀ ଆସିବାରୁ ନାଳର ମାଟି ଧୀରେ ଧୀରେ ଖସିଯିବାରୁ ନାଳରେ ଆକାର ବଡ଼ ହୋଇଗଲା। ଏହି ନାଳରେ ଏକ କଂକ୍ରିଟ୍ ପୋଲ ନିର୍ମାଣ ପାଇଁ ପ୍ରଶାସନକୁ ବାରମ୍ବାର ଲୋକେ କହିଥିଲେ। କିନ୍ତୁ ତାହା ହୋଇ ପାରିଲା ନାହିଁ । ଶେଷରେ ଆଜି ଗ୍ରାମର ଯୁବକ ମାନେ ମିଶି ଏହି ନାଳ ଉପରେ କାଠ ବଲା ସାହାଯ୍ୟରେ ପୋଲ ତିଆରି କରିଥିବା ଦେଖିବାକୁ ମିଳିଛି। ଏହି ନାଳ ଯୋଗୁଁ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚେ ନାହିଁ। ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଏହି ରାସ୍ତା ଦେଇ ବହୁ କଷ୍ଟରେ ପାର କରିଥାନ୍ତି ଏହି ଗ୍ରାମବାସୀ। ଛାତ୍ରୀଛାତ୍ର ମାନେ ପ୍ରତି ଦିନ ବେହେଡା ଠାରେ ଥିବା ହାଇସ୍କୁଲ, କଲେଜ, ସାପ୍ତାହିକ ହାଟ, ବଜାର, ଗ୍ରାମ ପଞ୍ଚାୟତ, ବ୍ୟାଙ୍କ ହେଉକି ଉମରକୋଟ ଆସିବାକୁ ହେଲେ ଏହି ଗୋଟାଏ ମାତ୍ର ରାସ୍ତା ଦେଇ ଯିବା ଆସିବା କରିବାକୁ ପଡେ। ପିଚୁ ରାସ୍ତା ଓ କଲଭର୍ଟ ନିର୍ମାଣ ପାଇଁ ସରକାରୀ ବାବୁ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରୀ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଆସୁଥିବା ଦେଖି ଗ୍ରାମର ଯୁବକ ମାନେ ଆଜି ଅସ୍ଥାୟୀ କାଠ ପୋଲ ନିର୍ମାଣ କରିଛନ୍ତି।

# ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର



ସେମିଲିଗୁଡ଼ା, ୨୭।୫ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସଭାଗୃହ ଠାରେ ଆଜି ଜିଲ୍ଲା ପ୍ରଶାସନର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁ ଧାର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲ୍ ଉପସ୍ଥିତ ରହି ଦୁଇ ଘଣ୍ଟା ମଧ୍ୟରେ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ। ସେମିଲିଗୁଡ଼ା ବିଡିଓ ଜସ୍ମିନ୍ କୁମାର୍ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେମିଲିଗୁଡ଼ା ତହସିଲଦାର ଦେବବ୍ରତ କରାଟେ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ସିଡିପିଓ ବିନୋଦିନୀ ବେହେରା , ଗ୍ରାମ ପଞ୍ଚାୟତ ଅଧିକାରୀ ଅଜିତ କୁମାର ହୋତା, ସୁନାବେଡ଼ା ପୌର ପରିଷଦ କାର୍ଯ ନିର୍ବାହ ଅଧିକାରୀ ନାରାୟଣ ନାୟକଙ୍କ ସହ ୧୭ଟି ପଞ୍ଚାୟତର ସମିତି ସଭ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସମୁଦାୟ ୩୧ ଗୋଟି ପଞ୍ଚାୟତର ଅଭିଯୋଗ ଆସିଥିବା ବେଳେ ଏଥି ମଧ୍ୟରୁ ୧୭ ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୪ ଗୋଟି ସାମୁହିକ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ ଥିଲା। ଶିକ୍ଷା, ପାନିୟ ଜଳ, ରାସ୍ତାଘାଟ, ଜମିପଟା ଜାଲିଆତି, ଭତ୍ତା, ଆବାସ ଯୋଜନା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଉପରେ ଜନ ଶୁଣାଣି ହୋଇଥିଲା। ସବୁ ଅଭିଯୋଗ ଶୁଣିଲା ପରେ ତୁରନ୍ତ ସମାଧାନ କରିବା ପାଇଁ ଉପ ଜିଲ୍ଲାପାଳ ହିଆଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିର ପରେ ୬ ଜଣଙ୍କୁ ହ୍ୱିଲ୍ ଚେୟାର ଓ ୧୮ ଜଣଙ୍କୁ ନୂତନ ପେନସନ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଟି ସୁରଭି, ଅଧିକାରୀ ଗୌତମ ଗୁମାଲ ଓ ଅନ୍ୟ କର୍ମଚାରୀ କାର୍ଯକ୍ରମରେ ସହଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

**କୋଷାଗୁମୁଡା,୨୭।୫(ସମିସ):**

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ପଣ୍ଡୁଗୁଡା ପଞ୍ଚାୟତ ପରିସରରେ ଏକ ନୂତନ ପଞ୍ଚାୟତ କୋଠା ନିର୍ମାଣ ଚାଲିଛି। କାର୍ଯ୍ୟଟି ପାଇଁ ପଞ୍ଚାୟତ ପାଣ୍ଠିରୁ ୪ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର ମଧ୍ୟ ହୋଇଛି। ହେଲେ କାର୍ଯ୍ୟରେ ମହାଦୁର୍ନୀତି ଚାଲିଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରୀଙ୍କ କହିବା ପ୍ରକାରେ କାର୍ଯ୍ୟରେ ବାଲି ବଦଳରେ ମୁରୁମ ଓ ମାଟି ଦିଆଯାଉଛି। ଯାହାକି କେବେ ବି ଦିଆଯିବା କଥା ନୁହେଁ। ଯଦି ଏମିତି ନିମ୍ନ ମାନର କାମ ହୁଏ, ତେବେ କୋଠା ବର୍ଷଟେ ମଧ୍ୟ ଟିକିବନି। ତେଣୁ କନିଷ୍ଠ ଯନ୍ତ୍ରୀ ଠିକ୍ ଭାବେ ତଦାରଖ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବୁଝିବାରୁ ସେ କୌଣସି



ସନ୍ତୋଷ ଜନକ ଉତ୍ତର ଦେଇନାହାନ୍ତି। ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆଗ ମାଟି ଆଉ ମୁରୁମ ଦିଆଯିବ। ତା'ପରେ ଯାଇ ତା ଉପରେ ବାଲି ପଡ଼ିବ। ଠିକ୍ ସେହିପରି ଉକ୍ତ କାମର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇ ନଥିଲା। କାର୍ଯ୍ୟର ନାମଫଳକ ମଧ୍ୟ ପଞ୍ଚାୟତ ପକ୍ଷରୁ ତିଆରି ନ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି କିଭଳି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବ୍ଲକ ପ୍ରଶାସନ ଏହି କାମର ସଠିକ ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି। ଏହି ଖବରଟି ଗତ ଏପ୍ରିଲ ୧୬ ତାରିଖରେ ବିଭିନ୍ନ ଖବର କାଗଜରେ ପ୍ରସାରଣ ହୋଇଥିଲା। ହେଲେ ପରିତାପର ବିଷୟ, ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ନିଆଯାଇନି। ଯାହାକି, ସାଧାରଣ ଜନସାଧାରଣଙ୍କୁ ହତଚକିତ କରିଛି। ଗ୍ରାମବାସୀଙ୍କ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ଖବରକାଗଜ ଗୁଡିକରେ ପ୍ରକାଶିତ ହେବା ପରେ ବି କଣ ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରଶାସନ ମଧ୍ୟ ଏହି ଦୁର୍ନୀତିର ଭାଗିଦାର ରହିଛି ନା ଦୁର୍ନୀତିଖୋର ମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯାଇ ପ୍ରଶାସନ ହାତରେ ହାତ ବାନ୍ଧି ବସିଛି, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜ୍ଞାନଜିତ ତ୍ରିପାଠୀ କୋରାପୁଟ ପୌର ନିର୍ବାହୀ ଅଧିକାରୀ ନିଯୁକ୍ତ



**କୋରାପୁଟ,୨୭।୫ (ସମିସ):** ରାଜ୍ୟ ସରକାର ମଙ୍ଗଳବାର ବିଭିନ୍ନ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ନିର୍ବାହୀ ଅଧିକାରୀ ନିଯୁକ୍ତି କରିଥିବା ବେଳେ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ ଓଡ଼ିଶା ପ୍ରଶାସନିକ ସେବାର ଯୁବ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ତ୍ରିପାଠୀ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ତହସିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ଦିନରୁ କୋରାପୁଟ ପୌର ପରିଷଦରେ ନିର୍ବାହୀ ଅଧିକାରୀ ପଦ ଖାଲି ପଡିଥିଲା। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ପୌର ଅଧ୍ୟକ୍ଷ ଏବଂ କାଉନ୍‌ସିଲର ମାନେ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଁ ଦାବି କରି ଆସୁଥିଲେ। ଏପରିକି କିଛି ଦିନ ପୂର୍ବରୁ କେତେକ କାଉନ୍‌ସିଲର ନିର୍ବାହୀ ଅଧିକାରୀ ତୁରନ୍ତ ନିଯୁକ୍ତି ଦାବିରେ ପୌର କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ରାଜ୍ୟ ସରକାର ଶ୍ରୀ ତ୍ରିପାଠୀଙ୍କୁ ନିଯୁକ୍ତି ଦେବା ପରେ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

# ବିଧାୟକ-ମଦ ବ୍ୟବସାୟୀ ମୁହାଁମୁହିଁ

## ବିଧାୟକଙ୍କ ବିରୋଧରେ ମଦ ବେପାରୀଙ୍କ ଏତଲା

**ଲକ୍ଷ୍ମୀପୁର /ପୋଡ଼ାଗଡ଼/କାକିରିଗୁମ୍ମା,୨୭।୫(ସମିସ):** ମଦ ବିକ୍ରିକୁ ନେଇ ଲକ୍ଷ୍ମୀପୁର ବିଧାୟକ ଓ ମଦ ବ୍ୟବସାୟୀଙ୍କ ମଧ୍ୟରେ ଦେଖା ଦେଇଛି ବିବାଦ। ଗୋଟିଏ ପଟେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ନିଜ ଅଞ୍ଚଳର ମଦ ଭାଟି ମାନଙ୍କରେ ନିମ୍ନ ମାନର ଓ ଅପମିଶ୍ରିତ ମଦ ତିଆରି ଅଭିଯୋଗ କରି ତାଲା ପକାଇଥିବା ବେଳେ ଅନ୍ୟ ପଟେ ମଦ ବ୍ୟବସାୟୀ ମାନେ ବିଧାୟକଙ୍କ ବିରୋଧରେ ମାସିକ ଏକ ଲକ୍ଷ ଟଙ୍କା ବଟି ମାଗୁଥିବା ଭୋଳି ସଂଗୀନ ଅଭିଯୋଗ ଆଣି ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଦାବି ପତ୍ରରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦଶମନ୍ତପୁର, ପୋଡ଼ାଗଡ ବେପାରୀ ଓ କର୍ମଚାରୀ ମାନେ ବିଧାୟକ ମାସକୁ ଏକ ଲକ୍ଷ ଟଙ୍କା ବଟି ଦେଲେ ମଦ ବିକ୍ରି କରିପାରିବ, ନଚେତ୍ ମଦ ଦୋକାନ ସବୁ ବନ୍ଦ କରି ଦିଆଯିବ ବୋଲି ଧମକ ଦେଉଥିବା ମଦ ବେପାରୀ ମାନେ ଅଭିଯୋଗ ଆଣିଛନ୍ତି। ବିଧାୟକ ନିଜର ଶତାଧିକ ସମର୍ଥକ ମାନଙ୍କ ସହ ଆସି ଅଞ୍ଚଳର ବିଭିନ୍ନ ମଦ ଦୋକାନ ମାନଙ୍କରେ ତାଲା ପକାଇଥିବା ବ୍ୟବସାୟୀ ମାନେ କହିଛନ୍ତି। ଏ ନେଇ ମଦ ବ୍ୟବସାୟୀମାନେ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅଭିଯୋଗର ନକଲ ବିଭାଗୀୟ ସଚିବ, ମନ୍ତ୍ରୀ, ଏସ୍‌ପି ଓ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ପଠାଇଥିବା କହିଛନ୍ତି। ଏ ନେଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ବ୍ୟବସାୟୀ ମାନେ ଅଞ୍ଚଳରେ ନିମ୍ନମାନର ଅପମିଶ୍ରିତ ମଦ ପ୍ରସ୍ତୁତ କରି ଗାଁ ଗହଳିରେ ବିକ୍ରି କରୁଛନ୍ତି। ସେହି ମଦ ପିଇ ଲୋକେ ଅଳ୍ପ ଦିନରେ ମୃତ୍ୟୁମୁଖରେ ପଡୁଛନ୍ତି। ଯୁବକ ମାନେ ଏହି ମଦ ପିଇ ବିଶୃଙ୍ଖଳିତ ହେଉଥିବା କହିଛନ୍ତି। ଗତ ଦିନରେ ଅଞ୍ଚଳରେ ମଦ ବନ୍ଦ କରିବାକୁ ସେ ବହୁବାର ବିଭାଗୀୟ ମନ୍ତ୍ରୀ, ସଚିବ, ଆରକ୍ଷୀ ଅଧିକ୍ଷକ, ଅବକାରୀ ଅଧୀକ୍ଷକଙ୍କ ସମେତ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଅଞ୍ଚଳବାସୀଙ୍କ ଅନୁରୋଧ ଯୋଗୁଁ ମଦ ଦୋକାନରେ ତାଲା ପକାଇଥିବା କହିଛନ୍ତି। ମଦ ବ୍ୟବସାୟୀ ମାନେ ତାଙ୍କ ନାମରେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଯଦି ସେ ମଦ ବେପାରୀଙ୍କ ଠାରୁ ଲାଞ୍ଚ କିମ୍ବା ବଟି ମାଗିଛନ୍ତି, ତାହା ହେଲେ ସେମାନେ ଆଇନ ପରିସରକୁ ଆଣନ୍ତୁ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଆଇବି ଠାରେ ଲକ୍ଷ୍ମୀପୁର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ସ୍ୱୀକୃତିପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନକୁ ଯାଇ ତାଲା ପକାଇ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ମଦ ବିକ୍ରି କରିବାକୁ ସରକାର ଲାଇସେନ୍ସ ପ୍ରଦାନ କରିଛନ୍ତି। ଯଦି ମଦ ଦୋକାନରେ ଅନିୟମିତତା ହୋଇଛି, ଆଇନକୁ ହାତକୁ ନ ନେଇ ସିଧାସଳଖ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ପାଇଁ ଅଭିଯୋଗ କରିବା କଥା ବୋଲି ପୂର୍ବତନ ବିଧାୟକ କୈଳାସ କୁଳେସିକା କହିଛନ୍ତି। ମାସିକ ଏକ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଟି ମାଗୁଥିଲେ, ଏଥିରେ ରାଜି ନ ହେବାରୁ ବିଧାୟକ ଏଭଳି କାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ କୁଳେସିକା କହିଛନ୍ତି। ବିଧାୟକ ଏହାକୁ ଖଣ୍ଡନ କରି ନିଜ ବକ୍ତବ୍ୟରେ କହିଛନ୍ତି ଯେ ଏହି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏ ଅଞ୍ଚଳକୁ ମଦମୁକ୍ତ ଅଞ୍ଚଳ କରିବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। ମଦ ପାଇଁ ଲୋକଙ୍କରା ଅନେକ କ୍ଷତି ହେଉଛି। ଏହାକୁ ବିରୋଧ କରିବା ବଦଳରେ ସମର୍ଥନ କରାଯାଉଛି। ଏହା ଲଜ୍ୟା ଜନକ୍ କଥା। ତାଙ୍କ ବିରୋଧରେ ଯେଉଁ ସବୁ ଅଭିଯୋଗ ଅଣାଯାଇଛି ତାହା ଭିତ୍ତିହୀନ ବୋଲି ବିଧାୟକ ଶ୍ରୀ ସାଉଁନ୍ତା କହିଛନ୍ତି। ଏହି ସମ୍ମିଳନୀରେ ନବ ନିଯୁକ୍ତ ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଅଜୟ ଖରା, ରାଜ୍ୟ କାଉନ୍‌ସିଲିଂ ସଭ୍ୟ ଉଦୟ ହିକକା, ମନଜ ସାହୁ, ଦେବ ଖରା ଉପସ୍ଥିତ ରହିଥିଲେ।

# ଟ୍ରକ୍ ପଛକୁ ଧକ୍କା ଦେଲା ବାଇକ୍, ମାମୁଁ ଭଣଜା ମୃତ

**ଗୁଣୁପୁର, ୨୭।୫(ସମିସ):**

ଗୁଣୁପୁର ବ୍ଲକ ଅନ୍ତର୍ଗତ ସିଝୁଲି ପଞ୍ଚାୟତ କଇଠପଦର ଛକ ନିକଟ ମୁଖ୍ୟରାସ୍ତା ଉପରେ ଠିଆ ହୋଇଥିବା ଟିପରକୁ ଧକାଦେଲା ବାଇକ୍ । ଦୁଇ ବାଇକ୍ ଆରୋହୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ଶ୍ରୀଝୁଲି ପଞ୍ଚାୟତ ବଡ଼ଆମ୍ବଗୁଡା ଗ୍ରାମର ତିରୁପତୀ ଶବର(୪୦), ମଣ୍ଟୁ ଶବର (୧୮) ରହିଛି। ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତରଙ୍କ ପ୍ରଦୀପ କୁମାର ପଣ୍ଡା ପକ୍ଷରୁ ସୁଚନା ଦେଇଛନ୍ତି। ଗୁଣୁପୁର ପୁଲିସ ଦୁର୍ଘଟଣାର ତଦନ୍ତ କରୁଛି।

# ଗଞ୍ଜେଇ ଜବତ, ଜଣେ ଗିରଫ



**ରାୟଗଡ଼ା,୨୭।୫(ସମିସ ):** ରାୟଗଡ଼ାସରକାରୀ ରେଳବାଇ ପୁଲିସ (ଜିଆରପି) ଓ ଆରପିଏଫ ପୁଲିସ ପକ୍ଷରୁ ଆଜି ରାୟଗଡ଼ା ରେଳ ଷ୍ଟେସନରେ ଯାଞ୍ଚ ବେଳେ ୧୬କେଜି ୪୦୦ଗ୍ରାମ ଓଜନର ଗଞ୍ଜେଇ ଜବତ ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ପଙ୍କଜ ମାଝୀ (୨୪)। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରିରେ ଅଭିଯୁକ୍ତର ଘର । ରାୟଗଡ଼ାରୁ ରାୟପୁରକୁ ବେଆଇନ ଭାବେ ଟ୍ରେନ ଯୋଗେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଅଭିଯୁକ୍ତ ପଙ୍କଜ ଷ୍ଟେସନରେ ଅପେକ୍ଷା କରିଥିବା ବେଳେ ଜିଆରପି ଓ ଆରପିଏଫ ପୋଲିସ ପକ୍ଷରୁ ଯାଞ୍ଚ ବେଳେ ସନ୍ଦେହ କରାଯାଇ ପଙ୍କଜ ପାଖରେ ଥିବା ବ୍ୟାଗ ଯାଞ୍ଚ କରାଯାଇଥିଲା । ସେଥିରୁ ଗଞ୍ଜେଇ ଥିବା ଜଣାପଡିଥିଲା । ଏ ନେଇ ଜିଆରପି ପୁଲିସ ଥାନାରେ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପଙ୍କଜକୁ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷ ୬୪ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଥିବା ବେଳେ ଏହି ଯାଞ୍ଚ ବେଳେ ଜିଆରପି ଥାନା ଆଇଆଇସି ବିଜୟ କୁମାର ବେକ, ଏସ୍‌ଆଇ ଆଲୋକ ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼,ଆରପିଏଫ ଏଏସଆଇ ବିନୋଦ କୁମାର ବଳ,କନେଷ୍ଟବଳ ରମେଶ କନ୍ଧପାଣି ଓ ଡଗ ସ୍କ୍ୱାର୍ଡ ବିକେ ସିଂ ପ୍ରମୁଖ ସାମିଲ ଥିଲେ।

**● ମୌସୁମୀ ପାଇଁ ରାୟଗଡା ପୌର ପରିଷଦର ପ୍ରସ୍ତୁତି**

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସଫେଇ କାର୍ଯ୍ୟ

**ରାୟଗଡ଼ା,୨୭।୫(ସମିସ):**

ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନୟନ ବିଭାଗର ନିର୍ଦ୍ଦେଶକୁ ଭିତିକରି ରାୟଗଡା ପୌର ପରିଷଦ ଆସନ୍ତା ମୌସୁମୀକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସହିତ ନାଳ ସୁଧିକରଣ ତଥା ଜଳ ନିଷ୍କାସନ ମାର୍ଗକୁ ସୁଗମ କରିବା ପାଇଁ ଯୁଦ୍ଧକାଳୀନ ଭିତିରେ ସଫେଇ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାସହିତ ଜଳ ନିଷ୍କାସନରେ ଅସୁବିଧା ସୃଷ୍ଟି କରୁଥିବା ପ୍ରତ୍ୟେକ ବସ୍ତୁ ଏବଂ ମାର୍ଗକୁ ସୁଗମ କରିବା ପାଇଁ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ନିଜେ ନାଳ ଗୁଡିକର ସ୍ଥିତି ବୁଲି ଦେଖିବା ସହିତ ପ୍ରତ୍ୟେକ ଦିନ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରୁଛନ୍ତି। ମୌସୁମୀ ଦ୍ୱାରା ଯେପରି ଜଳବନ୍ଦୀ ପରି ପରିସ୍ଥିତି ସୃଷ୍ଟୀ ନହୁଏ ସେଥିପାଇଁ ରାୟଗଡା ପୌରପରିଷଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛି ଏବଂ ଦରକାର ସ୍ଥଳେ ମରାମତି କାର୍ଯ୍ୟ ଚାଲୁରହିଛି । ମୌସୁମୀ ସମୟରେ ସ୍ୱଚ୍ଛତା ଓ ସୁସ୍ଥତା ବଜାୟ ରଖିବା ପାଇଁ ସ୍ଥାନୀୟ ଲୋକେ ସଚେତନ ରହିବା ତଥା ନାଳରେ ଆବର୍ଜନା ନ ପକାଇବା ପାଇଁ ରାୟଗଡା ପୌର ପରିଷଦ ଅଧକ୍ଷ ପି ମହେଶ ପଟନାୟକ ସାଧାରଣ ଜନତାଙ୍କୁ ଅପିଲ କରିଛନ୍ତି। ଯଦି କୌଣସି ବ୍ୟକ୍ତି ବେଆଇନ ଭାବେ ଜଳ ନିଷ୍କାସନ ପଥରେ ଅବରୋଧ ସୃଷ୍ଟି କରନ୍ତି କିମ୍ବା କୌଣସି ବସ୍ତୁ ତଥା ଆବର୍ଜନା ପ୍ରୟୋଗ କରି ନାଳର ଗତିରୋଧ କରନ୍ତି ତେବେ ପୌର ପରିଷଦ ଦ୍ୱାରା ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦର ଅଧକ୍ଷ ମତବ୍ୟକ୍ତ କରିଛନ୍ତି ।



# ଚନ୍ଦ୍ରପଡ଼ା ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ

**ବୈପାରିଗୁଡ଼ା,୨୭।୫(ସମିସ):**

ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଞ୍ଚାୟତସ୍ତରୀୟ ଜନ ସଚେତନତା ତଥା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକମାନେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରେ ସାମୂହିକ ୫ଟି ଏବଂ ବ୍ୟକ୍ତିଗତ ୨ଟି ରହିଥିଲା। ସାମୂହିକ ଅଭିଯୋଗ ଗୁଡ଼ିକ ହେଲା ବାଣ୍ଡଆଗୁଡା ଏବଂ କଟରାଯୋଡି ଗ୍ରାମରେ ଫ୍ଲେବର ବ୍ଲକ୍ ରାସ୍ତା, ଖରାଗୁଡା ଏବଂ ଦୋରାଗୁଡା ଠାରେ ନୂତନ ନଳକୂପ ନିର୍ମାଣ, ପ୍ରଧାନୀଗୁଡାଠାରେ ପଞ୍ଚାୟତ ପାଇପ୍ ପାଣି ଯୋଗାଣ। ବ୍ୟକ୍ତିଗତ ୨ଟି ଭତ୍ତା ଏବଂ ଆବାସ ଗୃହ ପ୍ରଦାନ ନିମନ୍ତେ ଦରଖାସ୍ତ ଦିଆଯାଇଥିଲା। ଏସବୁ ଅଭିଯୋଗ ଉପରେ ପ୍ରଶାସନ ଗୁରୁତ୍ୱ ଦେବା ସହ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ମାନେ ଦାବି କରିଥିଲେ। ଏଥିରେ ଏବିଡିଓ ନିବେଦିତା ଦଣ୍ଡସେନା, ଚନ୍ଦ୍ରପଡା ପଞ୍ଚାୟତ ସରପଞ୍ଚ ବବି ମୁଦୁଲି, ସମିତି ସଭ୍ୟା ଚନ୍ଦ୍ରା ହରିଜନ, କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ ବିଶ୍ୱାସରାୟ ସମେତ ସମସ୍ତ ୱାର୍ଡର ସଭ୍ୟ ସଭ୍ୟା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ବିପିସି ପ୍ରଦୀପ ଆଚାର୍ଯ୍ୟ ପରିଚାଳନା କରିଥିଲେ।



# ଚୋରି ଘଟଣା ଆଉ ୨ କୋର୍ଟ ଚାଲାଣ

**କଲ୍ୟାଣସିଂହପୁର,୨୭।୫(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦର ଗୋପାଳ ଚେଟି ଉପେନ୍ଦ୍ର ଙ୍କ ଘରୁ ମାଓବାଦୀ ପରିଚୟ ଦେଇ ଡକାୟତମାନେ ଦମ୍ପତିଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର, ବାଇକ, ସିନ୍ଦୁକ ଚୋରି କରି ନେଇଥିଲେ। ଏହି ଘଟଣାରେ ପୁଲିସ ବୁଡାଗୁଡ଼ା ପଞ୍ଚାୟତ କୁମ୍ଭାର ଗୁରୁଡୁଲି ଗ୍ରାମରୁ ଲାଡି ଭେଙ୍କେଟ ରାବଣାଙ୍କ ପୁଅ ଲାଡି ସନ୍ତୋଷ କୁମାର ଓ ଶିକରପାଇ ଗ୍ରାମର ଗାମ୍ବେଲି ଗଙ୍ଗା ରାଜୁଙ୍କ ପୁଅ ଗାମ୍ବେଲି ଚନ୍ଦନ କୁମାର ରାୟଗଡ଼ାରୁ ପୁଲିସ ଉଠାଇ କଲ୍ୟାଣସିଂହପୁର ଥାନାକୁ ଆଣି ପଚରାଉଚରା କରିବା ପରେ କୋର୍ଟ ଚଲାଣ କରିଛନ୍ତି। ଏହା ପୂର୍ବରୁ ଚୋରି ୨୪ ଘଣ୍ଟା ମଧ୍ୟରେ ବାଇକ ଓ ସିନ୍ଦୁକକୁ ଠାବ କରିଥିବା ବେଳେ ୭ଦିନ ମଧ୍ୟରେ ଜଣେ ଯୁବକ ଇଶ୍ୱର ନାଏକ (୨୩) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂଚନା ଦେଇଛନ୍ତି। ଚୋରି ଘଟଣା କୁ ନେଇ ଥାନା ଅଧିକାରୀ ନୀଳକଣ୍ଠ ବେହେରା ,ଏସ ଆଇ ହେମନ୍ତ କୁମାର ବରିହା,ଏସ ଆଇ ଦିଲୀପ ମାଝୀ , ହାବିଲଦାର କାର୍ତ୍ତିକ ଶବରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି। ତିନି ଜଣ ଚୋରକୁ ଗିରଫ କରାଯାଇଛି। ତୁରନ୍ତ ଅନ୍ୟ ୪ଜଣ ଙ୍କୁ ଗିରଫ କରାଯିବ। ସେମାନେ ବର୍ତ୍ତମାନ ଫେରାର ଅଛନ୍ତି ବୋଲି ଥାନା ଅଧିକାରୀ ଶ୍ରୀ ବେହେରା କହିଛନ୍ତି।



# ଗଞ୍ଜେଇ ସହ ସ୍କୁଟି ଜବତ, ଦୁଇ ଗିରଫ



**କୋରୁକୋଣ୍ଡା,୨୭ ।୫(ସମିସ):** ବାହାର ରାଜ୍ୟକ ବେଆଇନ ଭାବେ ଏକ ସ୍କୁଟି ଯୋଗେ ଦୁଇ ଜଣ ଯୁବକ ୩୦ କିଲୋ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରା ପଡିଛନ୍ତି। ଘଟଣା ସ୍ଥଳରୁ ସେମାନଙ୍କ ନିକଟରେ ଥିବା ଏକ ସ୍କୁଟି ଗାଡି ନମ୍ବର- ଓଡି -୩୦-ଇ-୮୫୮୦ ସମେତ ଦୁଇଟି ଜରି ବସ୍ତାରେ ଥିବା ମୋଟ ୩୦କିଲୋ ଗଞ୍ଜେଇକୁ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି ପୋଲିସ। ତେବେ ଗିରଫ ହୋଇଥିବା ଯୁବକ ଦୁଇଜଣ ହେଲେ ବାଲିମେଳା ସହରର ଅମନ ଖିଲ ଓ ଅନ୍ୟ ଜଣେ ବାଲିମେଳା ଦୈନିକ ବଜାରରେ ରହୁଥିବା ମନୋରଞ୍ଜନ ମହୋଲଦାରଙ୍କ ପୁଅ ରାଜୀବ ମାହୋଲଦାର ବୋଲି ଜଣା ପଡିଛି। ତେବେ ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି ଦୁଇ ଜଣ ଯୁବକ ମାଲକାନଗିରି ଜିଲ୍ଲା ଯୋଡ଼ାଆମ୍ବ ଥାନା ଅଧିନସ୍ତ ପଣସପୁଟ ଗ୍ରାମରେ ରହୁଥିବା ଗୁରୁ ଖିଲ ନାମକ ବ୍ୟକ୍ତିଙ୍କ ଠାରୁ ଏକ ସ୍କୁଟିରେ ଦୁଇଟି ଜରି ବସ୍ତାରେ ଗଞ୍ଜେଇ ଆଣି ଗତ ୨୬ ତାରିଖ ସୋମବାର ସକାଳୁ ବାଲିମେଳା ସହର ଦେଇ ପାଖ ରାଜ୍ୟ ଛତିଶଗଡର ଜଗଦଲପୁରରେ ଥିବା ଜଣେ ହରିୟାଣା ରାଜ୍ୟର ଲୋକଙ୍କୁ ଦେବା ପାଇଁ ସ୍କୁଟିଟିକୁ ଦ୍ରୁତ ଗତିରେ ଚଳାଇ ଯାଉଥିବା ବେଳେ ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ସ୍କୁଟିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ ଦୁଇଜଣ ଆହତ ହୋଇଥିବା ନେଇ କିଛି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଏସ ଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ଦୁଇଜଣ ଯୁବକଙ୍କୁ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେମାନଙ୍କର ଚିକିତ୍ସା କରାଇଥିଲେ। ସେମାନଙ୍କ ଠାରୁ ଜବତ ହୋଇଥିବା ସ୍କୁଟିରେ ଦୁଇଟି ଜରି ବସ୍ତାରେ ଥିବା ଗଞ୍ଜେଇକୁ ଜବତ କରିବା ସହିତ ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି । ଏହି ଘଟଣାର ତଦନ୍ତ ଏସ ଆଇ ମନୋହର ସାହୁ ଜାରି ରଖିଥିବା ଦାଇତ୍ୱରେ ଥିବା ଥାନା ଅଧିକାରୀ ଏସ ଆଇ ଅଜିତ ସିଂ ବରିହା କହିଛନ୍ତି।

# ଖାଲଖମାରେ ଭର୍ତ୍ତି ଗ୍ରାମ୍ୟ ଉନ୍ନୟନ ରାସ୍ତା



**ମୁନିଗୁଡା,୨୭ ।୫(ସମିସ):**

ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ଠାରୁ କାଞ୍ଚନ ଭଟାକୁ ସଂଯୋଗ ରାସ୍ତା ଖାଲଖମା ଭର୍ତି ହୋଇଥିବା ବେଳେ ରାସ୍ତାରେ ଗାଡ଼ି ଚଳାଇବାକୁ ଡରୁଛନ୍ତି ଚାଳକ। ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତାରେ ଯିବାକୁ ହେଲେ ନିଜ ଜୀବନକୁ ବାଜି ଲଗାଇବାକୁ ପଡୁଛି। କେଉଁ ମୁହୂର୍ତ୍ତରେ କଣ ଅଘଟଣ ଘଟିବ ତାହା କହିବା ମୁସ୍କିଲ। ମରଣକୁ ନିମନ୍ତ୍ରଣ ଦେଉଛି ଗ୍ରାମ୍ୟ ଉନ୍ନୟନ ରାସ୍ତା। ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଫଳ ଶୂନ। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ସଂଯୋଗ ହୋଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତା କାମ ନିମ୍ନମାନର ହୋଇ ଥିବାରୁ ରାସ୍ତା ଉପରୁ ପିଚୁ ଉଠିବା ସହ ବାହାରି ପଡିଛି ମେଟାଲ। ଆଉ ରାସ୍ତା ସାରା ଭର୍ତ୍ତି ହୋଇଛି ବଡ଼ବଡ଼ ଖାଲ। ଇଚ୍ଛାପୁରଠାରୁ କାଞ୍ଚନଭଟାକୁ ସଂଯୋଗ ହୋଇଥିବା ରାସ୍ତାର ଏଭଳି ଦୁରାବସ୍ଥା ଦେଖିବାକୁ ମିଳିଛି। ଦିନ ରାତି ଅହରହ ଏହି ରାସ୍ତାରେ ଗାଡ଼ିମୋଟର ଚଳାଚଳ କରୁଛି। ଏହା ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଯାବତୀୟ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି ସ୍ଥାନୀୟ ବାସିନ୍ଦା। ଛାତ୍ର ଛାତ୍ରୀ ମାନେ ମଧ୍ୟ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଉଥିବା ବେଳେ ଖାଲରେ ବର୍ଷା ପାଣି ଭର୍ତ୍ତି ହୋଇ ସମସ୍ୟା ଦ୍ୱିଗୁଣିତ ହେଉଛି। ହେଲେ ନିମ୍ନମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ବିଗିଡି ଯିବାରୁ ଅନେକ ସମୟରେ ଦୁର୍ଘାଟଣା ଘଟୁଥିବା ଅଭିଯୋଗ କରିଛନ୍ତି ପଥଚାରୀ। ସ୍ଥାନୀୟ ଲୋକେ ରାସ୍ତା ମରାମତି ଦାବି କରୁଥିବା ବେଳେ ରାସ୍ତାର ଅବସ୍ଥା ବାବଦରେ ମୁହଁ ଖୋଲିବାକୁ ନାରାଜ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ। ଉକ୍ତ ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ସମସ୍ୟାର କୌଣସି ସମାଧାନ ହୋଇ ନଥିବାରୁ

## ଗାଡ଼ି ଚଳାଇବାକୁ ଡରୁଛନ୍ତି ଚାଳକ

ସ୍ଥାନୀୟ ବିଧାୟକ ନୀଳ ମାଧବ ହିକକା, ସ୍ଥାନୀୟ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡ଼ାଲଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉ ନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥା ଶୀଘ୍ର ଉକ୍ତ ରାସ୍ତାର ମରାମତି କରିବା ପାଇଁ ଅଞ୍ଚଳର ରଘୁରାମ ଗୌଡ, ଗିରିଧାରୀ ଗୌଡ, ଗଣପତି ଗତି, ଗଜେନ୍ଦ୍ର ଗୌଡ, ନରେନ୍ଦ୍ର ଗୌଡ, କେଶବ ପ୍ରଧାନି, ଚଞ୍ଚଳ ଚିଣ୍ଡା, ଅମର ଦାସ ଗୋଛା, ନରସିଂହ ଦାସ ଓ କୈବଲ୍ୟ ବାଗ ପ୍ରମୁଖ ଦାବି କରିଛନ୍ତି।

**● 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ**

# ଏକଜୁଟ୍ ହେଲେ ମୂଳପୋଛ ହେବ ବାଲ୍ୟ ବିବାହ ପ୍ରଥା

**ବିଷମ କଟକ,୨୭।୫(ସମିସ):**

ରାୟଗଡ଼ା ବିଷମ କଟକ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ନିବାରଣ ନିମନ୍ତେ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଶିଶୁ ପାଇଁ ଦିନଟିଏ ଓ ବାଲ୍ୟ ବିବାହକୁ ନା ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦୁର୍ଗମ ଇଲାକାରେ ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ଭଲ ପାଇ ମାତୃତ୍ୱ ଲାଭ କରୁଛନ୍ତି ଓ ସଚେତନା ଅଭାବରୁ କମ୍ ବୟସରେ ବାହାଘର କରିଦେଉଥିବାର ଦେଖିବାକୁ ମିଳୁଛି। ଏହାକୁ କେଉଁଭଳି ରୋକାଯାଇ ପରିବାର ତାକୁ ନେଇ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଷମ କଟକ ଶିଶୁ ବିକାଶ ଅଧିକାରୀ ସୁଶୀଳା ଶବରଙ୍କ ଅଦକ୍ଷତା ହୋଇ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରଫୁଲ କୁମାର ପାଢ଼ୀ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ବିଷମ କଟକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ ଦୀପ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଡ଼. ଜାନ୍‌ହବି ବେହେରା,, ବିଷମ ଥାନା ଏସଆଇ ସାରିକା ସେଠ୍ ଜିଲ୍ଲା ଶିଶୁ ସୁରକ୍ଷା ସଦସ୍ୟ ରସ୍ମିତା ସାବତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀନିବାସର ମାଟ୍ରୋନ, ସମସ୍ତ ପଞ୍ଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀଙ୍କ ସମେତ ଲୋକ ପ୍ରତିନିଧି ଙ୍କ ଉପସ୍ଥିତି ରେ ବିଭିନ୍ନ ସଚେତନା ଉପରେ ଆଲଚନା ହୋଇଥିଲା। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଦୁର୍ଗମ ଇଲାକାରେ ମାତୃ ଓ ଶିଶୁ ମୃତ୍ୟୁ ହାରରେ ରକ ଲଗେଉବା, ବାଲ୍ୟ ବିବାହ ପ୍ରଥାକୁ କେଉଁ ଭଳି ମୂଳପୁଛ କରା ଯାଇପାରିବ ସେ ଦିଗରେ ବିଭିନ୍ନ ପଦେକ୍ଷେପ ନେବା ସହ ଆମେ ସବୁ ଏକଜୁଟ ହୋଇ ସମାଜର ବାଲ୍ୟ ବିବାହ ପ୍ରଥାକୁ ହଟାଇ ଦିଆଯାଇ ପରିବାର ସେ ନେଇ ଉପସ୍ଥିତି ଅତିଥି ମାନେ କହିଥିଲେ।



# ଅସହ୍ୟ ହେଲା ଋଣଭାର: ବିଷ ପିଇ ଜୀବନ ହାରିଲେ ପରିବାରର ୭ ସଦସ୍ୟ



ଚଣ୍ଡିଗଡ଼, ୨୭।୫ (ଏଜେନ୍ସି): ୨୦ କୋଟି ଟଙ୍କାର ଋଣଭାର । ପୁଣି ଋଣଦାତାଙ୍କ ହତ୍ୟା ଧମକ । ଏଭଳି ଚାପ ସହିନପାରି ଉତ୍ତରାଖଣ୍ଡର ଏକ ପରିବାର ଚରମ ପଦକ୍ଷେପ ନେଇଛନ୍ତି । ପରିବାରର ସମସ୍ତ ସାତ ଜଣ ସଭ୍ୟ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ସେମାନଙ୍କର ମୃତଦେହ ହରିଆଣାର ପଞ୍ଚକୁଲା ନିକଟରେ ଏକ କାର ଭିତରୁ ଉଦ୍ଧାର କରାଯାଇଛି । ମୃତକମାନଙ୍କ ମଧ୍ୟରେ ଅଛନ୍ତି ଦଂପତି, ସେମାନଙ୍କ ପିତାମାତା ଓ ତିନି ପିଲା (ଦୁଇ ଝିଅ ଏବଂ ଗୋଟିଏ ପୁଅ) । କାର ଭିତରୁ ପୁଲିସ ସୁଇସାଇଡ୍ ନୋଟ୍ ଉଦ୍ଧାର କରିଛି ଏବଂ ଋଣଭାର ସହିନପାରି ସେମାନେ ଆତ୍ମହତ୍ୟା କରିଥିବା ଏଥିରେ ଉଲ୍ଲେଖ ରହିଛି । ଦୁଇ ମାସ ତଳେ ଏହି ପରିବାର ଡେରାଡୁନରୁ ଆସି ପଞ୍ଚକୁଲା ନିକଟରେ ରହୁଥିଲେ ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ରାତିରେ ଜଣେ ବ୍ୟକ୍ତି ରାସ୍ତାକଡ଼ରେ ପରିତ୍ୟକ୍ତ ଅବସ୍ଥାରେ ଗୋଟିଏ କାର ଥୁଆ ହୋଇଥିବା ଦେଖିଥିଲେ । ।ସେ ପାଖକୁ ଯାଇ ଦେଖିଲେ ଯେ କାର ଭିତରେ ୬ ଜଣ ବ୍ୟକ୍ତି ନିଶ୍ଚଳ ହୋଇପଡ଼ିଛନ୍ତି । ସପ୍ତମ ବ୍ୟକ୍ତି ଜଣକ କାର ବାହାରେ ବସିଥିଲେ ଏବଂ ସେ ନିଶ୍ୱାସ ନେଇପାରୁ ନଥିଲେ । ବ୍ୟକ୍ତି ଜଣକ ତାଙ୍କ ପାଖକୁ ଯିବାରୁ ସେ କହିଥିଲେ, 'ଋଣଭାର ଯୋଗୁଁ ଆମେ ସମୂହ ଆତ୍ମହତ୍ୟା କରିଛୁ ଏବଂ ୫ ମିନିଟ ମଧ୍ୟରେ ମୁଁ ମଧ୍ୟ ମରିଯିବି ।' ଆଖପାଖରେ ଥିବା ଲୋକେ ଖବର ପାଇ ସେମାନଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ । ସେଠାରେ ୬ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ତେବେ ସପ୍ତମ ବ୍ୟକ୍ତି ଜଣକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସପ୍ତମ ବ୍ୟକ୍ତି ଜଣକ ହେଉଛନ୍ତି ବ୍ୟବସାୟୀ ଏବଂ ତାଙ୍କ ବୟସ ୪୨ ବର୍ଷ ହେବ ବୋଲି ଜଣାପଡ଼ିଛି । ଆତ୍ମହତ୍ୟା କରିଥିବା ତିନି ପିଲାଙ୍କର ବୟସ ୧୧ରୁ ୧୪ ବର୍ଷ ହେବ ।

**■ କାର ଭିତରୁ ମୃତଦେହ ଉଦ୍ଧାର**

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତ ସମସ୍ତ ବ୍ୟକ୍ତି ହେଉଛନ୍ତି ବ୍ୟବସାୟୀ ପରିବାରର । ଏହି ପରିବାର ପଞ୍ଚକୁଲାରେ ରହୁଥିଲେ । ୨୦୦୫ରୁ ୨୦୦୮ ମଧ୍ୟରେ ବ୍ୟବସାୟରେ ଭୀଷଣ କ୍ଷତି ହେବାରୁ ସେମାନେ ଘର, କାରଖାନା ଓ ଅନ୍ୟାନ୍ୟ ସଂପତ୍ତି ଛାଡ଼ି ଡେରାଡୁନ ପଳାଇଥିଲେ । ଦୁଇ ମାସ ତଳେ ସେମାନେ ପଞ୍ଚକୁଲା ଫେରି ଆସି ଟ୍ୟାକ୍ସି ବ୍ୟବସାୟ କରୁଥିଲେ । ପଞ୍ଚକୁଲାରେ ସେମାନଙ୍କର ଅଢ଼େଇ କୋଟି ଟଙ୍କାର ଏକ ଫ୍ଲାଟ୍ ଥିଲା । ଋଣ ପରିଶୋଧ କରିନପାରିବାରୁ ବ୍ୟାଙ୍କ ଏହି ଫ୍ଲାଟକୁ ଜବତ କରିଥିଲା । ଅନ୍ୟ ଋଣଦାତାମାନେ ମଧ୍ୟ ଟଙ୍କା ପାଇଁ ସେମାନଙ୍କ ଉପରେ ପ୍ରବଳ ଚାପ ପକାଇବା ସହିତ ଧମକଚମକ ଦେଉଥିଲେ ବୋଲି ଆତ୍ମହତ୍ୟା କରିଥିବା ପରିବାରର ଜଣେ ସଂପର୍କୀୟ କହିଛନ୍ତି । ପୁଲିସ ସମଗ୍ର ଘଟଣାର ତଦନ୍ତ କରୁଛି । ଏହା ହତ୍ୟା ନା ଆତ୍ମହତ୍ୟା, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ନିଜ ବୋମାରେ ଉଡ଼ିଗଲା ଖଲିସ୍ତାନୀ ଆତଙ୍କୀ

ଅମୃତସର,୨୭।୫(ଏଜେନ୍ସି): ମଙ୍ଗଳବାର ସକାଳେ ପଞ୍ଜାବର ନୌସେରାରେ ବୋମା ବିସ୍ଫୋରଣରେ ଜଣେ ଖଲିସ୍ତାନୀ ଆତଙ୍କବାଦୀ ନିହତ ହୋଇଛି । ବାବର ଖଲସା ଇଣ୍ଟରନ୍ୟାସନାଲ( ବିକେଆଇ) ସଂଗଠନ ସହ ସଂପୃକ୍ତ ଥିବା ଏହି ଆତଙ୍କବାଦୀ ଜଣକ ଅମୃତସର-ମାଜିଥା ସଡ଼କପଥ ନିକଟରେ ନୌସେରା ଗ୍ରାମ ନିକଟରେ ଏକ ବୋମା ପୋତିଥିଲା ବେଳେ ମଙ୍ଗଳବାର ସକାଳେ ଏହାକୁ ଖୋଜିବାକୁ ଆସିଥିଲା । ଯେଉଁଠି ସେ ବୋମା ପୋତିଥିଲା ସେଠାରେ ଖୋଳିବା ବେଳେ ବୋମା ବିସ୍ଫୋରଣ ହେବାରୁ ତା'ର ଦୁଇ ହାତ ଉଡ଼ିଯାଇଥିଲା । ଏହାପରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଥିବା ନୌସେରା ବର୍ଡର ରେଞ୍ଜ ଡିଆଇଜି ସତିନ୍ଦର ସିଂ କହିଛନ୍ତି । ତେବେ ସଂପୃକ୍ତ ଆତଙ୍କବାଦୀର ନାମ ଏବଂ ଠିକଣା ଜଣାପଡ଼ି ନାହିଁ । ପଞ୍ଜାବ ପୁଲିସର ବୋମା ନିଷ୍କ୍ରିୟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ପାକିସ୍ତାନର ୭୨ ସୀମା ପୋଷ୍ଟ ଉଡାଇଥିଲା ବିଏସ୍ଏଫ

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ଭାରତୀୟ ସୀମା ସୁରକ୍ଷାବାହିନୀ (ବିଏସଏଫ) ପକ୍ଷରୁ ପାକିସ୍ତାନର ୭୨ଟି ପୋଷ୍ଟ ଏବଂ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌କୁ କିଭଳି ଉଡାଇ ଦିଆଯାଇଥିଲା ତାହାର ଏକ



ଭିଡିଓ ଜାରିକରାଯାଇଛି । ବିଏସଏଫ ଆଇଜି ଶଶାଙ୍କ ଆନନ୍ଦ ମଙ୍ଗଳବାର ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହିତ ଅଖନୂର,ସାମ୍ବା, ଆରଏସ ପୂରା,ଲୋନି,ମାସ୍ତପୁର ଏବଂ ଛାବ୍ରା ଆଦି ସୀମା ପଏଣ୍ଟରେ ବିଏସଏଫ ପକ୍ଷରୁ ପାକିସ୍ତାନୀ ପୋଷ୍ଟ ଉପରେ ଆକ୍ରମଣ କରାଯାଇ ସେଗୁଡିକୁ କିଭଳି ନଷ୍ଟ କରିଦିଆଯାଇଥିଲା ତାହାର ଏକ ଭିଡିଓ ପ୍ରଦର୍ଶନ କରିଛନ୍ତି । ବିଶେଷକରି ପାକିସ୍ତାନୀ ପୋଷ୍ଟ ଏବଂ ଟେରର ଲଞ୍ଚପ୍ୟାଡ୍‌କୁ ସଠିକ୍ ଟାର୍ଗେଟ କରି ସେଗୁଡିକୁ ନଷ୍ଟ କରି ଦେବାରେ ବିଏସଏଫ ଯବାନଙ୍କ ଉତ୍କର୍ଷତାକୁ ପ୍ରଦର୍ଶନ କରାଯାଇଛି ।

**■ ଜୁନ୍‌ରୁ ସେପ୍ଟମ୍ବର ୧୦୬ ପ୍ରତିଶତ ବର୍ଷା**

# ମଧ୍ୟପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରରେ ଅଧିକ ବର୍ଷିବ

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଏ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ସହିତ ଜୁନ୍‌ରୁ ସେପ୍ଟମ୍ବର ମାସ ମଧ୍ୟରେ ୧୦୬ ପ୍ରତିଶତ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ ପ୍ରାକ୍ ଆକଳନ କରାଯାଇଛି । ମଙ୍ଗଳବାର ଆଇଏମଡି ପକ୍ଷରୁ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଏ ବର୍ଷ ମୌସୁମୀ ଋତୁରେ ୧୦୬ ପ୍ରତିଶତ ବର୍ଷା ହେବ । ଯାହାକି ସ୍ୱାଭାବିକ ଠାରୁ ଅଧିକ । ଚଳିତ ବର୍ଷ ମୌସୁମୀର ଆଗମନ ଆଗୁଆ ରହିଥିଲା ବେଳେ ଏହାର ଅଗ୍ରଗତି ଆଶାନୁରୂପ ରହିଛି ଓ ଆଗାମୀ ଦିନରେ ଏହା ଆଉ କିଛି ରାଜ୍ୟରେ ସକ୍ରିୟହେବ ବୋଲି ସେ କହିଛନ୍ତି । ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ଅର୍ଥନୀତି ପାଇଁ ଅନୁକୂଳ ହେବ । କୃଷି ଭାରତୀୟ ଜିଡିପି ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବେଳେ ସ୍ୱାଭାବିକ ଠାରୁ ଅଧିକ ବର୍ଷା କୃଷି ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି ।

**■ ଚକିତ ହୋଇଥିଲେ ସ୍କଟିସ୍ ୟୁଟ୍ୟୁବର୍**


# ଜ୍ୟୋତିଙ୍କୁ ପାକିସ୍ତାନରେ ମିଳୁଥିଲା କଡ଼ା ସୁରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପାକିସ୍ତାନର ଆଇଏସଆଇ ପାଇଁ ଗୁଇନ୍ଦାଗିରି କରୁଥିବା ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ କଳାକାରନାମା ସମ୍ପର୍କରେ ବେଳକୁ ବେଳ ବହୁ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଥିବା ବେଳେ ପାକିସ୍ତାନରେ ତାଙ୍କୁ କିଭଳି କଡ଼ା ସୁରକ୍ଷା ମିଳୁଥିଲା ସେ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଛି । ଜ୍ୟୋତି ଦୁଇ ଦୁଇ ଥର ପାକିସ୍ତାନ ଗସ୍ତ କରିଥିଲା ବେଳେ ସେଠାରେ ସେ ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟମାନଙ୍କୁ ଭେଟୁଥିଲେ । ଏହି ସମୟରେ



ତାଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥାକୁ ଦେଖି ସ୍କଟଲାଣ୍ଡରେ ଜଣେ ୟୁଟ୍ୟୁବର ବିସ୍ମିତ ହୋଇପଡ଼ିଥିଲେ । ସ୍କଟିସ୍ ୟୁଟ୍ୟୁବର କାଲମ ମିଲ ଦେଇଥିବା ତଥ୍ୟ ଅନୁସାରେ ସେ ଯେତେବେଳେ ପାକିସ୍ତାନ ଯାଇଥିଲେ ସେତେବେଳେ ଜ୍ୟୋତି ମଧ୍ୟ ପାକିସ୍ତାନ ଯାଇଥିଲେ । ଏହି ସମୟରେ ଲାହୋରର ଅନାରକଲି ବଜାରରେ କାଲମ ସୁଟିଂ କରୁଥିଲା ବେଳେ ସେ ଜ୍ୟୋତିଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଜଣେ ଭାରତୀୟ ୟୁଟ୍ୟୁବର ଭାବେ ତାଙ୍କ ସହ କିଛି ସମୟ କଥା ହୋଇଥିଲେ । ହେଲେ ଏହି ସମୟରେ ଜ୍ୟୋତିଙ୍କ ପାଇଁ ଯେଉଁଳି ସୁରକ୍ଷା ବ୍ୟବସ୍ଥା ହୋଇଥିଲା ତାହାକୁ ଦେଖି କାଲମ ତଟସ୍ଥ ହୋଇଯାଇଥିଲେ । ଜଣେ ୟୁଟ୍ୟୁବରଙ୍କୁ ଯେ ଏଭଳି ସୁରକ୍ଷା ମିଳିପାରେ ତାହା ସେ କେବେ ଚିନ୍ତା କରି ନଥିବା କହିଛନ୍ତି । ଜ୍ୟୋତିଙ୍କୁ ପ୍ରାୟ ୬ ଜଣ ବନ୍ଧୁକଧାରୀ ଘେରି ରହିଥିଲେ ଏବଂ ସେ ଜୁଆଡେ ଯାଉଥିଲେ ଏହି ସୁରକ୍ଷାକର୍ମୀମାନେ ତାଙ୍କ ପଛେ ପଛେ ଯାଉଥିବା ସେ ଦେଖିଥିଲେ ବୋଲି ପ୍ରକାଶ କରିଛନ୍ତି ।

# ପାକିସ୍ତାନକୁ ମୋଦୀଙ୍କ ଚେତାବନୀ: ଇଟାର ଜବାବ ପଥରରେ ଦିଆଯିବ




ଅହମ୍ମଦାବାଦ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇଥିଲା ବେଳେ ମଙ୍ଗଳବାର ଅହମ୍ମଦାବାଦରେ ପୁଣି ପାକିସ୍ତାନ ଉପରେ ବର୍ଷିଛନ୍ତି । ଗୁଜରାଟ ନଗର ଉନ୍ନୟନର ୨୦ ତମ ବାର୍ଷିକୀ ସମାରୋହରେ ଯୋଗ ଦେଇ ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ସେ ପାକିସ୍ତାନକୁ ଏଣିକି ଇଟାର ଜବାବ ପଥରରେ ଦିଆଯିବ ବୋଲି କହିଛନ୍ତି । ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ସେ କହିଥିଲେ ଯେ, ସେମାନେ ଆତଙ୍କବାଦୀଙ୍କୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରୁଛନ୍ତି । ଆତଙ୍କବାଦୀଙ୍କ ମାଧ୍ୟମରେ ପାକିସ୍ତାନ ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଛି ବୋଲି କୁହାଯାଉଛି । କିନ୍ତୁ ଏହା ପ୍ରକୃତରେ ସେମାନଙ୍କ ରଣନୀତି ଏବଂ ଏହି ଉପାୟରେ ସେମାନେ ଭାରତ ବିରୋଧରେ ଯୁଦ୍ଧ ଚଳାଇଛନ୍ତି । କିନ୍ତୁ ଭାରତ ମଧ୍ୟ ନିଜ ରଣନୀତି ବଦଳାଇସାରିଛି । ପାକିସ୍ତାନର କୌଣସି ହରକତ୍‌କୁ ଭାରତ ଠିକଣା ଢଙ୍ଗରେ ଜବାବ ଦେବାକୁ ପ୍ରସ୍ତୁତ ବୋଲି ମୋଦୀ କହିଛନ୍ତି ।

ଅପରେସନ ସିନ୍ଦୂରର ସଫଳତାକୁ ପୁଣି ଦୋହରାଇ ସେ କହିଥିଲେ ଯେ, ଆମ ସେନା ପାକିସ୍ତାନକୁ ଯେଉଁଳି ଶିକ୍ଷାଦ୍ଇଛେନ୍ତି ତାହାକୁ କୌଣସି ଦେଶବାସୀ ଭୁଲିପାରିବେ ନାହିଁ । ଭାରତ ବିରୋଧରେ ସେମାନେ କଦାଚିତ ପ୍ରତ୍ୟକ୍ଷ ଯୁଦ୍ଧ ଜିତିପାରିବେ ନାହିଁ ଜାଣିଛନ୍ତି । ତେଣୁ ପାକିସ୍ତାନ ଆତଙ୍କବାଦୀଙ୍କ ଜରିଆରେ ଛାୟା ଯୁଦ୍ଧକୁ ଆଶ୍ରୟ କରିଛି । ହେଲେ ଭାରତ ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେଇଛି ବୋଲି ମୋଦୀ କହିଥିଲେ ।

# ଆଲୋଚନା ପାଇଁ ପ୍ରସ୍ତାବ ଦେଲେ ଶେହବାଜ୍

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୂଟନୈତିକ ଯୁଦ୍ଧ ଆହୁରି ତୀବ୍ର ହୋଇଛି । ପାକିସ୍ତାନ ସିନ୍ଧୁ ଜଳ ବନ୍ଦକୁ ନେଇ ଜାତିସଂଘ ଠାରୁ ଆରମ୍ଭ କରି ବିଭିନ୍ନ ଦେଶରେ ଭାରତ ବିରୋଧରେ ଅଭିଯାନ ଚଳାଇଥିଲା ବେଳେ ଅନ୍ୟପଟେ ଭାରତ ପାକିସ୍ତାନର ଆତଙ୍କବାଦକୁ ନେଇ ବିଶ୍ୱ ସମାଜକୁ ଅବଗତ କରିବାରେ ଲାଗିଛି । ଏହାମଧ୍ୟରେ ପାକିସ୍ତାନ ଭାରତ ସହ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହେଁ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କହିଛନ୍ତି । କଶ୍ମୀର, ସିନ୍ଧୁ ନଦୀ ଜଳ ଚୁକ୍ତି, ବ୍ୟବସାୟ ବାଣିଜ୍ୟ ଏବଂ ଆତଙ୍କବାଦ ଭଳି ବିଭିନ୍ନ ପ୍ରସଙ୍ଗରେ ପାକିସ୍ତାନ ଭାରତ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ଆଗ୍ରହୀ ଅଛି ବୋଲି ଶେହବାଜ କହିଛନ୍ତି । ଶେହବାଜ ସଂପ୍ରତି ଇରାନ ଗସ୍ତରେ ଯାଇଥିଲା ବେଳେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ , ଭାରତ ସହିତ ବିଭିନ୍ନ କ୍ଷେତ୍ରରେ ରହିଥିବା ବିବାଦକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପାକିସ୍ତାନ ରାଜି ଅଛି । ଇସଲାମାବାଦ ଅତ୍ୟନ୍ତ ହୃଦୟତା ଏବଂ ଗମ୍ଭୀରତା ସହ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛି । ଯଦି ଭାରତ ପାକିସ୍ତାନର ଏହି ପ୍ରସ୍ତାବକୁ ଗ୍ରହଣ କରି ଆଲୋଚନା ପାଇଁ ସହମତ ହୁଏ ତେବେ ଅନେକ ସମସ୍ୟାର ସମାଧାନ ସମ୍ଭବ ବୋଲି ଶେହବାଜ୍



କହିଛନ୍ତି । ହେଲେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନଗୁଡିକୁ ଯେଉଁଳି ପ୍ରୋତ୍ସାହନ ଦିଆଯାଉଛି ତାହାକୁ ବନ୍ଦ କରାଯିବା କି ନାହିଁ ସେ ସମ୍ପର୍କରେ ଧାଡ଼ିଟିଏ କହିନାହାନ୍ତି । ଅନ୍ୟପକ୍ଷରେ ପାକିସ୍ତାନ ସୀମାପାର ଆତଙ୍କବାଦ ବନ୍ଦ ନ କଲା ଯାଏଁ ଆଲୋଚନା ସମ୍ଭବ ନୁହେଁ ବୋଲି ଭାରତ ବହୁ ପୂର୍ବରୁ ନିଜର ଆଭିମୁଖ୍ୟକୁ ଦୋହରାଇ ଆସିଛି ଏବଂ ଏବେ ମଧ୍ୟ ଏହି ନୀତିରୁ ବାହାରି ନାହିଁ । ଭାରତର ଏହି ମନୋଭାବକୁ ନେଇ ପ୍ରଧାନମନ୍ତ୍ରୀ ଶେହବାଜ୍ ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଇତିମଧ୍ୟରେ ତୁର୍କୀ, ଇରାନ, ଅଜରବୈଜାନ ଏବଂ ତାଜାକିସ୍ତାନ ଭଳି ବିଭିନ୍ନ ରାଷ୍ଟ୍ର ଗସ୍ତ କରିଛନ୍ତି ।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପୂର୍ବତନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିଥିବା ଘଟଣାରେ ସରକାର ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ସମ୍ଭାବନା ବଢ଼ିଛି ।ଏହି ମାମଲାରେ ସୁପ୍ରିମକୋର୍ଟର ଆଭ୍ୟନ୍ତରୀଣ ଯାଞ୍ଚ କମିଟି ପକ୍ଷରୁ ଜଷ୍ଟିସ ବର୍ମାଙ୍କ ବିରୋଧରେ ନକରାତ୍ମକ ଟିପ୍ପଣୀ ସହିତ ଅଭିଯୋଗ ଦାଖଲ କରାଯିବା ପରେ ସରକାର ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବେ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ୍ ଦିଲ୍ଲୀ ହାଇକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରୁଥିଲା ବେଳେ ଗତ ମାର୍ଚ୍ଚ ୧୪ ତାରିଖରେ ତାଙ୍କର ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ନିଆଁ ଲାଗି ଯାଇଥିଲା । ନିଆଁ ଲିଭାଇବାକୁ ଅଗ୍ନିଶମ ଟିମ୍ ପହଞ୍ଚିଥିଲା ବେଳେ ଏହି ସମୟରେ ବିପୁଳ ପରିମାଣର ଟଙ୍କା ଅଖା ଭିତରେ ଲୁଚା ହୋଇ ରଖାଯାଇଥିବା ଦେଖିବାକୁ ପାଇଥିଲେ । ସେତେବେଳେ ଜଷ୍ଟିସ୍ ବର୍ମା ଘରେ ଉପସ୍ଥିତ ନ ଥିଲେ ମଧ୍ୟ ଏହି ବିଷୟ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା । ଜଣେ ହାଇକୋର୍ଟ ବିଚାରପତିଙ୍କ ଘରୁ ଏତେ ପରିମାଣର ଟଙ୍କା ମିଳିବା ଘଟଣାକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ବଢିଥିଲା । ଏହାପରେ ଜଷ୍ଟିସ୍ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟ ବଦଳି କରାଯାଇଥିଲା ଏବଂ ଟଙ୍କା ମିଳିବା ଘଟଣାର ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏକ ତିନି ଜଣିଆ କମିଟି ଗଠନ କରାଯାଇଥିଲା । ଏହି କମିଟି ମେ ' ୩ ତାରିଖରେ ରିପୋର୍ଟ ଦାଖଲ କରିବା ସହିତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି । ଜଷ୍ଟିସ୍ ବର୍ମା ଏବେ ଆହ୍ଲାବାଦ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରୁଛନ୍ତି ।

# ଭାରତ ନିର୍ମାଣ କରିବ ଅତ୍ୟାଧୁନିକ ଷ୍ଟେଲଥ୍ ଯୁଦ୍ଧ ବିମାନ

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୂର ସଫଳତାକୁ ନେଇ ଏବେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ଚାଲିଛି । ବିଶେଷକରି ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ଏହି ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବାରୁ ଦେଶର ପ୍ରତିରକ୍ଷା ଗବେଷଣା ସଂସ୍ଥା ଏବଂ ଉତ୍ପାଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଙ୍ଗଳବାର ନିଆଯାଇଥିବା ଏକ ବଡ଼ ନିଷ୍ପତ୍ତି ଅନୁଯାୟୀ ଭାରତୀୟ ବାୟୁସେନାକୁ ଅଧିକ ସଶକ୍ତ କରିବା ଲାଗି ଏକ ନୂଆ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି । ଭାରତରେ ୫ମ ପିଢ଼ିର ଷ୍ଟେଲଥ ଯୁଦ୍ଧ ବିମାନ ନିର୍ମାଣ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମସିଏ)' ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଦେଇଛନ୍ତି । ଏଏମସିଏ ହେଉଛି ଭାରତୀୟ ବାୟୁସେନା ପାଇଁ ଡିଜାଇନ୍ କରାଯାଇଥିବା ଏକ ପଞ୍ଚମ ପିଢ଼ିର ଉନ୍ନତ ମଧ୍ୟମ ଯୁଦ୍ଧ ବିମାନ । ଏହାକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ପ୍ରସ୍ତୁତ କରାଯିବା ସହିତ ଏଥିରେ ସୁପରକ୍ରୁଜ୍, ଉନ୍ନତ ସେନ୍ସର, ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟେଲଥ ପ୍ରଯୁକ୍ତିବିଦ୍ୟା ଭଳି ବୈଶିଷ୍ଟ୍ୟ ରହିବ । ଷ୍ଟେଲଥ ପ୍ରଯୁକ୍ତିବିଦ୍ୟା ଯୋଗୁ ଏହି ବିମାନ ଶତ୍ରୁପକ୍ଷ ରାଡାରକୁ ମାତ୍ ଦ୍ଇ ନିଜ ଲକ୍ଷ୍ୟସାଧନ କରିପାରିବ । ଏହା ବ୍ୟତୀତ ଏହା ଶବ୍ଦର ବେଗ ତୁଳନାରେ ଯଥେଷ୍ଟ ଅଧିକ ବେଗରେ ଗତି କରିବାର କ୍ଷମତା ରଖିବ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଅଧୀନରେ କାର୍ଯ୍ୟ କରୁଥିବା ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସି (ଏଡିଏ)

**■ ଏଏମସିଏ ପ୍ରକଳ୍ପକୁ ପ୍ରତିରକ୍ଷା ବିଭାଗର ମଞ୍ଜୁରୀ**



ଏହି ପ୍ରକଳ୍ପର ନେତୃତ୍ୱ ନେବ ବୋଲି କୁହାଯାଇଛି । ଏଡିଏ ଘରୋଇ ଏବଂ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ସହିତ ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବ ବୋଲି ଯୋଜନା ରହିଛି । ୨୦୩୦ ସୁଦ୍ଧା ଭାରତୀୟ ବାୟୁସେନାକୁ ଏହି ଅତ୍ୟାଧୁନିକ ବିମାନ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ବିମାନର ଓଜନ ପ୍ରାୟ ୨୫ ଟନ୍ ହେବ ଏବଂ ଏହା ରାଫେଲ ଓ ସୁଖୋଇ ଅପେକ୍ଷା ଆକାରରେ ଛୋଟ ହେବା ସହିତ ଅଧିକ ଦ୍ରୁତ ଗତିରେ ଉଡାଣ କରିପାରିବ । ଏହା ଆକାଶରୁ ଆକାଶ ଏବଂ ଆକାଶରୁ ଭୂମି ଉପରେ ଲକ୍ଷ୍ୟ ସାଧନ କରିବାକୁ ସକ୍ଷମ ହେବ ବୋଲି କୁହାଯାଇଛି ।

# ଚିନ୍ତା ବଢ଼ାଇଛି କରୋନାର ଦୁଇ ନୂଆ ଭ୍ୟାରିଆଣ୍ଟ



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଦକ୍ଷିଣ ଏସିଆର ବିଭିନ୍ନଦେଶରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିଲା ବେଳେ ଭାରତରେ ମଧ୍ୟ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି । ସପ୍ତାହ ମଧ୍ୟରେ କରୋନା ସକ୍ରିୟ ମାମଲା ବୃଦ୍ଧି ପାଇ ମଙ୍ଗଳବାର ସୁଦ୍ଧା ୧୦୧୦ରେ ପହଞ୍ଚିଥିବା କୁହାଯାଇଛି । କେରଳରୁ କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ୨୦ ରାଜ୍ୟରେ ନୂଆ ମାମଲା ବଢି ଚାଲିଛି । ଏବେ ସୁଦ୍ଧା ଦେଶରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ କେବଳ ମହାରାଷ୍ଟ୍ରରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ତେବେ ଏହାମଧ୍ୟରେ କରୋନାର ଦୁଇଟି ନୂଆ ଭ୍ୟାରିଆଣ୍ଟ ଚିନ୍ତା ବଢାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଅତିକ୍ରମ କରିଥିଲା ବେଳେ କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି ।ସକ୍ରିୟ ମାମଲା ମଧ୍ୟରୁ ୭୫୨ଟି ମାମଲା ସମ୍ପର୍କରେ ରିପୋର୍ଟ କରାଯାଇଛି । ଏଭଳି ସ୍ଥିତିରେ ଭାରତୀୟ ମେଡିକାଲ ଗବେଷଣା ପରିଷଦ(ଆଇସିଏମଆର) ପକ୍ଷରୁ ସ୍ଥିତି ଉପରେ ନଜର ରଖାଯିବା ସହିତ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ ହୋଇଛି । ଆଇସିଏମଆର କହିଛି ଯେ , ଦେଶରେ ଏବେ ଏଲଏଫ.୭, ଏକ୍ସଏଫଜି, ଜେଏନ.୧ ଏବଂ ଏନବି.୧.୮.୧ ଭଳି ୪ ପ୍ରକାରର ଭ୍ୟାରିଆଣ୍ଟ ଦେଖାଦେଇଛି । ଏହାମଧ୍ୟରୁ କେତେକଙ୍କ ରିପୋର୍ଟରେ ଏନବି.୧.୮.୧ଏବଂ ଏଲଏଫ.୭ ଚିହ୍ନଟ ହୋଇଛି । ମୁମ୍ବାଇ, ପୁଣେ ଏବଂ ଥାନେ ଭଳି ସହରରେ ନୂଆ ଭାରିଆଣ୍ଟ ଦ୍ୱାରା ସର୍ବାଧିକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ତେବେ କେରଳରେ କରୋନା ସ୍ଥିତି ସବୁଠୁ ଚିନ୍ତାଜନକ ରହିଥିବା କୁହାଯାଇଛି । ଏଠାରେ ୪ ଶହରୁ ଅଧିକ ସକ୍ରିୟ କରୋନା ମାମଲା ପଞ୍ଜିକୃତ ହୋଇଛି । ଏହା ପଛକୁ ମହାରାଷ୍ଟ୍ର, ଦିଲ୍ଲୀ ଏବଂ କର୍ଣ୍ଣାଟକ ରହିଛି । ସେଥିପାଇଁ ଏହିସବୁ ରାଜ୍ୟଗୁଡିକ ପକ୍ଷରୁ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଉଛି । ସମସ୍ତ ହସ୍ପିଟାଲରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ।

# ବିପଦ ସୃଷ୍ଟି କରୁଛି ବୁଡ଼ି ଯାଇଥିବା ଜାହାଜର ତେଲ

ତିରୁଅନନ୍ତପୁରମ୍,୨୭।୫(ଏଜେନ୍ସ): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତ ରବିବାର ବୁଡିଯାଇଥିବା ଏକ ଲାଇବେରିଆ ପଣ୍ୟବାହୀ ଜାହାଜରୁ ନିର୍ଗତ ତୈଳକୁ ନେଇ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । କେବଳ ତୈଳ ନୁହେଁ ଏହି ଜାହାଜରେ ଯାଉଥିବା ୧୪ଟି କଣ୍ଟେନରରେ କ୍ୟାଲସିୟମ କାର୍ବାଇଡ୍ ଭଳି ଅତ୍ୟନ୍ତ ବିଷାକ୍ତ ପଦାର୍ଥ ଏବେ ସମୁଦ୍ର ଜଳରେ ମିଶିଥିବାରୁ ଉପକୂଳ ପରିବେଶ ପାଇଁ କ୍ଷତି ସାଧନ କରିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କିତ ହୋଇପଡ଼ିଛନ୍ତି । ଏମଏସସି ଏଲସା-୩ ନାମକ ଏହି ଜାହାଜରୁ ନିର୍ଗତ ତୈଳ ଯେଉଁଳି ସମଦ୍ର ଉପକୂଳରେ ନ ପହଞ୍ଚେ ତାହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି । ଏହାପୂର୍ବରୁ କେରଳ ସରକାରଙ୍କ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ସତର୍କତା ଜାରି କରାଯିବା ସହିତ ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ



ମାର୍ଗଦର୍ଶିକା ଜାରି କରାଯାଇଥିଲା ବେଳେ ଏବେ କେନ୍ଦ୍ର ସାମୁଦ୍ରିକ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ(ସିଏମଏଫଆରଆଇ), ସାମୁଦ୍ରିକ ଜୈବ ବିଭାଗ ଏବଂ ସୀମା ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ରୋକିବାକୁ ଜୋରଦାର ଉଦ୍ୟମ କରାଯାଉଛି । ଏହି ଜାହାଜରେ ପରିବହନ ହେଉଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ କରାଯାଇଛି ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।


**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୩- ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜନ୍ମ।
- ୧୯୫୯- ଦୁଇଟି ଆମେରିକୀୟ ମାଙ୍କଡ଼ ମହାକାଶକୁ ଯାତ୍ରା କଲେ।
- ୧୯୯୬- ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଟଳ ବିହାରୀ ବାଜପେୟୀ।
- ୧୯୯୮-ପାକିସ୍ତାନ ପରମାଣୁ ପରୀକ୍ଷା କଲା।
- ୨୦୦୮- ନେପାଳରେ ୨୪୦ ବର୍ଷ ଧରି ଚାଲି ଆସୁଥିବା ରାଜତନ୍ତ୍ରର ବିଲୋପ।

## ପ୍ରଥମ ଥର କରିବେ ଅମିର୍ ଏହି କାମ



ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଅମିର୍ ଖାନ୍ 'ସିତାରେ ଜମିନ୍ ପର୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏହାର ପୋଷ୍ଟର ଓ ଟ୍ରେଲର୍ ଲଞ୍ଚ ହେବା ପରେ ଦର୍ଶକେ ଫିଲ୍ମଟିକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ଅମିର୍ ଏହି ଫିଲ୍ମ ମାଧ୍ୟମରେ ଏପରି କିଛି କରିଛନ୍ତି ଯାହା ତାଙ୍କ ୩୦ ବର୍ଷର ଫିଲ୍ମ କ୍ୟାରିୟରରେ କରିନ ଥିଲେ। ବଲିଉଡ୍‌କୁ ଅନେକ ବ୍ଲକବଷ୍ଟର ଫିଲ୍ମ ଦେଇଥିବା ଅମିର୍ କେବେ ପୂର୍ବରୁ ସିକ୍ୱେଲ ଫିଲ୍ମରେ କାମ କରିନ ଥିଲେ। 'ସିତାରେ ଜମିନ୍ ପର' ତାଙ୍କ କ୍ୟାରିୟରର ପ୍ରଥମ ସିକ୍ୱେଲ ଫିଲ୍ମ ହେବ। ଏଠାରେ ପ୍ରକାଶ ଥାଉ କି, ୨୦୦୭ରେ 'ତାରେ ଜମିନ୍ ପର୍' ଫିଲ୍ମ ଆସିଥିଲା। 'ସିତାରେ ଜମିନ୍ ପର୍' ଏହାର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଅମିର୍ ୧୦ ଜଣ ନୂଆ କଳାକାରଙ୍କୁ ସୁଯୋଗ ଦେଇଛନ୍ତି। ଫିଲ୍ମରେ ଜେନେଲିଆ ଡିସୁଜା ଅମିର୍‌ଙ୍କ ବିପକ୍ଷରେ ନଜର ଆସିବେ। ଆର୍. ଏସ୍ ପ୍ରସନ୍ନ ଏହାର ନିର୍ଦ୍ଦେଶନା ଦେବେ। ଅମିର୍ ଏହି ଫିଲ୍ମରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିଛନ୍ତି।

## କିଛି ନ କରିବାର ପ୍ରତିଯୋଗିତା



ଦକ୍ଷିଣ କୋରିଆରେ ପ୍ରତିବର୍ଷ ଏକ ନିଆରା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଛି। ଏଥର ମଧ୍ୟ ଏହାର ୧୧ତମ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହା ଏମିତି ଏକ ପ୍ରତିଯୋଗିତା, ଯେଉଁଥିରେ ପ୍ରତିଯୋଗୀଙ୍କୁ କିଛି ବି କରିବାକୁ ପଡ଼ି ନ ଥାଏ। ସେମାନେ କେବଳ ବସି ରୁହନ୍ତି। ଏହି ପ୍ରତିଯୋଗିତାର ନାଁ 'ସ୍ପେସ୍ ଆଉଟ୍'। ଏଥିରେ ସାମିଲ ପ୍ରତିଯୋଗୀଙ୍କୁ ୯୦ ମିନିଟ୍ ପର୍ଯ୍ୟନ୍ତ କିଛି କରିବାକୁ ପଡ଼ି ନ ଥାଏ। ଅର୍ଥାତ୍ ସେମାନେ କାହାରି ସହିତ କଥାବାର୍ତ୍ତା କରିବେନି କି ଶୋଇବେ ନାହିଁ। ଏପରିକି ଏହି ସମୟ ମଧ୍ୟରେ ସେମାନେ କୌଣସି ଇଲେକ୍ଟ୍ରୋନିକ୍ ଡିଭାଇସ୍ ମଧ୍ୟ ବ୍ୟବହାର କରି ନ ଥାନ୍ତି। କେବଳ ସେମାନଙ୍କୁ ଶାନ୍ତ ଭାବେ ବସି ରହି ହୃତ୍ ସ୍ପନ୍ଦନକୁ ନିୟନ୍ତ୍ରଣରେ ରଖିବାକୁ ହୋଇଥାଏ। ଅବଶ୍ୟ ହୃତ୍ ସ୍ପନ୍ଦନର ଗତିର ମନିଟରିଂ ଆଧାରରେ ପ୍ରତିଯୋଗିତାରେ ବିଜେତାଙ୍କୁ ମନୋନୀତ କରାଯାଏ। ତେବେ ହୃତ୍‌ସ୍ପନ୍ଦନ ଅଧିକ ସ୍ଥିର ଥିବା ପ୍ରତିଯୋଗୀ ହିଁ ଏହାର ବିଜେତା ହୋଇଥାନ୍ତି। ପ୍ରତିଯୋଗିତା ଦେଖୁଥିବା ଦର୍ଶକଙ୍କ ଭୋଟ୍ ଆଧାରରେ ବିଜେତା ଘୋଷଣା କରାଯାଏ। ହେଲେ ଏହି ପ୍ରତିଯୋଗିତା ଆୟୋଜନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଚିନ୍ତାମୁକ୍ତ ରହିବା ଏବଂ ଡିଜିଟାଲ ଦୁନିଆରୁ କିଛି ସମୟ ପାଇଁ ଆଶ୍ୱସ୍ତି ପ୍ରଦାନ କରିବା। ଏଥର ଏଥିରେ ଭାଗ ନେବା ପାଇଁ ୪,୫୪୬ ଟିମ୍ ଆବେଦନ କରିଥିଲେ। ହେଲେ ୮୦ଟି ଟିମ୍‌ରୁ କେବଳ ୧୨୬ ଜଣଙ୍କୁ ଏଥିରେ ସାମିଲ ହେବାର ସୁଯୋଗ ମିଳିଥିଲା। ସେହିପରି ଏହି ପ୍ରତିଯୋଗିତା ଚଳିତ ବର୍ଷ ସିଓଲର ଜାମସୁ ବ୍ରିଜ୍‌ର ବାନପୋ ହାନଗାଙ୍ଗ ପାର୍କରେ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତାଟିକୁ ୨୦୧୪ ମସିହାରେ କୋରିଆର ଭିଜୁଆଲ ଆର୍ଟିଷ୍ଟ ଉପସ୍ୟାଙ୍ଗ ପରିଚିତ କରାଇ ଥିଲେ।

## ବିଦେଶରେ ଭାରତୀୟ ବ୍ୟାଗ୍

ଆମେରିକାର ଲଗଜୁରି ରିଟେଲ ୱେବ୍‌ସାଇଟ୍ ନର୍ଡଷ୍ଟ୍ରମ୍ ଏକ ସାଧାରଣ ଭାରତୀୟ କପଡ଼ା ବ୍ୟାଗ୍‌କୁ ପ୍ରାୟ ୪,୧୦୦ ଟଙ୍କାରେ ବିକ୍ରି କରୁଛି। ଜାପାନୀ ବ୍ରାଣ୍ଡ ପ୍ୟୁବକୋ ଏହାକୁ 'ଇଣ୍ଡିଆନ୍ ସୋଭେନିୟର ବ୍ୟାଗ୍' ନାଁ ଦେଇଛି। ରୋଚକୀୟ କଥାଟି ହେଲା, ଏଭଳି ବ୍ୟାଗ୍ ପ୍ରତିଟି ଭାରତୀୟଙ୍କ ଘରେ ଦେଖିବାକୁ ମିଳେ। ଏହା ପୁଣି ମାଗଣାରେ ମିଳିଥାଏ। ଅର୍ଥାତ୍ ଲୋକେ ଅଧିକ ଜିନିଷ କିଣାକିଣି କରିବା ପରେ ଦୋକାନୀ ଏହାକୁ ମାଗଣାରେ ଦେଇଥାନ୍ତି। ଏଥିରେ ଦୋକାନର ନାଁ ମଧ୍ୟ ଉଲ୍ଲେଖ ଥାଏ। ସେହିପରି ପ୍ୟୁବକୋ ଏହି ବ୍ୟାଗ୍‌କୁ ଷ୍ଟାଇଲିସ୍ ଓ ନିଆରା ଡିଜାଇନ୍ ବୋଲି କହିଛି। ତା'ସହ ଏହା ଯାତ୍ରୀଙ୍କ ପାଇଁ ଜରୁରି ବୋଲି କହିଛି। ଏହି ବ୍ୟାଗ୍‌କୁ ରିସାଇକଲ ସାମଗ୍ରୀରେ ତିଆରି କରାଯାଇଛି। ଏହାକୁ ଭାରତୀୟ ସଂସ୍କୃତିର ପ୍ରତୀକ ବୋଲି କୁହାଯାଇ ବିକ୍ରି କରାଯାଉଛି। ହେଲେ ଭାରତୀୟଙ୍କ ପାଇଁ ଏହା ଅତି ସାଧାରଣ ବ୍ୟାଗ୍। ଯାହାକୁ ସେମାନଙ୍କୁ ତେଜରାତି ତଥା ମିଠା କିଣିବା ବେଳେ ମାଗଣାରେ ମିଳିଥାଏ। ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଲୋକେ ଏହା ଉପରେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।




# ସମ୍ଭାବନା



## ଥ୍ରୀଡି ଜବ୍

**ସାଧାରଣତଃ ବିଦେଶରେ ଚାକିରି କରିବା କଥା ଉଠିଲେ, ସମସ୍ତେ ଭାବନ୍ତି ସେଠାକାର ଜୀବନ ଆରାମଦାୟକ ଓ ଶାନ୍ତିପୂର୍ଣ୍ଣ ହୋଇଥିବ। ହେଲେ ବାସ୍ତବରେ କିଛି ଲୋକ ବିଦେଶରେ ଏମିତି କିଛି କାମ କରିଥାନ୍ତି, ଯାହାକୁ ଥ୍ରୀଡି ଚାକିରି ବୋଲି କୁହାଯାଏ।**

ଥ୍ରୀଡିର ଅର୍ଥ ହେଉଛି ଡାର୍ଟି, ଡେଞ୍ଜରିୟସ୍ ଓ ଡିଫିକଲ୍ଟ। ଅର୍ଥାତ୍ ଖରାପ, ଭୟାନକ ଏବଂ କଠିନ କାମ। ଏହି ଚାକିରିରେ ମୁଖ୍ୟତଃ ଶାରୀରିକ ପରିଶ୍ରମ ଅଧିକ ହୋଇଥାଏ ଏବଂ କାମର ପରିବେଶ ଅସୁରକ୍ଷିତ ଓ କଷ୍ଟକର ହୋଇଥାଏ। କନଷ୍ଟ୍ରକସନ ସାଇଟ୍‌ରେ କାମ କରିବା, ସଫେଇ କାମ, ଫ୍ୟାକ୍ଟ୍ରିରେ ଭାରି ମେସିନ ସହିତ କାମ କରିବା, ଜାହାଜ ସଫେଇ ଏବଂ ଖଣିରେ କାମ କରିବା ଚାକିରି ଏଥିରେ ସାମିଲ ଅଛି।

ଅଧିକାଂଶ ଥ୍ରୀଡି ଚାକିରିରେ କାମ କରୁଥିବା ଲୋକେ ଭାରତ, ନେପାଳ, ବାଂଲାଦେଶ, ପାକିସ୍ତାନ, ଫିଲିପିନ୍ସ ଭଳି ବିକାଶଶୀଳ ଦେଶରୁ ଆସିଥାନ୍ତି। ସେମାନେ ଭଲ ରୋଜଗାର ଏବଂ ପରିବାରକୁ ସାହାଯ୍ୟ କରିବା ପାଇଁ ବିଦେଶ ଆସି ଥ୍ରୀଡି ଚାକିରି କରନ୍ତି। ଏଭଳି ଚାକିରିରେ କାମ କରିବାର ପରିବେଶ ଅସୁରକ୍ଷିତ ହୋଇଥାଏ। ଅନେକ ସମୟରେ ଲୋକଙ୍କୁ ବିନା ହେଲମେଟ୍, ଗ୍ଲଭସ୍ ତଥା ଅନ୍ୟ ସୁରକ୍ଷା ଉପକରଣରେ କାମ କରିବାକୁ ହୁଏ। ଏପରି ଚାକିରିରେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ପଡ଼େ। ତା'ସହ କମ୍ ବିଶ୍ରାମ, କମ୍ ବେତନ ମିଳିଥାଏ।



ତେବେ ଏତେ କଷ୍ଟ ତଥା ସମସ୍ୟା ସାମ୍ନା କଲେ ବି ଲୋକେ ଏହି ଚାକିରି କରିବାକୁ କାହିଁକି ବିଦେଶ ଆସନ୍ତି, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ବିଦେଶରେ ମିଳୁଥିବା ଦରମା ଅନ୍ୟ ଦେଶ ତୁଳନାରେ ଖୁବ୍ ଅଧିକ ହୋଇଥାଏ। ଯଦିଓ କାମ କଠିନ ଥାଏ, ତଥାପି ବିଦେଶରେ କାମ କରି ଲୋକେ ନିଜ ଘର ପରିବାରକୁ ଟଙ୍କା ପଠାଇବାରେ ସଫଳ ହୋଇଥାନ୍ତି ଏବଂ ଜୀବନରେ ସୁଧାର ଆସେ। ଏହି କାରଣ ଯୋଗୁଁ ପ୍ରତିବର୍ଷ ଲକ୍ଷାଧିକ ଲୋକେ ଚାକିରି ପାଇଁ ବିଦେଶ ଆସିଥାନ୍ତି।

## ଜିନିଷର ପ୍ରଚାର ପ୍ରସାର କରୁଥିଲେ...

**କୌଣସି ଜିନିଷର ପ୍ରଚାର ପ୍ରସାର କରିବା ଲାଗି ବିଭିନ୍ନ କମ୍ପାନି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଏ। ତେବେ ପ୍ରଚାର ପ୍ରସାର ଦିଗରେ ଶବ୍ଦର ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ଶବ୍ଦରେ ଟିକେ ପରିବର୍ତ୍ତନ ଅଣାଯାଏ, ତେବେ ଜିନିଷର ପ୍ରଭାବ ଏବଂ ବଜାରରେ ବି ଏହାର ଚାହିଦା ବୃଦ୍ଧି ପାଏ।**



କୌଣସି ଜିନିଷ ଲାଗି 'ଭେରି ଗୁଡ୍' ବଦଳରେ 'ଏକ୍ସିଲେଣ୍ଟ' ତଥା 'ଅସମ୍' ବ୍ୟବହାର କରିପାରିବେ। ନଚେତ୍ ଏହାକୁ 'ଟପ୍ ପ୍ରଡକ୍ଟ' ବୋଲି ବି କୁହାଯାଇପାରିବ। ସେହିପରି ଜିନିଷ ଉପରେ ରିହାତି ଦେଉଥିଲେ 'ଡିସ୍କାଉଣ୍ଟ' ଶବ୍ଦକୁ ବ୍ୟବହାର ନ କରି 'ଲିମିଟେଡ୍ ଟାଇମ୍ ଅଫର୍' ବୋଲି କହିପାରିବେ। ଏହାବାଦ୍ 'ଚିପ୍' ଏବଂ 'ଆଫଡେବଲ' ନ କହି 'ଆସେସବଲ' ଶବ୍ଦ କହିବା ଏକ ଉତ୍ତମ ବିକଳ୍ପ। ସେହିପରି ୱେବ୍‌ସାଇଟ୍‌ରେ ଅଫର୍ ଲାଗି 'ସାଇନ୍ ଅପ୍' କରିବାକୁ କୁହାଯାଏ। ହେଲେ ଏହା ପରିବର୍ତ୍ତେ 'ଜଏନ୍ ଦ ମୁଭମେଣ୍ଟ' କହିଲେ ଅଧିକ ପ୍ରଭାବଶାଳୀ ଲାଗେ।

## ସମର୍ କୋର୍ସ

**ଗ୍ରୀଷ୍ମ ଛୁଟିରେ ସମର କ୍ୟାମ୍ପର ଚାହିଦା ବୃଦ୍ଧି ପାଏ। ତା'ସହ ସମର୍ କୋର୍ସର ବି। ଏହି ଛୁଟିରେ ପିଲାମାନଙ୍କୁ ନୂଆ ନୂଆ ଜ୍ଞାନ କୌଶଳ ଶିଖିବାକୁ ପ୍ରୟାସ କରାଯାଏ। ହେଲେ କିଛି କୋର୍ସ ଏଭଳି ଅଛି, ଯାହାକୁ ଏହି ଛୁଟିରେ କରିବା ଉତ୍ତମ।**

**କୋଡିଂ:** କୋଡିଂ କେବଳ ବଡ଼ମାନେ ନୁହନ୍ତି, ବରଂ ଏହାକୁ ଛୋଟ ପିଲାମାନେ ମଧ୍ୟ ଶିଖିପାରିବେ। ଏନେଇ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍‌ରେ ସୁବିଧା ଅଛି। ଖରା ଛୁଟିରେ ଏହି କ୍ଲାସ୍ ପିଲାଙ୍କ ପାଇଁ ଲାଭଦାୟକ ହେବ। ଏହା ଦ୍ୱାରା ପିଲା କେବଳ ଭବିଷ୍ୟତ ଟେକ୍ନୋଲୋଜି ଶିଖିବେ ନାହିଁ, ବରଂ ସ୍କୁଲର କମ୍ପ୍ୟୁଟର କ୍ଲାସ୍ ପାଇଁ ବି ପ୍ରସ୍ତୁତ ହୋଇଯିବେ।

**ଷ୍ଟୋରି ଟେଲିଂ:** ଶିକ୍ଷାଦାନର ମଜାଦାର ଶୈଳୀ ହେଉଛି ଷ୍ଟୋରି ଟେଲିଂ। ଷ୍ଟୋରିଂ ଟେଲିଂ ଦ୍ୱାରା ପିଲାଙ୍କ ପଢ଼ାଭ୍ୟାସରେ ସୁଧାର ଆସିଥାଏ। ପିଲା ଏହା ମାଧ୍ୟମରେ ନୂଆ ଶବ୍ଦ ଶିଖିଥାନ୍ତି।

**ଆର୍ଟ ଆଣ୍ଡ କ୍ରାଫ୍ଟ:** ଖରା ଛୁଟିରେ ପିଲାଙ୍କୁ ଆର୍ଟ ଆଣ୍ଡ କ୍ରାଫ୍ଟ କୋର୍ସ ପାଇଁ ପଠାଇପାରିବେ। ଏକ ଗବେଷଣାନୁସାରେ, ଅଳ୍ପ ବୟସରେ ସୃଜନାତ୍ମକ ଜିନିଷ ତିଆରି କରିବା ଦ୍ୱାରା ମସ୍ତିଷ୍କ ପ୍ରଖର ହୋଇଥାଏ। ଏହା ଦ୍ୱାରା ପିଲାଙ୍କ ଚିନ୍ତନଶକ୍ତି ବୃଦ୍ଧି ପାଏ। ଏହା ମାଧ୍ୟମରେ ପିଲାମାନେ ବହୁତ କିଛି ନୂଆ ତିଆରି କରିବା ଶିଖନ୍ତି।

**କମ୍ୟୁନିକେସନ:** କମ୍ୟୁନିକେସନ ସ୍କିଲ୍ ଆଜିର ସମୟରେ ଖୁବ୍ ଜରୁରି। ନିଜ କଥାକୁ ପ୍ରଭାବି ଶୈଳୀରେ ରଖିବାରେ ଏହାର ଆବଶ୍ୟକତା ଅଛି। କମ୍ୟୁନିକେସନରେ କାମ କରିବା ପାଇଁ ଏଥିରେ ବି ନାମ ଲେଖାଇପାରିବେ।



**ଏଆଇ:** ଏଆଇର ଚାହିଦା ଏବେ ବେଶି ଥିବାରୁ ପିଲାଙ୍କୁ ଏହା ସହିତ ପରିଚିତ କରାଇବା ଉଚିତ। ବିଭିନ୍ନ ସ୍ଥାନରେ ଏହି କୋର୍ସ ଚାଲୁଛି। ଏଆଇ ଦ୍ୱାରା ପିଲା ଡିଜାଇନିଂ ଏବଂ କଣ୍ଟେଣ୍ଟ ରାଇଟିଂ ବି ଶିଖିପାରିବେ।

**ଭଏସ୍ ଓଭର:** ଏବେ ଭଏସ୍ ଓଭର ଆର୍ଟିଷ୍ଟଙ୍କ ଗୁରୁତ୍ୱ ମଧ୍ୟ ବେଶି। ସ୍ପିଚ୍ ଥେରାପି ପାଇଁ ଏହା ଏକ ଉତ୍ତମ ବିକଳ୍ପ। ସେହିପରି ଶବ୍ଦର ଠିକ୍ ଉଚ୍ଚାରଣରେ ବି ସାହାଯ୍ୟ ମିଳେ। ଖରାଦିନ ଛୁଟିରେ ଏହି କୋର୍ସ ଲାଭଦାୟକ ହୋଇପାରେ।



## ହ୍ୱାଟ୍ସଆପ୍‌ର 'ଭଏସ୍ ଚାଟ୍ ଫିଚର୍'

ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୂଆ ଫିଚର୍ ଆଣିଥାଏ। ଏହି କ୍ରମରେ ସମସ୍ତ ଗ୍ରୁପ୍ ଚାଟ୍ ପାଇଁ ଭଏସ୍ ଚାଟ୍ ଫିଚର୍ ଲଞ୍ଚ କରାଯାଇଛି। ତେବେ ପୂର୍ବରୁ ଏହା କେବଳ ବଡ଼ ଗ୍ରୁପ୍ ପର୍ଯ୍ୟନ୍ତ ସୀମିତ ଥିଲା। ହେଲେ ଏହି ଫିଚର ଏବେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ପାଇଁ ଉପଲବ୍ଧ। ସେହିପରି ଗ୍ରୁପ୍ ଚାଟ୍‌କୁ ଅଧିକ ମଜାଦାର କରିବା ପାଇଁ ଏହି ଫିଚର୍‌କୁ ସାମିଲ କରାଯାଇଛି। ଏହି ଫିଚର୍ ବ୍ୟବହାରକାରୀଙ୍କୁ ଗ୍ରୁପ୍‌ରେ ରିୟଲ



ଟାଇମ୍ ଅଡିଓ ଚାଟ୍ କରିବାର ସୁବିଧା ପ୍ରଦାନ କରେ। ବିଶେଷକଥା ହେଉଛି, ଏହା ଦ୍ୱାରା ଗ୍ରୁପ୍‌ରେ କାହାକୁ କଲ୍ କରିବାକୁ ପଡ଼ି ନ ଥାଏ, ବରଂ ଗ୍ରୁପ୍ ମଧ୍ୟରେ ଏକ ଅଡିଓ ସେସନ୍ ଆରମ୍ଭ ହୋଇଥାଏ। ତେବେ ଅଧିକ ସଦସ୍ୟ ଥିବା ଗ୍ରୁପ୍ ପାଇଁ ଏହା ଉଦ୍ଦିଷ୍ଟ। ଅନ୍ୟପଟେ ଏହି ଭଏସ୍ ଚାଟ୍ ଫିଚର୍‌ରେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦିଆଯାଇଛି। ଅର୍ଥାତ୍ ଏହା ଦ୍ୱାରା ଅଡିଓ କଥାବାର୍ତ୍ତା ଗୋପନୀୟ ଓ ସୁରକ୍ଷିତ ରହିବ। ଗ୍ରୁପ୍ ବାହାରେ କୌଣସି ବ୍ୟକ୍ତି ଏହାକୁ ଶୁଣିପାରିବେ ନାହିଁ କି ଏଥିରେ ସାମିଲ ହୋଇପାରିବେ ନାହିଁ। ଅନ୍ୟପଟେ ଏହି ଫିଚର୍ ବ୍ୟବହାର କରିବା ପାଇଁ ଆପ୍‌ର ଅପଡେଟ୍ ଭର୍ସନ ଡାଉନଲୋଡ୍ କରିବାକୁ ହେବ।



# କ୍ରୀଡ଼ା




ସକାଳ
THE SAKALA
www.sakalaepaper.com


## ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବରେ ଅପରେସନ ସିନ୍ଦୂରକୁ ଦିଆଯିବ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୨୭ ।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୁର'କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦିଆଯିବ । ଏଥିପାଇଁ ସେନାର ପରାକ୍ରମକୁ ସମ୍ମାନିତ କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି । ଅପରେସନ ସିନ୍ଦୁରର ସଫଳତାକୁ ନେଇ ଉତ୍ସବ ମନାଇଇବା ପାଇଁ ୩ଜଣ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ କରାଯିବ । ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌ ସେନା ମୁଖ୍ୟ ଆଡମିରାଲ ଦୀନେଶ କେ ତ୍ରିପାଠୀ ଓ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସମେତ ସେନାର ପ୍ରମୁଖ ଅଧିକାରୀମାନଙ୍କୁ ଅହମ୍ମଦାବାଦରେ ଆୟୋଜନ ହେବାକୁ ଥିବା ଆଇପିଏଲ୍ ଫାଇନାଲ ମ୍ୟାଚ୍ ଦେଖିବାକୁ ନିମନ୍ତ୍ରଣ କରାଯିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଜୁନ୍ ୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଉଲ୍ଲେଖଥାଉ କି, ଏପ୍ରିଲ ୨୨ ତାରିଖରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ମେ ୬ ଓ ୭ ତାରିଖରେ ଅପରେସନ ସିନ୍ଦୂର ଚଳାଇ ପାକିସ୍ତାନର ୯ ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ କରିଥିଲା । ଅବଶ୍ୟ ପରେ ପାକିସ୍ତାନର ଅନୁରୋଧ କ୍ରମେ ଭାରତ ଏହି ଅପରେସନ ରୋକିବାକୁ ସହମତି ଜଣାଇଥିଲା । ଫଳରେ ସିଜଫାୟାର ଘୋଷିତ ହୋଇଥିଲା । ଏଥିପାଇଁ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା ଓ ମେ ୧୭ରୁ ପୁଣି ଆଇପିଏଲ୍ ଆରମ୍ଭ ହୋଇଥିଲା ।

## ୩ ଖେଳାଳିଙ୍କୁ ବିଦାୟ ଦେଲା ମୁମ୍ବାଇ

**ମୁମ୍ବାଇ, ୨୭।୫ (ଏଜେନ୍ସି):** ପଞ୍ଜାବ କିଙ୍ଗ୍‌ସଠାରୁ ପରାଜିତ ହେବା ପରେ ମୁମ୍ବାଇ ଇଣ୍ଡିଆନ୍ସ ତାହାର ୩ଜଣ ବିଦେଶୀ ଖେଳାଳିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛି । ଏହି ୩ଜଣ ହେଲେ ରିୟାନ ରିକେଲଟନ, କର୍ବିନ ବୋଶ୍ଚ ଓ ୱିଲ ଜ୍ୟାକ୍ସ । ଏହି ୩ ଜଣ ସେମାନଙ୍କ ଦେଶ ପକ୍ଷରୁ ଖେଳିବା ଲାଗି ମୁମ୍ବାଇର ପ୍ଲେ ଅଫ୍ ମ୍ୟାଚ୍ ଖେଳିପାରିବେ ନାହିଁ । ମେ ୩୦ରେ ଖେଳାଯିବାକୁ ଥିବା ପ୍ଲେ ଅଫ୍‌ର ଏଲିମିନେଟରରେ ଖେଳିବ ମୁମ୍ବାଇ । ବିଦାୟ ନେଇଥିବା ୩ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ରିକେଟଲଟନ ଓ ବୋଶ୍ଚ ଅଷ୍ଟ୍ରେଲିଆ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଖେଳିବାକୁ ଇଂଲଣ୍ଡ ଯିବେ । ଇଂଲଣ୍ଡ ୱିଲ ଜ୍ୟାକ୍ସ ଜୁନ୍ ୨୯ ରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌ରେ ଦଳ ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି । ଲିଗ୍ ମ୍ୟାଚ୍ ଶେଷ ହୋଇଥିବା ଦଳର ଅଷ୍ଟ୍ରେଲୀୟ, ଆଫ୍ରିକୀୟ ଓ ଇଂଲଣ୍ଡ ଖେଳାଳି ସ୍ୱଦେଶ ଫେରିଯାଇଛନ୍ତି ।

● ଓଡ଼ିଆ ଖେଳାଳିଙ୍କ କରିଶ୍ମା

## ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଗେଟ୍‌ବଲ୍‌ରେ ଭାରତକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୭।୫ (ସମିସ):** ଓଡ଼ିଆ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଗେଟବ୍‌ଲ ଟିମ୍ ତାଇୱାନ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଗେଟବଲ ଖେଳରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି । ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ଗେଟବଲ ୟୁନିଅନ ଏହି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲା । ଭେଟେରାନ ଯନ୍ତ୍ରୀ ଦିପାୟନ ପଟ୍ଟନାୟକଙ୍କ ନେତୃତ୍ୱରେ ଉମାକାନ୍ତ ପାଣି, ସର୍ବେଶ୍ୱର ମହାପାତ୍ର ଓ ଦିଲୀପ ଷଡଙ୍ଗୀ ଓଡ଼ିଆ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲେ । ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା । ଭାରତର ଯୁବ ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ଯେଉଁ ସଫଳତା ପାଉ ନାହାନ୍ତି, ତାହା ମାଷ୍ଟର୍ସ ଖେଳାଳିମାନେ କରି ଦେଖାଇଛନ୍ତି ବୋଲି ଗେଟ୍‌ବଲ୍‌ରେ ସ୍ୱର୍ଣ୍ଣବିଜୟରୁ ସ୍ପଷ୍ଟ ହୋଇଛି । ତାଇପେଇ ସିଟିର ୬୧ଟି ଭେନ୍ୟୁରେ ଖେଳାଯାଇଥିବା ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସରେ ୩୫ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦୮ ଟି ଦେଶରୁ ୨୫,୦୪୯ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।



### ଆଇପିଏଲ୍ ୧୮ : ରଷଭ ପନ୍ତଙ୍କ ଅପରାଜିତ ଶତକ ବ୍ୟର୍ଥ

# କ୍ୱାଲିଫାୟର-୧ରେ ବେଙ୍ଗାଲୁରୁ-ପଞ୍ଜାବ

**ଲକ୍ଷ୍ନୌ, ୨୭।୫ (ଏଜେନ୍ସି)**



କାମଚଳା ଅଧିନାୟକ ଜିତେଶ ଶର୍ମା (୮୫*)ଙ୍କ ବିସ୍ଫୋରକ ବ୍ୟାଟିଂ, ସୁପରଷ୍ଟାର ବିରାଟ କୋହଲି (୫୪) ଓ ଅନ୍ୟ ବ୍ୟାଟରଙ୍କ ଉପଯୋଗୀ ସହାୟତା ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୭୦ତମ ତଥା ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି)କୁ ପରାସ୍ତ କରିଛି । ଏହି ବିଜୟ ଫଳରେ ୧୪ଟି ମଧ୍ୟରୁ ୯ମ ବିଜୟ ସହ ୧୯ ପଏଣ୍ଟ ପାଇ ବେଙ୍ଗାଲୁରୁ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଲିଗ୍ ମ୍ୟାଚ୍ ଶେଷରେ ପଞ୍ଜାବ କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସମାନ ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମେ ୨୯ରେ ହେବାକୁ ଥିବା କ୍ୱାଲିଫାୟର-୧ରେ ମୁକାବିଲା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେହିପରି ୧୮ ପଏଣ୍ଟ ସହ ଗୁଜରାଟ ଟାଇଟନ୍ସ ତୃତୀୟ ଓ ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ସ୍ଥାନରେ ରହି ମେ ୩୦ରେ ଖେଳାଯିବାକୁ ଥିବା ଏଲିମିନେଟରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ।

ଏହି ମ୍ୟାଚ୍‌ରେ ଋଷଭ ପନ୍ତ (୧୧୮)ଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଏଲ୍‌ଏସ୍‌ଜି ୩ ୱିକେଟରେ ୨୨୭ ରନ୍ କରିଥିଲା । ଜବାବରେ ବେଙ୍ଗାଲୁରୁ ୧୮.୪ ଓଭରରେ ମାତ୍ର ୪ ୱିକେଟ ହରାଇ ୨୩୦ ରନ୍ କରିବା ସହ ସହଜରେ ଏହି ମ୍ୟାଚ୍‌କୁ ଜିତିନେଇଥିଲା । ଦଳ ପକ୍ଷରୁ ଫିଲିପ୍ ସଲ୍ଟ ୩୦, କୋହଲି ୩୦ ବଲ୍‌ରେ ୫୪ ରନ୍ କରିବା ଫଳରେ ଦଳ ୧୨ତମ ଓଭରରେ ୧୨୩ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା । କିନ୍ତୁ ମୟଙ୍କ ଅଗରୱାଲଙ୍କ ସାଥ୍ କରି ଜିତେଶ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବେଙ୍ଗାଲୁରୁକୁ ୮ଟି ବଲ ବାକିଥାଇ ମ୍ୟାଚ୍ ବିଜେତା କରିଥିଲା । ମୟଙ୍କ ୨୩ ବଲ୍‌ରୁ ୪୧ ଓ ଜିତେଶ ୩୩ ବଲ୍‌ରୁ ୮ ଚୌକା ଓ ୬ଛକା ସହାୟତାରେ ୮୫ ରନ୍ କରି ଅପରାଜିତ ରହିବା ସହ ବେଙ୍ଗାଲୁରୁକୁ କ୍ୱାଲିଫାୟରରେ ପହଞ୍ଚାଇଥିଲେ ।

### ପନ୍ତ, ମାର୍ଶଙ୍କ ଦୃଢ଼ ବ୍ୟାଟିଂ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏସ୍‌ଜି ମିଚେଲ ମାର୍ଶଙ୍କ ୬୭ ରନ୍ ଅଧିନାୟକ ଋଷଭ ପନ୍ତଙ୍କ ଅପରାଜିତ ୧୧୮ ରନ୍ ବଳରେ ଦଳ ଭଲ ବ୍ୟାଟିଂ କରିଥିଲେ । ଉଭୟ ଖେଳାଳି ବେଙ୍ଗାଲୁରୁ ବୋଲରଙ୍କୁ ପଡ଼ିଆର ଚାରିଆଡକୁ ସଟମାନ ମାରି ଦ୍ୱିତୀୟ ୱିକେଟ ପାର୍ଟନରସିପରେ ୭୮ ବଲ୍‌ରୁ ଉଠାଇଥିଲେ ୧୫୨ ରନ୍ । ମାର୍ଶ ୩୭ ବଲ୍‌ରୁ ୪ ଚୌକା ଓ ୫ଛକା ସହ ୬୭ ରନ୍ କରିଥିଲେ । କିନ୍ତୁ ୨୯ ବଲ୍‌ରେ ୫୦ ରନ୍ କରିଥିବା ପନ୍ତ ୫୪ ବଲ୍‌ରେ ଆଇପିଏଲ୍‌ରେ ଦ୍ୱିତୀୟ ଶତକ ପୂରଣ କରିଥିଲେ । ଶେଷପର୍ଯ୍ୟନ୍ତ ଆଉଟ ହୋଇ ନ ଥିବା ପନ୍ତ ୬୧ ବଲ୍‌ର ସାମ୍ନା କରି ୧୧ ଚୌକା ଓ ୮ ଛକା ସହ ୧୧୮ ରନ୍ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ସେ ପୂର୍ବରୁ ଗୋଟିଏ ଅର୍ଦ୍ଧଶତକ ଚେନ୍ନାଇ ବିପକ୍ଷରେ ୬୩ ରନ୍ କରିଥିଲେ । ବେଙ୍ଗାଲୁରୁ ବୋଲର ପ୍ରଭାବଶାଳୀ ହୋଇ ପାରି ନ ଥିଲାବେଳେ ନୁୱାନ ତୁଷାରା, ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ।

### କୋହଲିଙ୍କ ସର୍ବାଧିକ ରନ୍ ଓ ଅର୍ଦ୍ଧଶତକ

ଲକ୍ଷ୍ନୌ ବିପକ୍ଷରେ ୫୪ ରରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ ମଧ୍ୟ ବେଙ୍ଗାଲୁରୁ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଏକାଧିକ କୀର୍ତ୍ତିମାନ ହାସଲ କରିଛନ୍ତି । ସେ ଆଇପିଏଲରେ ସର୍ବାଧିକ ୬୩ଟି ଅର୍ଦ୍ଧଶତକ ହାସଲ କରି ଡେଭିଡ୍ ୱାର୍ଣ୍ଣରଙ୍କୁ ପଛରେ ପକାଇଛନ୍ତି । ୱାର୍ଣ୍ଣର ପୂର୍ବରୁ ୬୨ଟି ଅର୍ଦ୍ଧଶତକ ହାସଲ କରି ତାଲିକାର ଶୀର୍ଷରେ ରହିଥିଲେ । କୋହଲି ଗୋଟିଏ ଦଳ ତରଫରୁ ପ୍ରତିନିଧିତ୍ୱ କରି ବିଶ୍ୱର ପ୍ରଥମ କ୍ରିକେଟର ଭାବେ ୯ ହଜାର ଟି-୨୦ ରନ ପୂରଣ କରି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି ।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ବେଙ୍ଗାଲୁରୁ | ୧୪ | ୯ | ୪ | ୧ | ୧୯ | +୦.୩୦୧ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ମୁମ୍ବାଇ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୪ | ୬ | ୮ | ୦ | ୧୨ | -୦.୩୭୬ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

### ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

## ଭୁବନେଶ୍ୱର-ଏ, ରାଉରକେଲା ବିଜୟୀ







**କଟକ, ୨୭।୫ (ସମିସ):** କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଭୁବନେଶ୍ୱର-ଏ ଏବଂ ରାଉରକେଲା ବିଜୟୀ ହୋଇଛନ୍ତି । ବିଡାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୩୬ ରନରେ ଗଞ୍ଜାମକୁ ହରାଇଥିଲା । ଶ୍ରେୟାଂଶୁ ପଟ୍ଟନାୟକଙ୍କ ୫୪ରନ ଏବଂ ଶାଶ୍ୱତ ରାଉତଙ୍କ ୫୩ରନ ସହାୟତାରେ ଭୁବନେଶ୍ୱର-ଏ ସମସ୍ତ ୱିକେଟ ହରାଇ ୧୭୭ରନ କରିଥିଲା । ଗଞ୍ଜାମର ଅଭିନୀତ ପଟ୍ଟନାୟକ ଏବଂ ଅନିରୁଦ୍ଧ ପଟ୍ଟନାୟକ ୪ଟି ଲେଖାଏ ୱିକେଟ ହାସଲ କରିଥିଲେ । ୨୦ ଓଭର ଖେଳ ଶେଷ ସୁଦ୍ଧା ଗଞ୍ଜାମ ୮ ୱିକେଟ ବିନିମୟରେ ୭୧ରନ ସଂଗ୍ରହ କରିଥିଲା । ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିବା ବେଳେ ଭୁବନେଶ୍ୱର-ଏ ଡିଏଲଏସ୍ ପଦ୍ଧତିରେ ବିଜୟୀ ଘୋଷିତ ହୋଇଥିଲା । ୭ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିଥିବା ଭୁବନେଶ୍ୱର-ଏର ସୌମ୍ୟ ମହାନ୍ତି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ରେଭେନ୍ସା ଗ୍ରାଉଣ୍ଡ-୧ରେ ରାଉରକେଲା ୪ ୱିକେଟରେ ନୂଆପଡାକୁ ହରାଇଥିଲା । ନୂଆପଡା ୧୦୪ ରନରେ ଅଲ ଆଉଟ ହୋଇଥିଲା । ଜବାବରେ ରାଉରକେଲା ୨୫.୩ ଓଭରରେ ୬ ୱିକେଟ ହରାଇ ୯୯ରନ କରିଥିବା ବେଳେ ବର୍ଷା ବାଧକ ସାଜିଥିଲା । ରାଉରକେଲା ଡିଏଲଏସ୍ ପଦ୍ଧତିରେ ବିଜୟୀ ହୋଇଥିବା ବେଳେ ୩ ୱିକେଟ ଦଖଲ ସହ ୧୯ରନ ସଂଗ୍ରହ କରିଥିବା ରାଉରକେଲାର କ୍ରୀଷ୍ଣା ସିଂହ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । କଟକ-ଏ ଓ ବାଲେଶ୍ୱର, କେନ୍ଦୁଝର ଓ ପୁରୀ, ଢ଼େଙ୍କାନାଳ ଓ କନ୍ଧମାଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି ।

## ଜାତୀୟ ଶକ୍ତିଉତ୍ତୋଳନରେ ଓଡ଼ିଶାର ପ୍ରତିଷ୍ଠା ସିଂ ଶ୍ରେଷ୍ଠ

**ଭୁବନେଶ୍ୱର, ୨୭।୫ (ସମିସ):** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି । ଦଳର ଦୁଇ ପ୍ରତିଯୋଗୀ ପ୍ରତିଷ୍ଠା ସିଂ ଓ ସୋମେନ ସେନାପତି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଏପରିକି କନିଷ୍ଠ ବାଳିକା ବିଭାଗ ୬୯ କିଲୋଗ୍ରାମ୍ ବେଞ୍ଚପ୍ରେସ୍‌ରେ ସ୍ୱର୍ଣ୍ଣପଦକ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ପ୍ରତିଷ୍ଠାଙ୍କୁ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚନା କରାଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ୧୨ଟି ପଦକ ବିଜୟୀ ହୋଇଛି । ଅନ୍ୟ ପଦକ ବିଜେତାମାନେ ହେଲେ ସୋମେନ ସେନାପତି, ପ୍ରିୟାଂଶୁ ପଟ୍ଟନାୟକ, ପ୍ରଜ୍ଞାନ ପ୍ରଧାନ, ଜ୍ୟୋତି ଖରା ପଦକ ବିଜୟୀ ହୋଇଛନ୍ତି । ପଦକ ବିଜେତାଙ୍କୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି ।

● ଏସିଆନ ଆଥଲେଟିକ୍ ଚାମ୍ପିଅନସିପ୍

## ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଗୁଲବୀର୍


**ଗୁମି,୨୭ ।୫(ଏଜେନ୍ସି):** ଦକ୍ଷିଣ କୋରିଆ ଗୁମିଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ । ପ୍ରଥମ ଦିବସରେ ଲଙ୍ଗ-ଡିଷ୍ଟାନ୍ସ ରନର ଗୁଲବୀର ସିଂ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସ୍ଥାନୀୟ ଗୁମି ସିଭିକ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ରେସ୍ ଇଭେଣ୍ଟରେ ୨୬ ବର୍ଷୀୟ ଗୁଲବୀର ୨୮ ମିନିଟ୍ ୩୮.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି । ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଆଥଲେଟ୍ ସାବନ ବରୱାଲ ୨୮ ମିନିଟ୍ ୫୦.୫୩ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି । ଏହି ଇଭେଣ୍ଟରେ ଜପାନର ମେବୁକି ସୁଜୁକି (୨୮:୪୩.୮୪) ରୌପ୍ୟ ଓ ବାହରିନର ଆଲବର୍ଟ କିବିଚି ରୋପ (୨୮:୪୬.୮୨) କାଂସ୍ୟ ପଦକ ହାସଲ କରିଛନ୍ତି । **୨୦କିମି ଚାଲିରେ ସେର୍ଭିନଙ୍କୁ କାଂସ୍ୟ:** ସେହିପରି ଭାରତର ଅନ୍ୟତମ ଲଙ୍ଗ ଡିଷ୍ଟାନ୍ସ ରନର ସେର୍ଭିନ ସେବାଷ୍ଟିଆନ୍ ପୁରୁଷ ୨୦କି.ମି. ଚାଲିରେ କାଂସ୍ୟ ପଦକ ହାସଲ କରିଥିଲେ ଓ ଦେଶ ପାଇଁ ପ୍ରଥମ ପଦକ ହାସଲ କରିଥିଲେ । ସେର୍ଭିନ୍ ୧ ଘଣ୍ଟା ୨୧ ମିନିଟ୍ ୧୩.୬୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ । ଏହି ଇଭେଣ୍ଟରେ ଭାରତର ଅମିତ ଖାତ୍ରୀ (୧:୨୨.୧୫) ପଞ୍ଚମ ସ୍ଥାନରେ ରହିଥିଲେ । ମହିଳା ଜାଭେଲିନ୍ ଥ୍ରୋରେ ଅନୁ ରାନୀ ତୃତୀୟ ପ୍ରୟାସରେ ୫୮.୪୦ ମିଟର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ । ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମିଟ୍‌ରେ ୪୩ଟି ଦେଶରୁ ୨୦୦୦ ଆଥଲେଟ ଅଂଶଗ୍ରହଣ କରିଛନ୍ତି ।



**ଫ୍ରେଞ୍ଚ ଓପନ୍ ଟେନିସ**

## ସିନର, ଜ୍ୱେରେଭ, ଜୋକୋଭିଚ୍‌ଙ୍କ ଅଭିଯାନ ଆରମ୍ଭ





**ପ୍ୟାରିସ,୨୭ ।୫(ଏଜେନ୍ସି):** ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ର ପୁରୁଷ ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି । ମଙ୍ଗଳବାର ତୃତୀୟ ଦିବସରେ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଷଷ୍ଠ ସିଡ୍ ସର୍ବିଆରେ ଷଷ୍ଠ ସିଡ୍ ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି । ସିନର ୬-୪, ୬-୩, ୭-୫ ସେଟ୍‌ରେ ଫ୍ରାନ୍ସର ଅଣସିଡ୍ ଖେଳାଳି ଆର୍ଥର ରିଣ୍ଡେରକ୍ନେଚଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ସେହିପରି ରବିବାର ଜେନିଭା ଓପନ୍‌ରେ ଚାମ୍ପିଅନ ହୋଇ ୧୦୦ତମ ଟାଇଟଲ ଜିତିଥିବା ସର୍ବିଆ ଅଭିଜ୍ଞ ଖେଳାଳି ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ୬-୩, ୬-୩, ୬-୩ ସିଧାସଳଖ ସେଟ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି । ଜ୍ୱେରେଭ ୬-୩, ୬-୩, ୬-୪ ସେଟ୍‌ରେ ଆମେରିକାର ଲର୍ଣ୍ଣର ଟିଏନଙ୍କୁ, ୯ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୩, ୬-୪, ୭-୬ ସେଟ୍‌ରେ ସର୍ବିଆର ଲାସଲୋ ଡିଜେରେଙ୍କୁ, କାଜାଖସ୍ତାନର ଆଲେକଜାଣ୍ଡର ବଲବିକ୍ ୬-୨, ୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥଙ୍କୁ ପରାସ୍ତ କରି, ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ଆମେରିକାର ଇଥାନ କୁଇନ୍‌ଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ତେବେ ରୁଷିଆର ୧୧ତମ ସିଡ୍ ଖେଳାଳି ଡାନିଲ ମେଦଭେଦେଭ ୫-୭, ୩-୬, ୬-୪, ୬-୧, ୫-୭ ମାରାଥନ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି ।

### ଗଫ୍, ଆନ୍ଦ୍ରିଭା ଦ୍ୱିତୀୟ ରାଉଣ୍ଡରେ

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି କୋକୋ ଗଫ୍, ତୃତୀୟ ସିଡ୍ ଜେସିକା ପେଗୁଲା, ୩୧ତମ ସିଡ ସୋଫିଆ କେନିନ୍, ଷଷ୍ଠ ସିଡ୍ ରୁଷିଆରେ ମୀରା ଆନ୍ଦ୍ରିଭା, ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଅନ୍ୟ ତାରକା ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି । ଗଫ୍ ୬-୨, ୬-୨ ସିଧା ସେଟ୍‌ରେ ଅଷ୍ଟ୍ରେଲିଆର ଓଲିଭିଆ ଗାଡେକିଙ୍କୁ, ପେଗୁଲା ୬-୨, ୬-୪ ସିଧା ସେଟ୍‌ରେ ରୋମାନିଆର ଅନକା ଟୋଡନୀଙ୍କୁ, ଆନ୍ଦ୍ରିକା ୬-୪, ୬-୩ ସେଟ୍‌ରେ ସ୍ପେନର କ୍ରିଷ୍ଟିନା ବୁସ୍କାଙ୍କୁ, ଆଜାରେଙ୍କା ୬-୦, ୬-୦ ସେଟ୍‌ରେ ବେଲଜିୟମର ୟାନିନା ୱିକମାୟରଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି । କିନ୍ତୁ ଗ୍ରୀସ୍‌ର ମାରିଆ ସାକାରି ୩-୬, ୬-୭ ସେଟ୍‌ରେ ଫ୍ରାନ୍ସର ଏଲ୍‌ସା ଜାକ୍ୱେମୋଟଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଏହା ଫଳରେ ମାରିଆ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

## ୨୦୨୭ ବିଶ୍ୱକପ୍ ପୂର୍ବରୁ ୨୭ଟି ଦିନିକିଆ ଖେଳିବ ଭାରତ

**ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଅକ୍ଟୋବର-ନଭେମ୍ବରରେ ଖେଳାଯିବ ଦିନିକିଆ ବିଶ୍ୱକପ୍ । ଏହି ମେଗା ଇଭେଣ୍ଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଅଗଷ୍ଟ ମାସରୁ ଆରମ୍ଭ ହେବ । ଏବେ ବରିଷ୍ଠ କ୍ରିକେଟ ଦଳ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଇଂଲଣ୍ଡ ଗସ୍ତରେ ଯିବ । ଏହା ପରେ ବାଂଲାଦେଶ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ଭାରତର ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ ହେବ । ଏହାରି ମଧ୍ୟରେ ଭାରତ ୮ଟି ଜାତୀୟ ଦଳ ସହ ଭିନ୍ନ ଭିନ୍ନ ପରିବେଶରେ ୯ଟି ସିରିଜ ବା ୨୭ଟି ଦିନିକିଆ ମ୍ୟାଚ୍ ଖେଳିବ । କିନ୍ତୁ ଏହି ୯ଟି ସିରିଜ୍ ମଧ୍ୟରେ ଗୋଟିଏ ହେଲେ ଯୁଗ୍ମ ଆୟୋଜକ ଦେଶରେ ହେବ ନାହିଁ । ଦକ୍ଷିଣ ଆଫ୍ରିକା ସହ ଭାରତ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଘରୋଇ ମାଟିରେ ଅର୍ଥାତ୍ ଭାରତରେ ଖେଳାଯିବ । ଭାରତୀୟ ପିଚ୍ ଓ ଆଫ୍ରିକୀୟ ପିଚ୍ ମଧ୍ୟରେ ଅନେକ ତଫାତ୍ ରହିଛି । ୯ଟି ସିରିଜ୍ ମଧ୍ୟରୁ ଘରୋଇ ମାଟିରେ ୬ଟି ଓ ବିଦେଶରେ ୩ଟି ଯଥା ବାଂଲାଦେଶ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସହ ଖେଳିବ । ନ୍ୟୁଜିଲାଣ୍ଡ ସହ ୨ଟି ସିରିଜ୍ ଖେଳାଯିବାକୁ ଥିଲାବେଳେ ୨ଟିଯାକ ଭାରତୀୟ ମାଟିରେ ଖେଳାଯିବ । ଏଣୁ ଭାରତ ପର୍ଯ୍ୟାପ୍ତ ମ୍ୟାଚ୍ ଖେଳିବାକୁ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ପିଚ୍ ସହ ସାମଞ୍ଜସ୍ୟ ଥିବା ପିଚ୍‌ରେ ମାତ୍ର ୬ଟି ମ୍ୟାଚ୍ ଖେଳିବ । ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଏହି ୬ଟି ମ୍ୟାଚ୍ ଖେଳାଯିବ ।

**ଭାରତର ଦିନିକିଆ ଖେଳସୂଚୀ**

| ପ୍ରତିଦ୍ୱନ୍ଦ୍ୱୀ | ମ୍ୟାଚ୍ | ଆୟୋଜକ | ଖେଳସମୟ |
|---|---|---|---|
| ବାଂଲାଦେଶ | ୩ | ବାଂଲାଦେଶ | ଅଗଷ୍ଟ, ୨୦୨୫ |
| ଅଷ୍ଟ୍ରେଲିଆ | ୩ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ.ଆଫ୍ରିକା | ୩ | ଭାରତ | ନଭେମ୍ବର-ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ଭାରତ | ଜାନୁଆରୀ ୨୦୨୬ |
| ଆଫଗାନିସ୍ତାନ | ୩ | ଭାରତ | ଜୁନ୍ |
| ଇଂଲଣ୍ଡ | ୩ | ଇଂଲଣ୍ଡ | ଜୁଲାଇ |
| ୱେଷ୍ଟଇଣ୍ଡିଜ୍ | ୩ | ଭାରତ | ସେପ୍ଟେମ୍ବର-ଅକ୍ଟୋବର |
| ନ୍ୟୁଜିଲାଣ୍ଡ | ୩ | ଭାରତ | ଅକ୍ଟୋବର-ନଭେମ୍ବର |
| ଶ୍ରୀଲଙ୍କା | ୩ | ଭାରତ | ଡିସେମ୍ବର, ୨୦୨୬ |
| ବିଶ୍ୱକପ୍ | - | ଦଆଫ୍ରିକା+ | ଅକ୍ଟୋବର-ନଭେମ୍ବର, ୨୦୨୭ |


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS